R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦
ତିଥି : ନବମୀ
୨୫ ଅକ୍ଟୋବର ୨୦୨୪, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଭିତରକନିକା-ଧାମରା ମଧ୍ୟରେ ଲ୍ୟାଣ୍ଡଫଲ

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ଭୀଷଣ ବାତ୍ୟା 'ଦାନା' ସାରା ରାତି ତାଣ୍ଡବ ରଚିଛି । ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ପାରାଦୀପରେ ଭୟଙ୍କର ପବନ ସହ ଭାରୀ ବର୍ଷା ବେହାଲ କରିଛି । ଏହିସବୁ ଜିଲ୍ଲାରେ ଜନଜୀବନ ବେଶୀ ପ୍ରଭାବିତ ହୋଇଛି । ଉପକୂଳବର୍ତ୍ତୀ ଅଞ୍ଚଳରୁ ନିଜ ଭିଟାମାଟି ଛାଡ଼ିଛନ୍ତି ଲକ୍ଷଲକ୍ଷ ଲୋକ । କେନ୍ଦ୍ରାପଡ଼ାର ଟିକାୟତ ନଗର, ଜଗତସିଂହପୁରର ମୁସାଦିଆ, ଭଦ୍ରକର ମୋହନପୁର, ବାଲେଶ୍ୱରର କୁମ୍ଭୀରଗରୀରେ ନକିଟରେ ଝଡ଼ ତୋଫାନ ଅତିକ୍ରମ



## ତିନି ଜିଲ୍ଲାରେ ୧ରୁ ୨ ମିଟର ଉଚ୍ଚର ଜୁଆର
## ୧୦୦-୧୨୦ କିମି ବେଗରେ 'ଦାନା'ମାଡ଼
## ଗଛ ଉପୁଡ଼ିଲା, ଘର ଭାଙ୍ଗିଲା, ବିଦ୍ୟୁତ କଟିଲା
## ଆଜି ବି ରାଜ୍ୟରେ ୨୧ ଜିଲ୍ଲାରେ ପ୍ରବଳ ବର୍ଷା

କରିବ । ଗୁରୁବାର ମଧ୍ୟରାତ୍ରିରୁ ଭୋର ୫ଟା ଯାଏ ଧାମରାରୁ ଭିତରକନିକା ମଧ୍ୟରେ ଲ୍ୟାଣ୍ଡଫଲ କରିବ ।

ପାଣିପାଗ ବିଭାଗର କହିବା ଅନୁସାରେ, ଭୀଷଣ ବାତ୍ୟାର ରୂପ ନେଇ ଓଡ଼ିଶା ଉପକୂଳ ମୁହାଁ ହେଉଛି 'ଦାନା' । ଏହା ଘଣ୍ଟାପ୍ରତି ୧୩ କିମି ବେଗରେ ଗତି କରୁଛି । ଏବେ ଏହା ପାରାଦୀପର ଦକ୍ଷିଣପୂର୍ବ ଦିଗରୁ ୯୦ କିମି ଦୂରରେ ଓ ଧାମରାର ଦକ୍ଷିଣ ଓ ଦକ୍ଷିଣ-ପୂର୍ବରେ ୧୧୦ କିମି ଦୂରରେ ଗତି (୯ ପୃଷ୍ଠାରେ)

## ରେଡ ଜୋନରେ ଇଣ୍ଟ୍ରା ସର୍କଲ୍ ରୋମିଂ ନେଟୱାର୍କ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ରେଡ ଜୋନର ୭ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁର, ମୟୂରଭଞ୍ଜ, ଯାଜପୁର ଓ କଟକରେ ଭାରତ ସରକାରଙ୍କ ଦୂରସଂଚାର ବିଭାଗର ମାର୍ଗଦର୍ଶନ ଏବଂ ବିଭିନ୍ନ ଟେଲେକମ ପ୍ରଦାନକାରୀ ସଂସ୍ଥା ଯଥା ବିଏସଏନଲ, ଜିଓ, ଏୟାରଟେଲ ଓ ଭୋଡାଫୋନର ସମୁଚିତ ସହଯୋଗରେ ଆଜି ସକାଳ ୮ ଘଟିକା ଠାରୁ ଇଣ୍ଟ୍ରା ସର୍କଲ୍ ରୋମିଂ କାର୍ଯ୍ୟକାରୀ କରାଯାଇଛି । ବୋଲି ଇଲୋକ୍ଟ୍ରୋନିକସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଏହା ଦ୍ୱାରା ଗୋଟିଏ ଟେଲିକମ କମ୍ପାନୀର ଗ୍ରାହକ ଅନ୍ୟ ଟେଲିକମ କମ୍ପାନୀର ନେଟୱାର୍କ ବ୍ୟବହାର କରିପାରୁଛନ୍ତି । ଗୋଟିଏ ଟେଲିକମ କମ୍ପାନୀର ନେଟୱାର୍କ ଡାଉନ୍ ହୋଇଗଲେ ଅନ୍ୟ ଟେଲିକମ କମ୍ପାନୀର ନେଟୱାର୍କକୁ ଜନସାଧାରଣ ବ୍ୟବହାର

## ହବିଷ୍ୟାଳିଙ୍କ ମହାପ୍ରଭୁ ଦର୍ଶନ ବନ୍ଦ

ପୁରୀ,୨୪।୧୦(ସବ୍ୟୁ): ବାତ୍ୟା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନହେବ ସେଥିପାଇଁ ମନ୍ଦିର ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ନେଇଛି । ଆଜି ଓ ଆସନ୍ତାକାଲି ପାଇଁ ହବିଷ୍ୟାଳିଙ୍କ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ବାତିଲ କରାଯାଇଛି । ଆନନ୍ଦ ବଜାରରେ ଥିବା ଅସ୍ଥାୟୀ ଟିଣ ବାହାର କରିଦିଆଯାଇଛି । ବର୍ଷା ପାଣିରୁ ରକ୍ଷା ପାଇଁ ଅସ୍ଥାୟୀ ଖଟସେଜ ଘର ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ସିଂହଦ୍ୱାର ସମ୍ମୁଖ ଉଡ଼ଉ ସ୍କ୍ରିନ ଅପସାରଣ କରାଯାଇଛି । କୋଇଲି ବୈକୁଣ୍ଠ ପରିସର ଗୃହରେ ଟିଣ ସିଟ୍ ଛାତ ଉପରେ ଦିଆଯାଇଛି ବାଲି ବସ୍ତା । ସାତପାହାଚ ନିକଟରେ ଭକ୍ତଙ୍କ ସୁବିଧା ପାଇଁ ଧାଡ଼ି ବ୍ୟବସ୍ଥା ବାରିକେଡ୍ ଉପର ଛାତ କରାଯାଇଛି । ସିଂହଦ୍ୱାର ସମ୍ମୁଖ ଧାଡ଼ି ବ୍ୟବସ୍ଥା ଉପର ପାଲ ମଧ୍ୟ କରାଯାଇଛି । ଏଥିସହ ସିସିଟିଭି ବ୍ୟବସ୍ଥା ପ୍ରଭାବିତ ନ ହେବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପ୍ରସ୍ତୁତିର ଅଗ୍ରଗତି ସମୀକ୍ଷା

## ୩ ଲକ୍ଷ ୬୨ ହଜାର ଲୋକଙ୍କୁ ସ୍ଥାନାନ୍ତରଣ କରାଯିବ



ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ଆଲୋଚନା କରିଛନ୍ତି ।

ସମୀକ୍ଷା ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୧ଟି ଜିଲ୍ଲାର ୩୮ଟି ବ୍ଲକର ୧୬୫୩ଟି ଗ୍ରାମ , ୯ଟି ପୌରାଞ୍ଚଳ ଓ ୨୬ଟି ୱାର୍ଡ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହି ସବୁ ଅଞ୍ଚଳରେ ଥିବା ତଳିଆ ଓ ବିପଦଶଙ୍କୁଳ ଅଞ୍ଚଳରୁ ସମୁଦାୟ ୩,୬୨,୦୦୦ ଲୋକଙ୍କୁ ସ୍ଥାନାନ୍ତରିତ କରିବାର ଲକ୍ଷ୍ୟ ରହିଛିଛ ଆଜି ଦିନ ୧୧ଟା ସୁଦ୍ଧା ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେଛ ଆଉ କିଛି ଘଣ୍ଟା ମଧ୍ୟରେ ସ୍ଥାନାନ୍ତର ପ୍ରକ୍ରିୟାରେ ଶତ ପ୍ରତିଶତ ସଫଳତା ହାସଲ ହେବ ବୋଲି ସେ କହିଥିଲେ । ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ୨୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନା ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି ବୋଲି ସେ କହିଥିଲେ ।

ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରସ୍ତୁତିର ସମୀକ୍ଷା ଅବସରରେ ସ୍ଥାନାନ୍ତରଣ କରିବା ପକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସଂପ୍ରତି ଏହି ସବୁ ଜିଲ୍ଲା ଗୁଡିକରେ ୮୪୨ଟି (୯ ପୃଷ୍ଠାରେ)

## ବାତ୍ୟା ମୁକାବିଲା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଓଡ଼ିଶାରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି ।

ଆଲୋଚନା ସମୟରେ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଚାଲିଥିବା ଲୋକଙ୍କ ସ୍ଥାନାନ୍ତର ପ୍ରକ୍ରିୟା ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହା ସହିତ ଲୋକଙ୍କ ସୁରକ୍ଷା ପାଇଁ ନିଆ ଯାଇଥିବା ସୁରକ୍ଷା ବଳ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଆଦି ମୁତୟନ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ ।

ଆଲୋଚନା ପରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସଂପର୍କରେ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଆଜି ଅପରାହ୍ଣରେ ମଧ୍ୟ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ୨୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ଆଗାମୀ ୨୮ତାରିଖରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି । ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ଅକ୍ଟୋବର ୨୮ରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ (୯ ପୃଷ୍ଠାରେ)

## କନ୍ଧମାଳ ଜିଲ୍ଲାରେ ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ଆସନ୍ତାକାଲି କନ୍ଧମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ବନ୍ଦ ରହିବ । ଏନେଇ ଆଜି ଜିଲ୍ଲାର ସମସ୍ତ ବିଇଓ, ପ୍ରଧାନଶିକ୍ଷକମାନଙ୍କୁ ଚିଠି ଲେଖିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ।

ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ସ୍କୁଲଗୁଡ଼ିକୁ ଆସନ୍ତାକାଲି ପାଇଁ ଛୁଟି ଘୋଷଣା କରାଯାଇଛି । ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି । ଭୀଷଣ ବାତ୍ୟା 'ଦାନା' ଆଜି ମଧ୍ୟରାତ୍ରରୁ ଆସନ୍ତାକାଲି ସକାଳ ମଧ୍ୟରେ ଭିତରକନିକାରୁ ଧାମରା ମଧ୍ୟରେ ଲ୍ୟାଣ୍ଡଫଲ କରିବା ନେଇ ଆକଳନ କରାଯାଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଓ ପବନ ଜାରି ରହିଛି । 'ଦାନା' ପ୍ରଭାବରେ ଆସନ୍ତାକାଲି ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଯାଜପୁର, ବାଲେଶ୍ୱର ଓ ମୟୁରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାର କିଛି କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି । ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ନୟାଗଡ଼ ଓ ଢେଙ୍କାନାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ନେଇ ୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ତା' ମଧ୍ୟରେ କନ୍ଧମାଳ ମଧ୍ୟ ରହିଛି । ୟେଲୋ (୯ ପୃଷ୍ଠାରେ)

## ବ୍ରିକ୍ସ ଅଧିବେଶନରେ ଜୟଶଙ୍କର

# ଜାତିସଂଘରେ ଭାରତକୁ ସ୍ଥାୟୀ ସଦସ୍ୟତା ମିଳୁ

ନୂଆଦିଲ୍ଲୀ, ୨୪।୧୦ : ବ୍ରିକ୍ସ ସମ୍ମିଳନୀ ଶେଷ ଦିନରେ ୟୁଏନ ସ୍ଥାୟୀ ସଦସ୍ୟତା ପାଇଁ ପୁଣି ଦାବି ଦୋହରାଇଲା ଭାରତ । ବିଶ୍ୱକୁ ତୁରନ୍ତ ଅଧିକ ସଂଯୋଗୀକରଣ ବିକଳ୍ପର ଆବଶ୍ୟକତା ରହିଛି କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ।




ମିଳିତ ଜାତିସଂଘ ସୁରକ୍ଷା ପରିଷଦ ସ୍ଥାୟୀ ସଦସ୍ୟତା ପାଇଁ ପୁଣି ଥରେ ଦାବି ଦୋହରାଇଛି ଭାରତ । ରୁଷର କାଜାନ ସହରରେ ଅନୁଷ୍ଠିତ ଷୋଡ଼ଶ ବ୍ରିକ୍ସ ସମ୍ମିଳନୀ ୨୦୨୪ର ଶେଷ ଦିନ (ଗୁରୁବାର) ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଏକ ବିଶ୍ୱସ୍ତରୀୟ ନ୍ୟାୟିକ ବ୍ୟବସ୍ଥା ସୃଷ୍ଟି ପାଇଁ ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକର ସଂସ୍କାର ଆଣିବା ଆବଶ୍ୟକ । ଏହି ସଂସ୍କାର ତୁରନ୍ତ କରାଯିବା ଉଚିତ । ଏହି ଅବସରରେ ବୈଦେଶିକ ମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନୋ ୱାର' ବାର୍ତ୍ତାକୁ ଦୋହରାଇଛନ୍ତ । ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହା ଯୁଦ୍ଧର ଯୁଗ ନୁହେଁ । ପାରସ୍ପରିକ କଥାବାର୍ତ୍ତା ଏବଂ ଶାନ୍ତିପୂର୍ଣ୍ଣ ଉପାୟ ମାଧ୍ୟମରେ ବିବାଦର ସମାଧାନ ହେବା ଉଚିତ ।

ବ୍ରିକ୍ସର ଆଉଟରିଚ୍ ଅଧିବେଶନରେ ଜୟଶଙ୍କର କହିଛନ୍ତି, 'ବ୍ରିକ୍ସ ଦର୍ଶାଉଛି ଯେ ପୁରାତନ ବ୍ୟବସ୍ଥା କେତେ ଗଭୀର ଭାବରେ ବଦଳୁଛି । ଏଥି ସହିତ ଅତୀତର ଅନେକ ଅସମାନତା ଜାରି ରହିଛ । ଜଗତୀକରଣର ଲାଭ ଅତ୍ୟନ୍ତ ଅସମାନ ରହିଛି । ଏଭଳି ପରିସ୍ଥିତିରେ, ବିଶ୍ୱର ସ୍ଥାୟୀ ବିକାଶ ଲକ୍ଷ୍ୟ ବହୁ ପଛରେ ପଡ଼ିବାର ବିପଦ ରହିଛ ।' ଦୀର୍ଘ ଦିନ ଧରି ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଆଣିବାକୁ ଭାରତ ଦାବି କରିଆସୁଛି । ସ୍ଥାୟୀ ଏବଂ ଅସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି । ୧୯୪୫ରେ ଗଠିତ ସୁରକ୍ଷା ପରିଷଦରେ ଆରମ୍ଭରୁ ୧୫ ସଦସ୍ୟ ରହିଛନ୍ତି । ସେଥିମଧ୍ୟରେ ୫ଟି ସ୍ଥାୟୀ ଏବଂ ୧୦ ଅସ୍ଥାୟୀ ସଦସ୍ୟ । ଚାଇନା, ଫ୍ରାନ୍ସ, ରୁଷ, ବ୍ରିଟେନ ଏବଂ ଆମେରିକା ୟୁଏନଏସସିର ସ୍ଥାୟୀ ସଦସ୍ୟ ଅଟନ୍ତ । ଅସ୍ଥାୟୀ ସଦସ୍ୟମାନେ ପ୍ରତି ୨ ବର୍ଷରେ ପରିବର୍ତ୍ତନ ହୁଅନ୍ତି । ତେବେ ଆମେରିକା, ରୁଷ, ଫ୍ରାନ୍ସ ଏବଂ ବ୍ରିଟେନ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଦାବିକୁ ସମର୍ଥନ କରିସାରିଛନ୍ତି । କିନ୍ତୁ ଭିଟୋ ଶକ୍ତି ମାଧ୍ୟମରେ ଚୀନ୍ ଏଥିରେ ବାଧା ସୃଷ୍ଟି କରୁଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, 'ଲଜିଷ୍ଟିକ୍ସ କ୍ଷେତ୍ରର ବୃଦ୍ଧି ଏବଂ ବିପଦକୁ ହ୍ରାସ କରିବା ପାଇଁ ବିଶ୍ୱକୁ ତୁରନ୍ତ ଅଧିକ ସଂଯୋଗୀକରଣ ବିକଳ୍ପର ଆବଶ୍ୟକତା ରହିଛି । ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ପ୍ରତି ଅତ୍ୟଧିକ ସମ୍ମାନ ସହିତ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ଏହା ଏକ ସାମୂହିକ ପ୍ରୟାସ ହେବା ଉଚିତ । ଭାରତର ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକ୍ଚର, ଏହାର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍, ଗତିଶକ୍ତି ଇନଫ୍ରାଷ୍ଟ୍ରକ୍ଚର ସବୁ ମହତ୍ୱପୂର୍ଣ୍ଣ ।ଇଣ୍ଟରନ୍ୟାସନାଲ ସୋଲାର ଆଲାଇନ୍ସ, ଗ୍ଲୋବାଲ ବାୟୋଫୁଏଲ ଆଲାଇନ୍ସ, ମିଶନ ଲାଇଫ୍ଏଡ ଏବଂ ଇଣ୍ଟରନ୍ୟାସନାଲ ବିଗ କ୍ୟାଟ୍ ଆଲାଇନ୍ସ ସାଧାରଣ ସ୍ୱାର୍ଥର ପଦକ୍ଷେପଛ ଆମେ ଏଥିରେ ଉପଯୁକ୍ତ ଅବଦାନ ଦେବାକୁ ଚାହୁଁଛୁ ।

# ଭୁବନେଶ୍ୱର, ଝାରସୁଗୁଡ଼ା ବିମାନ ବନ୍ଦରରେ ବୋମା ଧମକ

ଭୁବନେଶ୍ୱର, ୨୪।୧୦ (ସବ୍ୟୁ) : ଭୁବନେଶ୍ୱର, ଝାରସୁଗୁଡା ବିମାନ ବନ୍ଦରରେ ବୋମା ଗୁଜବ ଯୋଗୁ ଗୁରୁବାର ଅପରାହ୍ଣରେ ବିମାନ ଚଳାଚଳ ବ୍ୟାହତ ହୋଇଥିଲା । ବୋମା ଗୁଜବ ଖବର ମିଳିବା ପରେ ବ୍ୟାପକ ଖାନ୍ ତଲାସି କରାଯାଇଥିଲା । ଖାନ୍‌ତଲାସି ପରେ ଏସ୍‌ଓପି ଅନୁଯାୟୀ ବିମାନ ଚଳାଚଳ ସ୍ୱାଭାବିକ ହୋଇଥିବା ବିଜୁପଟ୍ଟନାୟକ ଆନ୍ତର୍ଜାତୀକ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ।



ଉଡନ୍ତା ବିମାନରେ ବୋମା ଥିବା ସୋସିଆଲ ମିଡିଆ ଏକ୍ସ ଯୋଗେ ହୋକ୍ସ କଲ୍ ଆସିଥିବା ବିମାନ ବନ୍ଦର ନିର୍ଦ୍ଦେଶକ କହିଛନ୍ତି । ଏହାପରେ ବୋମା ନିଷ୍କ୍ରିୟକାରୀ ଦଳ, ସ୍ପେଶାଲ ଫୋର୍ସ ପହଞ୍ଚି ତନତନ କରି ଯାଞ୍ଚ କରିଥିଲେ । କେବଳ ସ୍ପେଶାଲ ଫୋର୍ସ ନୁହଁନ୍ତି ବିମାନ ବନ୍ଦର ସୁରକ୍ଷାରେ ଥିବା ସିଆଇଏସ୍‌ଏଫ୍ ମଧ୍ୟ ବ୍ୟାପକ ଯାଞ୍ଚ କରିଥିଲା । ଯାଞ୍ଚ (୯ ପୃଷ୍ଠାରେ)

## ମେଟା ଓ ଏକ୍ସକୁ କେନ୍ଦ୍ରର ଭର୍ତ୍ସନା

ନୂଆଦିଲ୍ଲୀ,୨୪।୧୦: ସୋଶାଲ ମିଡିଆ ପ୍ଲାଟଫର୍ମ ମୋଟା ଏବଂଏକ୍ସକୁ ଭର୍ତ୍ସନା କରିଛନ୍ତି କେନ୍ଦ୍ର ସରକାର । ବିମାନରେ ବୋମା ଥିବା ନେଇ ମିଳୁଥିବା ମିଛ କଲ୍ ମାମଲାର ତଦନ୍ତରେ ଏହି ସୋଶାଲ ମିଡିଆ ପ୍ଲାଟଫର୍ମ ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି ଭାରତ ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ।

ଭାରତୀୟ ବିମାନକୁ ଲଗାତାର ଭାବେ ବୋମା ଧମକକୁ ନେଇ ଯାତ୍ରୀ, ବିମାନ କମ୍ପାନୀ ସମେତ ସମ୍ପୃକ୍ତ ବିଭାଗ ଚିନ୍ତାରେ ପଡ଼ି ଯାଇଛନ୍ତି । ଏହାର ତୁରନ୍ତ ସମାଧାନ ପାଇଁ ଘନ ଘନ ବୈଠକ ବସୁଛି । ଏନେଇ ଗତକାଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ବିମାନ ସେବା ତଥା ସୋଶାଲ ମିଡିଆ ପ୍ଲାଟଫର୍ମର ଅଧିକାରୀମାନେ ଏକ୍ସ ଏବଂ ମେଟା ସହ ଏକ ଭର୍ଚୁଆଲ୍ ବୈଠକ କରିଥିଲେ । (୯ ପୃଷ୍ଠାରେ)

T-83

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
*****
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ଇଂରାଜୀ ତା.୨୮.୧୦.୨୦୨୪ ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଗଲା । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0032/2425





# ଓଜନ ହ୍ରାସ କରୁଥିବା ଖାଦ୍ୟ



ଓଜନ ହ୍ରାସ ସମସ୍ତଙ୍କ ପାଇଁ ଏକ ସମସ୍ୟା ପାଲଟିଛି । ଏଥିପାଇଁ ବିଭିନ୍ନ ଲୋକ ସବୁବେଳେ କିଛି ନୂଆନୂଆ ଉପାୟ ଆପଣାଇଥାଆନ୍ତି । ହେଲେ ଏଭଳି କିଛି ଖାଦ୍ୟ ଯୋଡି ଅଛି, ଯାହାକୁ ଖାଇବା ଦ୍ୱାରା ଓଜନ ହ୍ରାସ ହେବା ସହ ଆପଣଙ୍କୁ ପୂର୍ଣ୍ଣମାତ୍ରାରେ ପୋଷଣ ମଧ୍ୟ ମିଳିପାରିବ । ଏହି ଖାଦ୍ୟଗୁଡିକ ଆପଣଙ୍କର ସମସ୍ତ ଅଦରକାରୀ ଫ୍ୟାଟ୍ କମାଇବ ।

**ଓଟ୍ସ ଓ ବାଦାମ :** ସକାଳର ଜଳଖିଆରେ ଓଟ୍ସ ସହ କିଛି ମଞ୍ଜିଜାତୀୟ ଖାଦ୍ୟ ଯେପରି ବାଦାମ, କାଜୁ, ଆଲମଣ୍ଡ ଆଦି ସାମିଲ କରନ୍ତୁ । ଓଟ୍ସରେ ଫାଇବର ଅଧିକମାତ୍ରାରେ ରହିଥାଏ ଯାହା ଆମ ଶରୀରରେ ଘେରେଲିନ୍ ହର୍ମୋନକୁ ନିୟନ୍ତ୍ରଣ କରିଥାଏ । ଏହି ହର୍ମୋନ ଆମ ଭୋକକୁ ନିୟନ୍ତ୍ରଣ କରେ, ତେଣୁ ଓଟ୍ସ ଖାଇବା ଦ୍ୱାରା ଆମକୁ ଲାଗୁଥିବା ଅଯଥା ଭୋକ କମିଥାଏ । ଜଳଖିଆ ଓଟ୍ସ ଓ ବାଦାମ ଖାଇବା ଫଳରେ ଆମକୁ ବିଭିନ୍ନ ପ୍ରକାରର ପୋଷଣ ମିଳିଥାଏ ।

**ଦହି ଓ କୋଳି :** ଦହିରେ ପ୍ରୋଟିନର ମାତ୍ରା ଖୁବ ଅଧିକ ଥାଏ । ଏହା ଆପଣଙ୍କ ଓଜନ ହ୍ରାସ ପାଇଁ ଡବଲ ବେନିଫିଟ୍ ପ୍ରଦାନ କରିଥାଏ । ଦହି ଖାଇବା ଦ୍ୱାରା ହଜମ ସମୟରେ ଆମ ଫ୍ୟାଟ୍ ଅଧିକ ମାତ୍ରାରେ ବର୍ଣ୍ଣ ହୋଇଥାଏ । ଦହିରେ ଭିଟାମିନ୍ ଡି ଓ କ୍ୟାଲସିଅମ ରହିଥାଏ ଯାହା ଆମର ଫ୍ୟାଟ୍ ପ୍ରଡକସନ୍ ଉପରେ ନିୟନ୍ତ୍ରଣ ରଖିଥାଏ । ତେଣୁ ଏହା ଓଜନ ହ୍ରାସ ପାଇଁ ଏକ ଭଲ ଅପସନ୍ ।

**ପିନଟ୍ ବଟ୍‌ର ଓ ସେଓ :** ଏହି କମ୍ବିନେସନ୍ ଫ୍ଲେଭର୍ ସହିତ ପୋଷଣରେ ମଧ୍ୟ ଭରପୂର ହୋଇଥାଏ । ଏହା ଆମକୁ ପୋଷଣ ଦେବା ସହିତ ଫ୍ୟାଟ୍ କମାଇବାରେ ସାହାଯ୍ୟ କରିଥାଏ । ପିନଟ୍ ବଟରରେ ଥିବା କିଛି ତତ୍ତ୍ୱ ଆମର ଫ୍ୟାଟକୁ ରେଗୁଲେଟ୍ କରିଥାଏ । ସେହିଭଳି ସେଓରେ କ୍ୟାଲୋରୀର ମାତ୍ରା କମ ଥିବାବେଳେ ଫାଇବର ମାତ୍ରା ଅଧିକ ରହିଥାଏ । ତେଣୁ ଏହି ଦୁଇଟି ସାମଗ୍ରୀ ଆମ ଓଜନ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

## ସୋସିଆଲ କୋଟ୍ସ



ଫିଲ୍ମର ମେକର୍ସ ଏଥିରେ ଚରିତ୍ରଙ୍କ ନାଁ ବଦଳାଇବାକୁ ଚାହୁଁଥିଲେ ଯାହା ଅନୁଚିତ୍ ଥିଲା । ସେହିଭଳି ଫିଲ୍ମରୁ ହୋଇଥିବା ଆକକୟର ମାତ୍ର ଏକ ପ୍ରତିଶତ ଆମକୁ ଦିଆଯାଇଥିଲା ।
**ବବିତା ଫୋଗଟ୍, ରେସଲର**



ସୁଶାନ୍ତ ନିଜର ଡ୍ରିମ ପ୍ରୋଜେକ୍ଟ ପାଣି ପାଇଁ ଅନେକ ଫିଲ୍ମ ହାତଛଡା କରିଥିଲେ । ତେବେ ଏଥିପାଇଁ ସମସ୍ତେ ତାଙ୍କୁ ଗର୍ବି ବୋଲି କହିଥିଲେ, ହେଲା ଏହା ତାଙ୍କର କାମ ପାଇଁ ଭଲ ପାଇବା ଥିଲା ।
**ମୁକେଶ ଛାବଡା, କାଷ୍ଟିଂ ନିର୍ଦ୍ଦେଶକ**



ବର୍ତ୍ତମାନ ସଙ୍ଗୀତର ପରିଭାଷା ବଦଳିଛି । ଲୋକଙ୍କର ଡିମାଣ୍ଡ ମଧ୍ୟ ବଦଳିଛି । ବର୍ତ୍ତମାନ ପ୍ଲେବ୍ୟାକ୍ ନୁହେଁ ବରଂ ଓରିଜିନାଲ ସିଙ୍ଗରଙ୍କର ଚାହିଦା ବଢିବାରେ ଲାଗିଛି ।
**ହିମେଶ ରେସମିଆ, ସିଙ୍ଗର**

## ଇତିହାସ ପୃଷ୍ଠାରୁ

୧୨୯୬ – ମହାନ ସନ୍ଥ ଜ୍ଞାନେଶ୍ୱର ବାବା ସମାଧିରେ ଲୀନ ।
୧୮୮୧ – ସ୍ପେନ୍‌ର ମହାନ ଚିତ୍ରକର ପାବ୍ଲୋ ପିକାସୋଙ୍କର ଜନ୍ମ ।
୧୯୫୦ – ଚୀନର କୋରିଆ ଯୁଦ୍ଧରେ ଉତ୍ତର କୋରିଆକୁ ସମର୍ଥନ ।
୧୯୪୬ – ଭାରତର ପ୍ରଥମ ସ୍ୱଦେଶୀ ଟ୍ୟାଙ୍କ ବିଜୟନ୍ତର ବିକାଶ କରାଗଲା ।
୧୯୮୦ – ଉର୍ଦ୍ଦୁର ପ୍ରସିଦ୍ଧ ଶାୟର ସାହିର ଲୁଧିୟାନବୀଙ୍କ ଦେହାନ୍ତ ।
୧୯୮୩ – ଆମେରିକା ସେନାର ଗ୍ରେନାଡା ଦ୍ୱୀପ ଉପରେ କବଜା ।
୧୯୯୦ – ମେଘାଳୟର ସଂସ୍ଥାପକ ଓ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ୱିଲିୟମସନ୍ ଅପାଙ୍ଗ ସଙ୍ଗମାଙ୍କର ନିଧନ ।
୨୦୦୧ – ମାଇକ୍ରୋସଫ୍ଟର ନୂଆ ଅପରେଟିଂ ସିଷ୍ଟମ ୱିଣ୍ଡୋଜ୍ ଏକ୍ସପିର ଲଞ୍ଚ ।
୨୦୦୫ – ହିନ୍ଦୀ ଲେଖକ ନିର୍ମଲ ବର୍ମାଙ୍କର ନିଧନ ।

# ଭାଇରାଲ ସ୍କୁଲ ଫି

ଅନେକ ସମୟରେ ସ୍କୁଲ୍ ଗୁଡିକର ଫି ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ସେହିଭଳି ଏକ ପୋଷ୍ଟ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ବାଙ୍ଗାଲୁରର ଏକ ସ୍କୁଲର ଫି ଷ୍ଟ୍ରକଚର ସୋସିଆଲ ମିଡିଆରେ ଅପଲୋଡ ହୋଇଛ, ଯାହା ଅନୁସାରେ ଗୋଟିଏ ନର୍ସରି ଓ ଜୁନିଅର କେଜିରେ ପାଠ ପଢିବା ପାଇଁ ଜଣେ ପିଲାକୁ ଫି ବାବଦରେ ୧ ଲକ୍ଷ ୫୧ ହଜାର ଟଙ୍କା ପୈଠ କରିବାକୁ ପଡିବ । ଏଥିରେ ଆଡମିଶନ ଫି ବାବଦରେ ୫୫ ହଜାର, କ୍ୟୁଟେସନ ଫି ୩୦ ହଜାର, ଆନୁଆଲ୍ ଚାର୍ଜ ୨୮ ହଜାର, ଡେଭଲପ୍‌ମେଣ୍ଟ ଫି ୧୩ ହଜାର, ପ୍ୟାରେଣ୍ଟ୍ ଓରିଏଣ୍ଟେସନ୍ ଚାର୍ଜ ୮ ହଜାର ଆଦି ଅନ୍ତର୍ଭୁକ୍ତ ରହିଛି । ସମୁଦାୟ ମିଶାଇ ୧ ଲକ୍ଷ ୫୦ ହଜାରରୁ ଅଧିକ ହେଉଛି । ତେବେ ସୋସିଆଲ ମିଡିଆରେ ଏହି ଫି ଷ୍ଟ୍ରକଚରକୁ ଅନେକ ବିରୋଧ କରାଯାଉଥିବାର ଦେଖିବାକୁ ମିଳୁଛି । ଭାରତରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ମାଗଣାରେ ମଧ୍ୟ ପାଠ ପଢୁଛନ୍ତି । ତେଣୁ ଗୋଟିଏ ନର୍ସରୀ ପିଲା ପାଇଁ ଏତେ ଖର୍ଚ୍ଚ ଖୁବ ଅଧିକ ବୋଲି ୟୁଜର୍ସମାନେ ମତ ଦେଇଛନ୍ତି ।



FEES STRUCTURE FOR Nursery & JR.KG 2024-25

[redacted]

FEE STRUCTURE FOR NEW Nursery & JR.KG ACADEMIC YEAR 2024-25

| SR.NO. | Particulars | 2024-25 Amount (Rs.) |
|---|---|---|
| 1 | ADMISSION FEES (One Time) | 55,638.00 |
| 2 | CAUTION MONEY (REFUNDABLE) | 30,019.00 |
| 3 | ANNUAL CHARGES | 28,314.00 |
| 4 | DEVELOPMENT FEES(One Time) | 13,948.00 |
| 5 | [illegible] | 23,737.00 |
| 6 | PARENT ORIENTATION CHARGES (One Time) | 8,400.00 |

| | Amount (Rs.) |
|---|---|
| DD in FAVOUR OF '[redacted] | |
| Total Payable at the time of Admission | 1,51,656.00 |
| PARENT ORIENTATION CHARGES [illegible] | |

# ତୁଟିଲା କଳି



ହାସ୍ୟ ଅଭିନେତା କୃଷ୍ଣା ଅଭିଷେକ ଓ ସୁପରଷ୍ଟାର ଗୋବିନ୍ଦାଙ୍କ ମଧ୍ୟରେ ଲାଗିଥିଲା କଳି ଅନେକ ଦିନ ଧରି ଚର୍ଚ୍ଚାରେ ରହିଆସିଥିଲା । ତେବେ ଉଭୟ ମାମୁଁ ଭଣଜାଙ୍କ ଏହି କଳିରେ ପୂର୍ଣ୍ଣଛେଦ ପଡିଥିବାର ସୂଚନା ମିଳିଛି । ନିକଟରେ ଗୋବିନ୍ଦାଙ୍କୁ ତାଙ୍କ ନିଜ ବନ୍ଧୁକରୁ ଗୁଳି ବାଜିଥିଲା, ଯାହାପରେ ସେ ଅସୁସ୍ଥ ହୋଇ ଚିକିତ୍ସା ହୋଇଥିଲେ । ତେବେ ଏହି ସମୟରେ କୃଷ୍ଣା ଭାରତରେ ନଥିଲେ । ହେଲେ ଭାରତ ଫେରିବା ପରେ ସିଧା ଗୋବିନ୍ଦାଙ୍କୁ ଭେଟିବାକୁ ତାଙ୍କ ଘରକୁ ଯାଇଥିଲେ । ଉଭୟ ମାମୁଁ ଭଣଜା ବେଶ୍ କିଛି ସମୟ ମଧ୍ୟ ଏକାଠି ବିତାଇଥିବା ଜଣାପଡିଛି । ଏନେଇ ନିଜେ କୃଷ୍ଣା ସୂଚନା ଦେଇଛନ୍ତି । ତେଣୁ ଉଭୟଙ୍କ ଭିତରେ ମନମାଳିନ୍ୟ ମଧ୍ୟ ଦୂରେଇ ଯାଇଥିବା ଏଥିରୁ ଜଣା ପଡୁଛି । ଯାହାକୁ ନେଇ ଉଭୟଙ୍କ ଫ୍ୟାନ ଖୁବ ଖୁସି ଅଛନ୍ତି । ତେବେ କୃଷ୍ଣା ପାଖାପାଖି ୭ ବର୍ଷ ପରେ ଗୋବିନ୍ଦାଙ୍କ ଘରେ ପହଞ୍ଚିଛନ୍ତି । କେବଳ ଗୋବିନ୍ଦା ନୁହେଁ ସେ ସମସ୍ତେ ଅର୍ଥାତ ଗୋବିନ୍ଦାଙ୍କ ଝିଅ ଟିନାଙ୍କ ସହିତ ମଧ୍ୟ ମନଖୋଲି କଥା ହୋଇଥିବା ପ୍ରକାଶ କରିଛନ୍ତି । ଅତୀତର ଘଟଣା ବିଷୟରେ ଏହି ସାକ୍ଷାତକାର ସମୟରେ କୌଣସି ଆଲୋଚନା ହୋଇ ନାହିଁବବୋଲି କୃଷ୍ଣା ମତ ଦେଇଛନ୍ତି ।



# ବିହାରର ବୁର୍ଜ୍ ଖଲିଫା !

ଇଣ୍ଟରନେଟ୍‌ରେ ଏଭଳି ଅନେକ ଘର ଭାଇରାଲ ହୋଇଥାଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ବିହାରର ସେହିଭଳି ଏକ ଘର ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଅମିତ୍ ଯାଦବ ନାମକ ଜଣେ ବ୍ୟକ୍ତି ମାତ୍ର ୫ଫୁଟ ଦୈର୍ଘ୍ୟ ଓ ୮୦ ଫୁଟ ଲମ୍ବରେ ନିର୍ମାଣ କରିଛନ୍ତି ୬ ମହଲା ବିଶିଷ୍ଟ ଘର । ଯାହା ଦେଖିବାକୁ ଖୁବ ଲମ୍ବା ହୋଇଛି । ବିଲ୍ଡିଂକୁ ଦେଖିବାକୁ ଲୋକଙ୍କର ବର୍ତ୍ତମାନ ସେଠି ଭିଡ ଜମିବାରେ ଲାଗିଛି । ବିଲ୍ଡିଂକୁ ନିର୍ମାଣ କରିବାକୁ ତାଙ୍କୁ ୯୦ ଲକ୍ଷ ଟଙ୍କା ଲାଗିଛି । ତାଙ୍କ ଗ୍ରାମରେ ଏହା ସବୁଠାରୁ ଉଚ୍ଚତମ ବିଲ୍ଡିଂ, ଯାହା ଦେଖିବାକୁ ବେଶୁ ୟୁନିକ୍ ହୋଇଛି । ଏହାକୁ ନିର୍ମାଣ କରିବାକୁ ତାଙ୍କୁ ପାଖାପାଖି ୨ ରୁ ୪ ବର୍ଷ ସମୟ ଲାଗିଛି । ଏହି ବିଲ୍ଡିଂ ଦେଇ ଯାଉଥିବା ସମସ୍ତ ଲୋକ ଏହାକୁ ଦେଖିବାକୁ ଘଡିଏ ଏଠାରେ ଅଟକି ଯାଆନ୍ତି । ବିଲ୍ଡିଂଟି ଯେପରି ସ୍ଥାନୀୟ ଅଞ୍ଚଳ ପାଇଁ ପର୍ଯ୍ୟଟନ ସ୍ଥାନ ପାଲଟି ଯାଇଛି । ସୋସିଆଲ ମିଡିଆରେ ଲୋକମାନେ ବ୍ୟକ୍ତିଙ୍କର ଏହି ୟୁନିକ୍ ଆଇଡିଆକୁ ବେଶ୍ ପସନ୍ଦ କରିବାରେ ଲାଗିଛନ୍ତି । କଛି ଲୋକ ଏହାକୁ ବିହାରର ବୁର୍ଜ୍ ଖଲିଫା ବୋଲି ସମ୍ବୋଧନ କରିବାରେ ଲାଗିଛନ୍ତି ।




# ଚିକେନ୍ ଗୁପ୍‌ଚୁପ୍

**ସାମଗ୍ରୀ :** ୧୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍ (ଛୋଟଛୋଟ କଟା ହୋଇଥିବା), ଏକ ଚାମଚ ଅଦାରସୁଣ ବଟା, ଦୁଇ ଚାମଚ ଦହି, ଏକ ଚାମଚ ତନ୍ଦୁରି ଚିକେନ୍ ମସଲଙ୍କା, ସ୍ୱାଦ ଅନୁସାରେ ଲୁଣ, ଦୁଇ ଚାମଚ କ୍ରିମ୍, ଅଳ୍ପ ହଳଦୀ ଗୁଣ୍ଡ, ତେନ୍ତୁଳି ଚଟଣି, ଗ୍ରୀନ୍ ଚଟଣି, ଗୁପ୍‌ଚୁପ୍ ପାଣି ପାଇଁ ସମସ୍ତ ମସଲା ।

**ପ୍ରଣାଳୀ :** ପ୍ରଥମେ ଚିକେନ୍‌କୁ ହଳଦି, ଲୁଣ, ଦହି ଓ ମସଲା ଗୁଣ୍ଡ ଗୋଳାଇ ଫ୍ରିଜ୍‌ରେ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ଏଥିରେ ଚିକେନ୍‌କୁ ପକାଇ ଭାଜନ୍ତୁ । ଏହାକୁ ୧୦ରୁ ୧୫ ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ କ୍ରିମ ପକାନ୍ତୁ । ଚିକେନ୍ ଭଲ କରି ସିଝିବା ପରେ ଏହାକୁ ଥଣ୍ଡା କରନ୍ତୁ । ବର୍ତ୍ତମାନ ଏଥିରେ ଗୁପ୍‌ଚୁପ୍‌ର ସମସ୍ତ ମସଲା ପକାନ୍ତୁ । ଏହାପରେ ଏହି ଚିକେନ୍ ପୁରକୁ ଦେଇ ପ୍ରସ୍ତୁତ କରନ୍ତୁ ଗୁପ୍‌ଚୁପ୍ । ଏଥିରେ ବାଦାମ, ଧନିଆ ପତ୍ର ସହ ଚଟଣି ଦେଇ ପରଷନ୍ତୁ ଚିକେନ୍ ଗୁପ୍‌ଚୁପ୍ ।



# ଏସ୍‌ସିବି ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,(ସବ୍ୟୁ): ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି । କ୍ରାନିଓଫେସିଆଲ କ୍ଲେପଫ ଏବଂ ଗ୍ରହଣ ଖଣ୍ଡିଆରେ ଆକ୍ରାନ୍ତ ଜଣେ ୧୧ମାସର ଶିଶୁଙ୍କ କ୍ଷେତ୍ରରେ ଏହି ଅସ୍ତ୍ରୋପଚାର କରାଯାଇଛି । ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରିଥିବା ଶିଶୁଜଣକ ହେଲେ ନୟାଗଡ ଇଟା ମାଟି ଅଞ୍ଚଳର ଯୁଗଳ ଦାସଙ୍କ ପୁଅ ଅଚ୍ୟୁତ ଦାସ । ଆରବିଏସ୍କେ ଓ ବିଏସ୍କେୱାଇରୁ ଶିଶୁଟିର ସମସ୍ତ ଚିକିତ୍ସା ଅର୍ଥ ପ୍ରଦାନ କରାଯାଇଛି । ପ୍ଲାଷ୍ଟିକ ସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ବିଶ୍ୱଜିତ ମିଶ୍ରଙ୍କ ନେତୃତ୍ୱରେ ୯ ଜଣିଆ ଡାକ୍ତରୀ ଦଳ ଶିଶୁର ଅସ୍ତ୍ରୋପଚାର କରିଥିବା ବେଳେ ଆରବିଏସ୍କେ ମ୍ୟାନେଜର ସତ୍ୟନାରାୟଣ ତ୍ରିପାଠୀ ସହଯୋଗ କରିଥିଲେ । ଏନେଇ ଆସୋସିଏଟ ପ୍ରଫେସର ଡାକ୍ତର ମିଶ୍ର କହିଛନ୍ତି ଯେ, ଶିଶୁର ପୂର୍ବରୁ ମୁଣ୍ଡର ଅସ୍ତ୍ରୋପଚାର କରାଯାଇଥିଲା । ଏହାସହ ଆଖି, ନାକରେ ମଧ ସମସ୍ୟା ରହିଛି ଛ କ୍ରାନିଓଫେସିଆଲ ଓ ଗ୍ରହଣଖଣ୍ଡିଆ ଥିବାରୁ ପ୍ରଥମେ ଓଠର ଅସ୍ତ୍ରୋପଚାର କରାଯାଇଛି । ତିନିରୁ ଛଅ ମାସ ପରେ ପାଟିର ପ୍ୟାଲେଟ ବା ତାଳିର ଅସ୍ତ୍ରୋପଚାର କରାଯିବ ଛ ଜନ୍ମରୁ ଶିଶୁଟି ଖାଦ୍ୟ ନଳି ଯୋଗ ଖାଦ୍ୟ ଖାଉଥିଲା ଏବେ ପାଟି ବାଟେ ଖାଦ୍ୟ ଖାଇପାରିବ ବୋଲି ସେ କହିଛନ୍ତି । ଅଚ୍ୟୁତ ଜନ୍ମରୁ ମୁଣ୍ଡର ଆକାର ବଢୁଥିଲା । ହାଇଡ୍ରୋସେଫାଲସ୍ ରୋଗରେ ଆକ୍ରାନ୍ତ ଥିବାରୁ ତାର ଜୀବନ ପ୍ରତି ବିପଦ ଥିଲା । ଦୁଇମାସ ପୂର୍ବେ ଏସ୍ସିବି ମେଡିକାଲର ନ୍ୟୁରୋସର୍ଜରୀ ବିଭାଗରେ ମସ୍ତିଷ୍କରେ ଏକ ଜଟିଳ ଅସ୍ତ୍ରୋପଚାର ହୋଇଥିଲା ।




ଧାମରା ଆଶ୍ରୟସ୍ଥଳୀରେ ଲୋକଙ୍କୁ ଖାଦ୍ୟ ବିତରଣ

# ବାତ୍ୟା ମୁକାବିଲା ତଦାରଖ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ବେତନଟୀ (ସବ୍ୟୁ ) : ଆସନ୍ତ ବାତ୍ୟା ଦାନା କୁ ନେଇ ମୟୁରଭଞ୍ଜ ଜିଲ୍ଲାକୁ ଲାଲ ସତର୍କ ଜାରି କରାଯାଇଥିବା ବେଳେ ଏହାର ପ୍ରଭାବ ଜିଲ୍ଲାରେ ଆରମ୍ଭ ହୋଇଯାଇଛିଛ ମୟୂରଭଞ୍ଜ ଜିଲ୍ଲା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମୟୁରଭଞ୍ଜ ଜିଲ୍ଲାର ବାତ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛିଛ ଏହାକୁ ନେଇ ପରିଚାଳନା ଦାୟିତ୍ୱରେ ଥିବା ମନ୍ତ୍ରୀ ଡା ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି , ଓ ବରିଷ୍ଠ ଆଇଏଏସ ଅଧିକାରୀ ବିନୀତ ଭରଦ୍ୱାଜ ଗୁରୁବାର ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି । ଉପ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ସହିତ ପରିଚାଳନା ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତିଛ ବର୍ତ୍ତମାନ ସୁଦ୍ଧା ମୟୁରଭଞ୍ଜ ଜିଲ୍ଲାରେ ଥିବା ୪୫୦ ବାତ୍ୟା ଆଶ୍ରୟସ୍ଥଳୀରେ ୩୪ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ସ୍ଥାନାନ୍ତରୀକରଣ କରାଯାଇଛି । କଚ୍ଚା ଘର ଏବଂ ବିପଦସଂକୁଳ ସ୍ଥାନରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସନ୍ଧ୍ୟା ପୂର୍ବରୁ ସମସ୍ତଙ୍କୁ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀକୁ ଆଣିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନିକ କର୍ମଚାରୀ କାର୍ଯ୍ୟରତ ମଧ ରହିଛନ୍ତି । ମନ୍ତ୍ରୀ ଡା ମହାପାତ୍ର ବଡ଼ସାହି, ମାଣତ୍ରି, ବୈଁଶିଙ୍ଗା, ମୋରଡା, ରାସଗୋବିନ୍ଦପୁର, ଶୁଳିଆପଦା ଆଦି ବ୍ଲକରେ ବୁଲି ପରିସ୍ଥିତି ପରଖିଛନ୍ତ । ତାଙ୍କ ସହିତ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବିଧାୟକ ଭାଦବ ହାସଁଦ ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା ଏବଂ ଅନ୍ୟ ସଦସ୍ୟ ପ୍ରମୁଖ ବାତ୍ୟା ସ୍ଥିତି ସେନେଇ ଆଶ୍ରୟ ସ୍ଥଳୀର ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ରାତିରେ ବାତ୍ୟା ଦାନା ଲ୍ୟାଣ୍ଡଫଲ କରିବାକୁ ଥିବା ବେଳେ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି ନାରାକୁ କାର୍ଯ୍ୟକାରୀ କରି ଲୋକଙ୍କୁ ସୁରକ୍ଷିତ ରଖି ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଔଷଧ, ପରିମଳ ବ୍ୟବସ୍ଥା ନେଇ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେଛ ଗୁରୁବାର ମଧ୍ୟାହ୍ନରୁ ବିଭିନ୍ନ ସ୍ଥାନରେ କୋହଲା ପାଗ ସହ ଝିପି ଝିପି ବର୍ଷା ଆରମ୍ଭ ହୋଇ ଯାଇଥିବା ବେଳେ ସନ୍ଧ୍ୟାକୁ ବର୍ଷା ଏବଂ ପବନର ବେଗ ବୃଦ୍ଧି ପାଇଥିଲା । ଜିଲ୍ଲାକୁ ଅରେଞ୍ଜ ୱାରନିଙ୍ଗ ଜ ା ର ି କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଛି । ବେତନଟୀ ବ୍ଲକର ବିଡିଓ ଗୋପିନାଥ ଖାଖାଙ୍କ ସୂଚନା ଅନୁଯାଇ ୪୫ ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଛଅ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁବିଧାରେ ରଖାଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଧ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଏହି ଆଶ୍ରୟସ୍ଥଳୀରେ ନିୟୋଜିତ କରାଯାଇଛି । ଏଥି ସହିତ ବିଦ୍ୟୁତ ବିଭାଗ, ରାଜସ୍ ବିଭାଗ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ ବିଭାଗକୁ ମଧ ସତର୍କ ରହିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।



## 'ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ'

# ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଅଷ୍ଟ୍ରେଲିଆ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଜି ସିଡନୀ ଠାରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏ. ଗିଲ୍ସଙ୍କ ସହ 'ଦ୍ୱିତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ' (ଏଆଇଇଏସସି )ରେ ଯୋଗଦେଇଛନ୍ତି । ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ କରିବା ନେଇ ବୈଠକରେ ଫଳପ୍ରଦ ଆଲୋଚନା ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ଦୁଇ ଦେଶ ମଧ୍ୟରେ ଜ୍ଞାନ ବ୍ୟବସ୍ଥାକୁ ସୁଦୃଢ କରିବା, ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ପ୍ରାଥମିକତାକୁ ଆଗକୁ ନେବା ତଥା ଏହି କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବାର ଏକ ଭଲ ମାଧମ ହୋଇଛି । ଏହି ବୈଠକ ଉଭୟ ଅଷ୍ଟ୍ରେଲିଆ ଓ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନାରେ ଏକ ପ୍ରମୁଖ ପ୍ଲାଟଫର୍ମ ଭାବେ ଉଭା ହୋଇଛି । ଶିକ୍ଷା ଏବଂ ଦକ୍ଷତା ଭାରତ ଓ ଅଷ୍ଟ୍ରେଲିଆର ଆର୍ଥିକ ସମୃଦ୍ଧିକୁ ମଜଭୁ କରିବ । ଉଭୟ ଦେଶର ଜନସାଧାରଣ ଏବଂ ଅନୁଷ୍ଠାନ ମଧ୍ୟରେ ସ୍ଥାୟୀ ସମ୍ପର୍କ ସ୍ଥାପନ ଦିଗରେ ଏହି ବୈଠକ ଏକ ଉତ୍ପ୍ରେରକ ହେବ । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏଆଇଇଏସସି ବୈଠକରେ ନିଷ୍ପତ୍ତି ହୋଇଥିବା କାର୍ଯ୍ୟକୁ ଆଗେଇ ନେବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାର ଆବଶ୍ୟକତା, ଶିକ୍ଷା ଓ ଦକ୍ଷତା ମାଧମରେ ସ୍କିଲ ଦୂରତାକୁ ହ୍ରାସ କରିବା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଗବେଷଣାକୁ ସୁଦୃଢ କରିବା ଉପରେ ଆଲୋଚନା କରିଥିଲେ । ଏଆଇଇଏସସି ବୈଠକ ସ୍କୁଲ ଶିକ୍ଷା, ଦକ୍ଷତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀକୁ ମଜଭୁ କରିବ । ଦୁଇ ଦେଶର ସମ୍ପର୍କକୁ ନିବିଡ କରିବା ଏବଂ ୨୦୨୫ରେ ଭାରତରେ ପରବର୍ତ୍ତୀ ଏଆଇଇଏସସି ବୈଠକର ଯୋଜନା କରିବା ପାଇଁ ଉଭୟ ମନ୍ତ୍ରୀଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହି ଗସ୍ତ କାଳରେ ଇନୋଭେଟିଭ୍ ରିସର୍ଚ୍ଚ ୟୁନିଭରସିଟିର ସଦସ୍ୟମାନଙ୍କ ସହ ସାକ୍ଷାତ୍ କରିଥିଲେ । ସେ କହିଥିଲେ ଭାରତୀୟ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଇନୋଭେସନ ରିସର୍ଚ୍ଚ ୟୁନିଭର୍ସିଟି ମଧ୍ୟରେ ସହଯୋଗୀ ଆଭିମୁଖ୍ୟ ଉପରେ ଭଲ ବୁଝାମଣା ହାସଲ କରିଛି । ଏହାବ୍ୟତିତ ଶ୍ରୀ ପ୍ରଧାନ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆ ପକ୍ଷରୁ ଆୟୋଜିତ ରାତ୍ରୀ ଭୋଜନରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀଙ୍କ ସହ ସାମିଲ ହୋଇଥିଲେ । ଅଷ୍ଟ୍ରେଲିଆରେ ଭାରତୀୟ ପାରମ୍ପରିକ ଜ୍ଞାନ ଓ ସଂସ୍କୃତିକୁ ବଞ୍ଚାଇ ରଖି 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ପ୍ରଚାର କରିଥିବାରୁ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆର କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ପ୍ରାରମ୍ଭିକ ଶିଶୁ ଶିକ୍ଷା କାର୍ଯ୍ୟବଳକୁ ଶିକ୍ଷିତ କରିବାରେ ଭାଗିଦାରୀର ସୁଯୋଗ ଅନ୍ୱେଷଣ ପାଇଁ ଶ୍ରୀ ପ୍ରଧାନ ସିଡନୀର 'ଅବର୍ଣ୍ଣ ଲଙ୍ଗ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କରିଥିଲେ ।



## ୭୨୨୬ ଲୋକଙ୍କୁ ରଖାଗଲା ବାତ୍ୟା ଆଶ୍ରୟ ସ୍ଥଳରେ

# ପୁରୀ ଜିଲ୍ଲାରେ ସମୀକ୍ଷା କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



ପୁରୀ/ଭୁବନେଶ୍ୱର, (ସବ୍ୟୁ): ବାତ୍ୟା ଦାନା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ବର୍ତ୍ତମାନ ସୁଦ୍ଧା ୧୬୨ ବାତ୍ୟା ଆଶ୍ରୟ ସ୍ଥଳରେ ୭୨୨୬ ଜଣଙ୍କୁ ରଖାଯାଇଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଗୁରୁବାର ଅପରାହ୍ନ ରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଗଣମାଧମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ବାତ୍ୟା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି କହିଥିଲେଛଉଦ୍ଧାର କରାଯାଇ ଥିବା ସମସ୍ତଙ୍କୁ ଶୁଖିଲା ଖାଦ୍ୟ ସହ ୧୬୨ ସ୍ଥାନରେ ରନ୍ଧା ଖାଦ୍ୟର ମଧ ବ୍ୟବସ୍ଥା କରାଯାଇଛି । ଆଶ୍ରୟ ନେଇଥିବା ଲୋକ ଙ୍କୁ ଶୁଖିଲା ଖାଦ୍ୟ ଭାବେ ୧୫.୫ କ୍ୟୁଣ୍ଟାଲ ଚୁଡା ଓ ୧.୬ କ୍ୟୁଣ୍ଟାଲ ଗୁଡ ବଣ୍ଟନ ହୋଇଛି । ଜିଲ୍ଲା ର ୧୧ ବ୍ଲକର ୫୯ ପଞ୍ଚାୟତ ର ୧୯୦ ଟି ଗ୍ରାମ ଓ ୪ଟି ସହରାଞ୍ଚଳର ୨୯ ୱାର୍ଡ ର ଲୋକେ ପ୍ରଭାବିତ ହୋଇଛନ୍ତି । ବର୍ତ୍ତମାନ ପାଣିପାଗ ବିଭାଗ ଅନୁସାରେ ପୁରୀ ଜିଲ୍ଲା ଅରେଞ୍ଜ ରୁ ରେଡ ଯୋନକୁ ଥିବା ରୁ ଲୋକ ମାନେ ଆଶ୍ରୟ ସ୍ଥଳକୁ ଆସିବାକୁ ଲାଗିଛନ୍ତି ।

ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକର ଦାୟିତ୍ୱ ଦିଆଯାଇଛି । ସେମାନେ ସେଠାରେ ଉଦ୍ଧାର ଥଇଥାନ ଓ ରିଲିଫ କାର୍ଯ୍ୟ ର ତଦାରଖ କରୁଛନ୍ତି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାତ୍ୟା ର ସଫଳ ମୁକାବିଲା ପାଇଁ ସମୀକ୍ଷା କରିବା ସହ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳ ଗସ୍ତ କରି ଅଧିକାରୀ ମାନଙ୍କୁ ଉପଯୁକ୍ତ ପରାମର୍ଶ ମଧ ଦେଇଛନ୍ତି । ଜିଲ୍ଲା ପାଇଁ ନିଯୁକ୍ତ ବରିଷ୍ଠ ଅଧିକାରୀ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ମଧ ଜିଲ୍ଲାର ବିଭିନ୍ନ ସ୍ଥାନ କୁ ଗସ୍ତ କରି କାର୍ଯ୍ୟ ରେ ସହଯୋଗ ଓ ପରାମର୍ଶ ଦେଉଛନ୍ତି । ଜିଲ୍ଲାରେ ଚଳିତ ମାସ ୨୧ ରୁ ୨୮ ତାରିଖ ମଧ୍ୟରେ ପ୍ରସବ ଦେବାକୁ ଥିବା ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୪୦୪ ଜଣ ଶିଶୁ ମାନଙ୍କୁ ପ୍ରସବ ଦେଇ ସାରିଥିବା ବେଳେ ୭୪ ଜଣ ଙ୍କୁ ଚିକିତ୍ସାଳୟରେ ରଖାଯାଇଛି ଓ ପକ୍କା ଘର ଥିବା ରୁ ୩୧ ଜଣ ପ୍ରସବ ସମୟ ଆସିବା ପର୍ଯ୍ୟନ୍ତ ସେମାନଙ୍କ ଘରେ ରହିଛନ୍ତି । ଜିଲ୍ଲା ରେ ୧୪ ଟି ମେଡ଼ିକାଲ ଟିମ,୧୬ ଟି ପ୍ରାଣୀ ଚିକିତ୍ସା ଟିମ ଔଷଧ, ଆଣ୍ଟି ଭେନମ ମେଡିସିନ ସହ ପ୍ରସ୍ତୁତ ଅଛନ୍ତି । ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର କୂଳକୁ ନ ଯିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେଛଜିଲ୍ଲାପାଳ ଶ୍ରୀ ସ୍ୱାଇ ଓ ଏସ ପି ବିନୀତ ଅଗ୍ରୱାଲ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ।

## ୫୨୨ ଗର୍ଭବତୀଙ୍କୁ ହସ୍ପିଟାଲ ଅଣାଗଲା

## ୮୯ ମହିଳାଙ୍କ ପ୍ରସବ

କଟକ,(ସବ୍ୟୁ): ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ବେଶ୍ ସତର୍କତା ଅବଲମ୍ବନ କରିଛି । ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡାକ୍ତର ମକରନ୍ଦ ବେଉରା କହିଛନ୍ତି । ସିଡିଏମଓଙ୍କ ସୂଚନା ଅନୁସାରେ, ବାତ୍ୟା ପୂର୍ବରୁ ୫୨୨ଜଣ ଗର୍ଭବତୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ଭିତରୁ ୮୯ ମହିଳା ସନ୍ତାନ ଜନ୍ମ ଦେଇଛନ୍ତି । ଅନ୍ୟପକ୍ଷରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଆଶା କର୍ମୀମାନଙ୍କୁ ନିୟୋଜିତ କରାଯାଇଛି । ଆଶ୍ରୟସ୍ଥଳରେ କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟଗତ ସମସ୍ୟା କିପରି ନଭୋଗିବେ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ଡାକ୍ତର ବେଉରା କହିଛନ୍ତି ।

## ବାତ୍ୟା ପ୍ରଭାବରେ ଜାରୀ ରହିଛି ବର୍ଷା

# ୬୬୭ ଲୋକଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

ଖୋର୍ଦ୍ଧା,: ବାତ୍ୟା ଦାନା ଓଡ଼ିଶା ମୁହାଁ ହୋଇଛି । ଆଇଏମ୍‌ଡି ର ରିପୋର୍ଟ ଅନୁଯାୟୀ ଦାନା ପୁରୀ ଠାରୁ ଧାମରା ମଧ ରେ ସ୍ଥଳ ଭାଗ ଛୁଁଇବ । ସବିଶେଷ ରିପୋର୍ଟ ଅନୁଯାୟୀ ଏହା ବିଳମ୍ବିତ ରାତିରେ ଚାନ୍ଦିପୁର ରେ ସ୍ଥଳଭାଗ ଛୁଁଇବ । ସ୍ଥଳଭାଗ ଏହାର ଗତିପଥ ତୀବ୍ରତର ଯୋଗୁ ୧୦୦ ରୁ ୧୧୦କିମି ବେଗରେ ପବନ ବୋହିବା ସହିତ ୧୪ଟି ଜିଲ୍ଲାରେ ପ୍ରବଳ ବର୍ଷା । ଏହି କ୍ରମରେ ଆଜି ସକାଳ ସମୟରୁ ଖୋର୍ଦ୍ଧାରେ ବର୍ଷା ଲାଗି ରହିଛି । ତା ସାଙ୍ଗକୁ ପବନ । ଜିଲ୍ଲାପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରସ୍ତୁତି କରାଯାଇଥିବାବେଳେ ପ୍ରଶାସନିକ ଅଧିକାରୀମାନେ ସମୁଦ୍ରକୂଳ ଅଂଚଳରେ ରହି ସ୍ଥିତି ପରଖୁଛନ୍ତି । ଖୋର୍ଦ୍ଧାଜିଲ୍ଲାରେ ୫୦ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଥିବାବେଳେ ୩୭୯ଟି ଅତିରିକ୍ତ ବାତ୍ୟାଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଛି । ଜିଲ୍ଲାବ୍ୟାପି କଚା ଓ ଝାଟିମାଟି ଘରେ ରହିଥିବା ୬୬୭ଜଣ ଲୋକଙ୍କୁ ୧୪ଟି ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଛି । ଆଜି ଏହି ୧୪ଟି ଆଶ୍ରୟସ୍ଥଳୀରେ ରାତିରେ ରନ୍ଧାଖାଦ୍ୟ ପ୍ରଶାସନ ଦେଇଛି । ଏଥିସହିତ ମହିଳା ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି ।୧୭୯ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ସମସ୍ତ ବ୍ଲକରେ ଚାଉଳ, ଗୁଡ, ଚୁଡା,ବିସ୍କୁଟ, ମହଜୁଦ ରହିଛି । ଜିଲ୍ଲାଯୋଗାଣ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଚୂଡ଼ା, ଗୁଡ଼, କିରୋସିନ, ପର୍ଯ୍ୟାପ୍ତ ପରିମାଣର ଚାଉଳ, ପେଟ୍ରୋଲ, ଡିଜେଲ ,ଜାଳେଣୀ ଗ୍ୟାସ ମହଜୁଦ ରଖାଯାଇଛି । ସେହିପରି ଗାଈ, ଗୋରୁ ଏବଂ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ପ୍ରାଣୀ ଚିକିତ୍ସାଳୟ ବିଭାଗରୁ କରାଯାଇଛି ।ଏଥିଲାଗି ୧୯ଟି ମୋବାଇଲ ଗାଡି, ପଶୁଡାକ୍ତର, ପଶୁଧନ ନିରୀକ୍ଷକ ପ୍ରମୁଖ ପ୍ରସ୍ତୁତ ରହିଛନ୍ତି । ସେହିପରି ବିଭିନ୍ନ ଅଂଚଳରେ ୨୨ଟି ମେଡିକାଲ ଟିମ୍ ନିୟୋଜିତ ରହିଛନ୍ତି । ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ ଖୁଁଟ ଭାଙ୍ଗିବା ସମ୍ଭାବନା ଥିବାରୁ ୬ଟି ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ କର୍ମଚାରୀଙ୍କ ୧୬ଟିମ ଏନେଇ ସଜାଗ ଅଛନ୍ତି । ଜିଲ୍ଲାସ୍ତରରେ ଏକ କଂଟ୍ରୋଲ ରୁମ ଖୋଲିଥିବା ବେଳେ ଯୋଗା ଯୋଗ ନିମନ୍ତେ ୦୬୭୫୫-୨୨୦୦୦୨ ନମ୍ବର ଜାରି କରାଯାଇଛି ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି । ଦୁର୍ବଳ ନଦୀବନ୍ଧ ଉପରେ ଦୃଷ୍ଟି ରଖାଯାଇଛି ବୋଲି ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି । ବାତ୍ୟା ପରେ ଗମନା ଗମନାରେ ସୁଧାର ଆଣିବାକୁ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଜାଗ ରହିଥିବାବେଳେ ବାତ୍ୟା ଯୋଗୁଁ କୌଣସି ସ୍ଥାନରେ ଜୀବନହାନୀ ଯେପରି ନହେବ ତାହା ଉପରେ ପ୍ରଶାସନ ବିଶେଷ ଗୁରୁତ୍ୱ ଦେଇଛି ।

## ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ସମୀକ୍ଷା ବୈଠକ

# ୭୦୭ ଆଶ୍ରୟ କେନ୍ଦ୍ର ପ୍ରସ୍ତୁତ

କଟକ,(ସବ୍ୟୁ) ବାତ୍ୟା 'ଦାନା' ମୁକାବିଲା ନିମନ୍ତେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଯୋଗ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କଟକ ସଦର ବିଧାୟକ ପ୍ରକାଶ ସେଠୀ,ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ,ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ଅଗ୍ରୱାଲ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ,କଟକ ଡିସିପି ଜେ.ମିନା, କଟକ ଗ୍ରାମାଞ୍ଚଳ ଏସ୍ପି ପ୍ରତୀକ୍ ସିଂ,କଟକ ମହାନଗର ନିଗମ କମିଶନର ଅନାମ ପାତ୍ର,ଏଡିଏମ୍ ଡ.ଦିବ୍ୟଲୋଚନ ମହାନ୍ତ, ଏଡିଏମ୍ ଶିବ ଟପ୍ପୋ, ଟିପିସିଓଡିଏଲ,ୱାଟ୍କୋ, ଆର୍‌ଡବ୍ଲୁଏସ୍ଏସ୍, ବିଭିନ୍ନ ବିଭାଗର ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ଛ ସୂଚନା ଥାଉକି କଟକ ସହରରେ ବାତ୍ୟା ପ୍ରସ୍ତୁତି ନିମନ୍ତେ ୩୫୨ଟି ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଥିବା ବେଳେ ୭୦୭ଟି ଆଶ୍ରୟ କେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି । ୧୩୮୪୯ ଜଣଙ୍କୁ ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନାକୁ ସ୍ଥାନାନ୍ତରିତ କରାଯାଇଛି । ପୀରବଜାର ଓ ବିରୁପା ନିର୍ମାଣ କାର୍ଯ୍ୟରେ ନିୟୋଜିତ ୩୫୦୦ ଜଣ ଶ୍ରମିକଙ୍କୁ କଟକ ବଡ ଡାକ୍ତରଖାନାରେ ନିର୍ମାଣ କରାଯାଇଥିବା ବିଲ୍ଡିଙ୍ଗୁ ସ୍ଥାନାନ୍ତର କରାଯାଇଛି । ଏଥିପାଇଁ ୧୯ ଯାନ ନିୟୋଜିତ କରାଯାଇଛି ଛ୬୩ଟି ସ୍ଥାନରେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି।ଜଳ ନିଷ୍କାସନ ନିମନ୍ତେ ୪୭୬ଟି ଜେନେରେଟର୍ ପ୍ରସ୍ତୁତ ରଖାଯାଇଥିବାବେଳେ ୫୨୨ କ୍ୱିଣ୍ଟାଲ୍ ଚୁଡା,୧୬୪.୫ କ୍ୱିଣ୍ଟାଲ୍ ଗୁଡ,୧୫୯୭୦ ବିସ୍କୁଟ୍ ପ୍ୟାକେଟ୍ ପ୍ରସ୍ତୁତ ରଖାଯାଇଛି । ସେହିପରି ୩୭ଟି ଜେସିବି,୭୦ଟି ଟ୍ରାକ୍ଟର୍, ୧୦୬ଟି ପାଣି ଟାଙ୍କି ପ୍ରସ୍ତୁତ ରଖାଯାଇଛି ଛ ୫୨୨ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତି କରାଯାଇଛି । ୫୦ଟି ବାତ୍ୟା ଆଶ୍ରୟସ୍ଥଳ,୪ଟି ହାଇଡ୍ରାଲିକ୍ କଟର୍,ସାଲେପୁର, ନିଆଳି,ମାହାଙ୍ଗା, କଟକ ମହାନଗର ନିଗମ ଆଦି ଅଞ୍ଚଳରେ ଓଡ୍ରାଫ୍ ଟିମ୍‌କୁ ନିୟୋଜିତ କରାଯାଇଛି । ଉଦ୍ଧାର ନିମନ୍ତେ ୭ଟି ଉଦ୍ଧାରକାରୀ ଦଳ,୩ ଶହ ଆପଦମିତ୍ରନରାଜ,ମୁଣ୍ଡୁଳି,ଯୋବ୍ରା ଆଦି ସ୍ଥାନରେ ଉଦ୍ଧାରକାରୀ ଦଳଙ୍କୁ ନିୟୋଜିତ କରାଯାଇଛି । ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାରଣର ପଲିଥିନ୍ ଗଛିତ ରଖାଯାଇଛି ।



# ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଲା ସିଏମ୍‌ସି ଟିମ୍

କଟକ, (ସବ୍ୟୁ): ବାତ୍ୟା ଦାନା ପରିପ୍ରେକ୍ଷୀରେ ସିଏମ୍ସି ମେୟର ସୁବାସ ସିଂଙ୍କ ସହ ସିଏମସିର ଏକ ଟିମ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ଦେଖିବା ସହ ସେଠାକାର ପରିବେଶ ,ଆଲୋକିକରଣ , ଶୌଚଳୟ ସୁବିଧା,ଏବଂ ପାନୀୟ ଜଳର ବ୍ୟବସ୍ଥା ବୁଲି ଦେଖିଛନ୍ତି । ସମସ୍ତ ବାତ୍ୟା ଆଶ୍ରୟସ୍ଥଳି ଗୁଡିକରେ ସିଏମସି ତରଫରୁ ଜଣେ ଲେଖାଏଁ ଅଫିସର ନିଯୋଜିତ କରାଯାଇଛି । ଆଶ୍ରୟସ୍ଥଳିଗୁଡିକରେ ଯେପରି କୌଣସି ପ୍ରକାର ଅସୁବିଧା ନ ରୁହେ ସେ ବିଷୟରେ ସିଏମସି ଗୁରୁତର ସହ ଧ୍ୟାନ ଦେଇଛି । ଶ୍ରୀ ସିଂହ ଗୋରାକବର ସ୍କୁଲ ରେ ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ଦେଖିବା ସମୟରେ ଖାଦ୍ୟର ମାନ ପରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ ତଥା ଡେପୁଟି କମିସନର ଡ.ଶ୍ୱେତା ପଦ୍ମା ଡି ଶତପଥି , ସି ଏମସି ୱାର୍କ୍ସ କମିଟି ଚେୟାରମାନ ପ୍ରଦୀପ୍ତ କୁମାର ଖୁଣ୍ଟିଆ,କର୍ପୋରେଟର ପ୍ରଜୟା ବେଉରା, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ବେହେରା, ପୂର୍ବତନ କର୍ପୋରେଟର ରାମଜାନ ଖାନ, ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



# ଦାନା ଭୟ : ଆଶ୍ରୟ ନେଲେ ୫୫୯ ଲୋକ

କଣାସ,(ସବ୍ୟୁ) :ସାମୁଦ୍ରିକ ବାତ୍ୟା ଦାନାକୁ ନେଇ କଣାସ ଅଞ୍ଚଳରେ ଲୋକମାନେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଦିନ ସାରା ଝିପଝିପି ବର୍ଷା ଲାଗି ରହିଥିଲା । ସନ୍ଧ୍ୟାରୁ ବର୍ଷାର ପରିମାଣ ବଢିଥିବା ବେଳେ ପବନର ଗତି ମଧ ବଢିଥିଲା ।ପ୍ରଶାସନ ପକ୍ଷରୁ କଚାଘରେ ଥିବା ୫୫୯ ଜଣ ପୁରୁଷ,ମହିଳା ଓ ଶିଶୁଙ୍କୁ ବିଭିନ୍ନ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିବା ଓ ସେମାନଙ୍କର ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲରେ ଆଶ୍ରୟ ନେଇଥିବା ଲୋକମାନଙ୍କ ସହ ଭେଟିବା ସହ ଲୋକମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ ।ବିଡ଼ିଓ ନାରାୟଣ ସାହୁ, ଏବିଡିଓ ମଙ୍ଗଳସିଂହ ହେମ୍ବ୍ରମ,ଗଡିଶାଗୋଦା ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ବିଧାୟକ ସହ ଉପସ୍ଥିତ ରହି କିଭଳି ବାତ୍ୟା ଦା ନାର ମୁକାବିଲା କରାଯିବ ସେ ବିଷୟରେ ଆଲୋଚନା କରିଥିଲେ ।ସେପଟେ ରାଜ୍ୟ ସରକାର ସମସ୍ତ ବିଭାଗର ଛୁଟି ବାତିଲ କରି ୨୪ଘଣ୍ଟା ସଜାଗ ରହି ଲୋକମାନଙ୍କୁ ସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ବଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର.ବି.ଏସ.କେ)ରେ ନିଯୁକ୍ତ ହୋଇଥିବା ଡାକ୍ତର ବନ୍ୟା ବାତ୍ୟାରେ ୦-୧୮ ବର୍ଷ ପିଲାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କଥା ହେଲେ ସେମାନଙ୍କ ଟିମ୍ ଏହି ବିପଦ ସମୟରେ ଅନୁପସ୍ଥିତ ରହିବା ଅଭିଯୋଗ ହୋଇଛି ।ଏଥିପ୍ରତି ଜିଲ୍ଲାପାଳ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

# ଗଞ୍ଜାମ ଜିଲ୍ଲାରେ ପ୍ରସ୍ତୁତି କାର୍ଯ୍ୟ ତଦାରଖ କଲେ ମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଦାୟିତ୍ୱରେ ଥିବା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି । ସେ ଗୋପାଳପୁରର ମାର୍କଣ୍ଡି, ଚିକିଟିର ରାମୟପାଟଣା, ଖଲ୍ଲିକୋଟର ସୁବଳିଆ, ଛତ୍ରପୁରର ପୋଡମ୍‌ପେଟା ଆଦି ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳୀ ଦେଖିଥିଲେ । ସେଠାରେ ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ଖାଦ୍ୟପେୟ ଓ ଅନ୍ୟାନ୍ୟ ସୁବିଧାଗୁଡ଼ିକ ସଂପର୍କରେ ମନ୍ତ୍ରୀ ତଦାରଖ କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ପ୍ରସ୍ତୁତି କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମୁଦ୍ରକୂଳବର୍ତ୍ତୀ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିରାପଦ ଭାବରେ ସ୍ଥାନାନ୍ତରିତ କରାଯାଇଛି । ୧୧ଟି ସ୍ଥାନରେ ସରକାରୀ ଅଧିକାରୀଙ୍କୁ ମୁତୟନ କରାଯାଇଛି । ସରକାରଙ୍କ ପକ୍ଷରୁ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖାଯାଇଥିବାବେଳେ ସତର୍କତା ଅବଲମ୍ବନ କରିବା ସହିତ ବାତ୍ୟା ନେଇ କୌଣସି ପ୍ରକାରେ ଭୟଭୀତ ନହେବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲାବାସୀଙ୍କୁପରାମର୍ଶ ଦେଇଛନ୍ତି । ଗତକାଲି ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରସ୍ତୁତି କାର୍ଯ୍ୟ ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଆଜି ବିଭିନ୍ନ ଅଞ୍ଚଳ ବୁଲି ତଦାରଖ କରିବା ସମୟରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସହିତ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ ।

## ଧାନ ଫସଲ ନଷ୍ଟ କଲେ ହାତୀ ପଲ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ହଜ ପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର ଗ୍ରାମରେ ୨୦ ଟିକିଆ ହାତୀ ପଲ ଧାନ ଫସଲ ନଷ୍ଟ କରିଛି । ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚାଷୀ ମନ ଆନନ୍ଦର ଲହରୀ ଖେଳି ଯାଇଥିଲା । କିନ୍ତୁ ତାର ଦୁର୍ଭାଗ୍ୟ ଯେ ବଣୁଆ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଧାନ ଫସଲ ଦଳି ଚକଟି ନଷ୍ଟ କରିଦେଇ ଥିବାରୁ ମନରେ ଗଭୀର ଦୁଃଖ ଦେଇଛି। ସୂଚନା ଅନୁଯାୟୀ ଗ୍ରାମର ଚାଷୀ ମାଧବ ଚନ୍ଦ୍ର ସାହୁ, ମାଗୁଣି ସାହୁ, ଦେବରାଜ ସାହୁ, ଗଦାଧର ଜେନା, ନୀଳକଣ୍ଠ ଜେନା ଓ କିଶୋର ଜେନାଙ୍କ ୩ ରୁ ୪ ଏକର ମଧ୍ୟରେ ଧାନ ଫସଲ ନଷ୍ଟ ହୋଇଥିବାର ଜଣାପଡିଛି।

### ବାତ୍ୟା ଦାନା ପ୍ରସଙ୍ଗ

# ଲୋକଙ୍କ ସମସ୍ୟା ଶୁଣୁଛି ବିଜେପି ଅଭିଯୋଗ ପ୍ରକୋଷ୍ଠ, ପ୍ରଶାସନ ସହାୟତାରେ କରାଯାଉଛି ସମାଧାନ



ଭୁବନେଶ୍ୱର (ସବ୍ୟୁ): ଆମ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା ଦାନା ର ପୂର୍ବବର୍ତ୍ତୀ ଓ ପରବର୍ତୀ ଅବସ୍ଥା ତଥା ଏହାର ନିରାକରଣ ସଂକ୍ରାନ୍ତୀୟ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଜେପି ରାଜ୍ୟ କାର୍ଯ୍ୟାଳୟ ସହ ଆଦାନ ପ୍ରଦାନ ପାଇଁ ଏକ ହେଲ୍‌ପଲାଇନ୍ ନଂ- ୦୬୭୪ ୨୩୯ ୩୯୮୪କୁ ରାଜ୍ୟ ସଭାପତି ମନମୋହନ ସାମଲ ଜାରି କରିଛନ୍ତି । ଗତକାଲି ଠାରୁ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଏହି କଣ୍ଟ୍ରୋଲ ରୁମ୍ ରେ ପାର୍ଟିର ପଦାଧିକାରୀ ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ସମ୍ଭାବ୍ୟ ବାତ୍ୟା ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ଶୁଣି ସମ୍ପୃକ୍ତ ବାତ୍ୟା ଅଞ୍ଚଳରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କାର୍ଯ୍ୟ କରୁଛନ୍ତି । ଅଦ୍ୟାଧି ୧୨୮ ଟି ଅଭିଯୋଗ ବିଭିନ୍ନ ଅଞ୍ଚଳରୁ ଆସିଥିବା ବେଳେ ସେଥିନେଇ ସମ୍ପୃକ୍ତ ବିଭାଗ ଓ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଛି । ସେହିପରି ସ୍ଥାନୀୟ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ସହଯୋଗ କରିବାକୁ ରାଜ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଉଛି ।

## 'ଦାନା'କୁ ନେଇ ଚିନ୍ତାରେ ନନ୍ଦନକାନନ କର୍ତ୍ତୃପକ୍ଷ, ଭୟରେ ବନ୍ୟଜନ୍ତୁ

ବାରଙ୍ଗ,(ସବ୍ୟୁ) :। ବାତ୍ୟା ଦାନା କୁ ନେଇ ଏବେ ରାଜ୍ୟରେ ଘେଳିଯାଇଛି ଭୟର ବାତାବରଣ। ଯେଭଳି ବାତ୍ୟା ର ପ୍ରଭାବ ସାଧାରଣ ଲୋକଙ୍କ କୌଣସି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦେଉଛନ୍ତି ସରକାର । ସେହିପରି ବାତ୍ୟା 'ଦାନା'କୁ ନେଇ ଚିନ୍ତାରେ ନନ୍ଦନକାନନ କର୍ତ୍ତୃପକ୍ଷ ଛ ଭୟରେ ବନ୍ୟଜନ୍ତୁ । ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପାଟିଫିଟୁନଥିବା ବନ୍ୟଜୀବଜନ୍ତୁ ମାନଙ୍କୁ କିଭଳି ସୁରକ୍ଷା ଦିଆଯିବ ସେଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟବସ୍ଥା ମଧ୍ୟ ହାତକୁ ନେଇଛନ୍ତି। । ଜୀବଜନ୍ତୁଙ୍କର ଯେଭଳି କୌଣସି ଅସୁବିଧା ନହେବ ଛ ସେଥିପ୍ରତି ଦୃଷ୍ଟି ଦିଆଯାଇଛି । ଜୀବଜନ୍ତୁ ମାନଙ୍କୁ ତାଙ୍କର ଖୁଆଡର ଫିଡିଂ ଚାମ୍ବର ରେ ରଖାଯାଇଛି। ବାତ୍ୟା ସମୟରେ ଗଛ ଭାଙ୍ଗିଲେ କଟର ମେସିନ ସାହାଯ୍ୟରେ ଗଛ କଟାଯାଇ ସଫା କରାଯିବ ଏବଂ କର୍ମଚାରୀ ମାନଙ୍କୁ ଛୁଟି ବାତିଲ କରି ଦୁଇ ଦିନ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛ। ଜଳହସ୍ତୀ, ହରିଣ, କୁଟୁରା, ନୀଳଗାଇ,କୃଷ୍ଣସାର ମୃଗ ଭଳି ଜନ୍ତୁଙ୍କ ଉପରେ ନଜର ରଖୁବା ପାଇଁ ଏକ ଟିମ୍ କରାଯାଇଛି ।ବାକି ଅନ୍ୟ ଜନ୍ତୁଙ୍କୁ ପକା ଘର ଫିଡିଂ ଚାମ୍ବରରେ ରଖାଯାଇଛି। ଯେଉଁଠାରେ ଘର ଓ ତାର ଜାଲି ରହିଛି ସେହି ଜନ୍ତୁ ଓ ପକ୍ଷୀ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛିଛ କିଛି ଖୁଆଡ଼ର ଜାଲିରେ ଜରିପାଲ ଦିଆଯାଇଛିଛ ଦୁଇ ଦିନ ପାଇଁ ଜନ୍ତୁଙ୍କ ପାଇଁ ଶୁଖୁଲା ଓ କଞ୍ଚା ଖାଦ୍ୟ ମହଜୁଦ ରଖାଯାଇଛିଛ ଜନ୍ତୁଙ୍କ ପାଇଁ ସ୍ୱଚ୍ଛ ପାଣି ଗଛିତ ରଖାଯାଇଛି। ଜୀବଜନ୍ତୁ ବାହାରକୁ ନ ଯିବା ପାଇଁ ନନ୍ଦନକାନନରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛିଛ ସମସ୍ତ ଖୁଆଡ଼ରେ କିପରମାନେ ସଜାଗ ରହିଛନ୍ତି। ତାସହିତ ପ୍ରାଣୀ ଉଦ୍ୟାନ ରେ ରହୁଥିବା ୪୨୪୨ ଟି ଜୀବଜନ୍ତୁଙ୍କର ବାତ୍ୟା ସମୟରେ ଓ ବାତ୍ୟା ପରେ ସେମାନଙ୍କର ସ୍ୱାସ୍ଥ୍ୟ ଯେପରି ଖରାପ ନ ହେବ ସେଥିପାଇଁ ପ୍ରାଣୀ ଚିକିତ୍ସକ ସଜାଗ ରହିଛନ୍ତି । ସେମାନଙ୍କ ପାଇଁ ଔଷଧ ମହଜୁଦ ରଖାଯାଇଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ସମୟରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବାତ୍ୟା ର ସମ୍ମୁଖୀନ ହୋଇ ସବୁଜିମା ନଷ୍ଟ କରି ପୂର୍ବରୁ ନିଜର ଅସ୍ତିତ୍ୱ ହରାଇଥିବା ବେଳେ ଆସୁଥିବା ବାତ୍ୟା ଦାନା ନନ୍ଦନକାନନ କୁ କେତେ କ୍ଷତି ପହଞ୍ଚାଉଛି ତାହା ସମସ୍ତଙ୍କ ମନରେ ଚିନ୍ତାର କାରଣ ପାଲଟିଛି ।

## ଧାମରାରେ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଦାନା ର ମୁକାବିଲା ତଥା ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ଭଦ୍ରକରେ ପହଞ୍ଚି ପ୍ରଶାସନିକ ବୈଠକ ମାଧ୍ୟମରେ ବାତ୍ୟା ମୁକାବିଲା ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିବା ସହ ଧାମରା ବନ୍ଦର ଗସ୍ତ କରିଥିଲେ । ମନ୍ତ୍ରୀ ଶ୍ରୀ ସୂରଜ ଧାମରାରେ ରହି ପୋର୍ଟ ଅଧିକାରୀମାନଙ୍କ ସହ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ହୋଇଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ ।

ଗୁରୁବାର ମନ୍ତ୍ରୀ ସୂରଜ ଧାମରା ଅନ୍ତର୍ଗତ ବିଭିନ୍ନ ସ୍ଥାନ ଯଥା ଗୁଆସୋଲ,ଧୀର ସାହି, ନଛିପୁର, ବିଜୟପାଟନା, କରୁଣା ପଞ୍ଚାୟତ, କୁଆମରା ଠାରେ ହୋଇଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେଛ ସେଠାରେ ଲୋକମାନଙ୍କ ପାଇଁ ହୋଇଥିବା ସୁରକ୍ଷିତ ରହଣି ବ୍ୟବସ୍ଥା, ଖାଦ୍ୟ, ପାନୀୟ ଜଳ, ଆଶୁ ଚିକିତ୍ସା, ପରିମଳ ଆଦି ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏଥିସହ ସେଠାରେ ରହୁଥିବା ଲୋକମାନଙ୍କ ସହ ମନ୍ତ୍ରୀ କଥା ହୋଇ



ସମସ୍ତଙ୍କୁ ଭୟଭୀତ ନହେବା ପାଇଁ ପରାମର୍ଶ ଦେବା ସହ ସେମାନଙ୍କୁ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିଜରେ ଗସ୍ତ ସମ୍ବନ୍ଧରେ ମନ୍ତ୍ରୀ କହିଥିଲେ ଯେ, ସମ୍ଭାବ୍ୟ ବାତ୍ୟା ଦାନା ର ମୁକାବିଲା କରିବା ପାଇଁ ଆମ ସରକାରଙ୍କ ତରଫରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଲୋକମାନଙ୍କ ସୁରକ୍ଷା ହେଉଛି ଆମର ପ୍ରାଥମିକତା ଏବଂ ଜିରୋ କାଜୁଆଲଟି ହେଉଛି ଆମର ଲକ୍ଷ୍ୟ । ଲୋକମାନେ ଆଦୌ ଭୟଭୀତ ନହୋଇ ସତର୍କ ରହିବା ସହ ପ୍ରଶାସନିକ ନିର୍ଦ୍ଦେଶାବଳୀ ପାଳନ କରନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି ।

### ବିଏମସି ବାତ୍ୟା ଆଶ୍ରୟସ୍ଥଳୀରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ

# ପ୍ରସ୍ତୁତି ଓ ସେବା ଯୋଗାଣ ବ୍ୟବସ୍ଥାର କଲେ ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆଜି ଅପରାହ୍ଣରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତି ଓ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ବିଶେଷ କରି ବାତ୍ୟାକୁ ଦୃଷ୍ଟିରେ ରଖି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତ ରଖିବା ପାଇଁ ରାଜ୍ୟ ସରକାରଙ୍କ ସକ୍ରିୟ ଆଭିମୁଖ୍ୟର ଏକ ଅଂଶ ବିଶେଷ ଭାବେ ଏହି ଗସ୍ତ କରିଛନ୍ତି । ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଆଶ୍ରୟସ୍ଥଳୀଗୁଡ଼ିକର ଖାଦ୍ୟ, ପାଣି ଓ ପ୍ରାଥମିକ ଚିକିତ୍ସା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସହିତ ବିଦ୍ୟୁତ ବ୍ୟାକଅପ୍ ଏବଂ ପରିମଳ ସୁବିଧାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ । ବିପର୍ଯ୍ୟୟ ସମୟରେ ନାଗରିକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଏହି ଆଶ୍ରୟସ୍ଥଳୀଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ କାର୍ଯ୍ୟକ୍ଷମ ହେବା ନିଶ୍ଚିତ କରିବା ଗୁରୁତ୍ୱ ଦେଇଥିଲେ ।



ଶ୍ରୀମତୀ ପାଢ଼ୀଙ୍କ ସହ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ, ଯେଉଁମାନେ ଯେକୌଣସି ସମ୍ଭାବ୍ୟ ସ୍ଥାନାନ୍ତର କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସୁରୁଖୁରୁରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ମଧ୍ୟରେ ସମନ୍ୱୟ ବିଷୟରେ ତାଙ୍କୁ ଅବଗତ କରାଇଥିଲେଛ ପ୍ରମୁଖ ଶାସନ ସଚିବଙ୍କ ଗସ୍ତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ମୁକାବିଲା ଏବଂ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚାଇଥାଏ ।

## ଓଏଏସ୍ ପାଇଲେ ମନିସା : ଚୌଦ୍ୱାର କଟକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ସ୍ଥାନୀୟ ୩୯ନଂ ୱାର୍ଡ ସ୍ଥିତ ପାଟରାସାହି ନିବାସୀ ବିଜେଡି ନଗର କମିଟିର ଉପସଭାପତି ବିଷ୍ଣୁ ସାହୁ ଓ ସସ୍ମିତା ସାହୁଙ୍କ କନ୍ୟା ତଥା ୱାର୍ଡର କର୍ପୋରେଟର ବଟକୃଷ୍ଣ ସାହୁଙ୍କ ଝିଆରି ମନୀସା ସାହୁଙ୍କୁ ଚୌଦ୍ୱାର କଟକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୁଚନାଯୋଗ୍ୟ, ସୁଶ୍ରୀ ମନୀସା ଓଡିଶା ସିଭିଲ ସର୍ଭିସ (ଓଏଏସ) ପରୀକ୍ଷାରେ ୨୧୫ନଂ ର୍‌ୟାଙ୍କ ରଖିଛନ୍ତି । ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଅର୍ଥନିତୀ ବିଭାଗରେ ପିଜି କରିବା ପରେ ଦିଲ୍ଲିରେ ରହି ଓଏଏସ ପାଇଁ ନିଜକୁ ପ୍ରସ୍ତୁତି କରୁଥିଲେ । ତାଙ୍କର ଏହି ସଫଳତା ପାଇଁ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ବାସଭବନରେ ପହଂଚି ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ



। ଏହି ସମ୍ବର୍ଦ୍ଧନା ସଭାରେ ନଗର ବିଜେଡିର ଉପ-ସଭାପତି ରାଜେନ୍ଦ୍ର ରଣା, କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ଅକ୍ଷୟ ପଣ୍ଡା, ପବିତ୍ର ଭୂୟାଁ, ବିଭୁତି ସ୍ୱାଇଁ, ବଦ୍ରିନାରାୟଣ ଲେଙ୍କା, ଶୁଭେନ୍ଦୁ ସେନ ଗୁପ୍ତା, ଗଣେଷ ଲେଙ୍କା, ସୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବାପା-ମା' ଏବଂ ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ହିଁ ତାଙ୍କୁ ଏତେ ବାଟ ଆଣିପାରିଥିବା ବେଳେ ସମାଜରେ ଆର୍ଥିକ ଅନଗ୍ରସର ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହିଁ ତାଙ୍କର ମୂଳ ଲକ୍ଷ ବୋଲି ମନୀସା ତାଙ୍କ ପ୍ରତିକ୍ରିୟାରେ କହିଥିଲେ ।

### ମଧୁସୂଦନନଗର ଗଜଲକ୍ଷ୍ମୀ ପୂଜାକମିଟି ପକ୍ଷରୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାସହରରେ ମିଳିତ ଗଜଲକ୍ଷ୍ମୀ ଭଷାଣି ଉତ୍ସବ ଉପଲକ୍ଷେ ମଧୁସୁଦନ ନଗର ଗଜଲକ୍ଷ୍ମୀ ପୂଜାକମିଟି ପକ୍ଷରୁ ସ୍ଥାନୀୟ ନୂଆବସଷ୍ଟାଣ୍ଡ ଠାରେ ଅନୁଷ୍ଠାନ ର ଆବାହକ ସୃଷ୍ଟିରାଜ ତ୍ରୀପାଠୀ (ନନ୍ନୁ)ଙ୍କ ଆବାହକତ୍ୱରେ ମେଲାଣି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ମହମ୍ମଦ ଆୟୁବ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିରୂପେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବାସନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥିଭାବେ ଅନୁଷ୍ଠାନର ଈଶ୍ୱରଚନ୍ଦ୍ର ମଙ୍ଗରାଜ, ବରିଷ୍ଠ ନାଗରିକ ଜ୍ଞାନରଞ୍ଜନ ଦାସ, ଦେବ ପ୍ରସାଦ ରଥ, ବିରଂଚି ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏଠାରୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଉକ୍ତ କଳାକାରମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ମିଳିତ ଭଷାଣୀରେ ସାମିଲ ହୋଇଥିବା ପୂଜାମଣ୍ଡପର କର୍ମକର୍ତାଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସମ୍ପାଦକ ପ୍ରଦୀପ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । କମିଟିର ସମସ୍ତ କର୍ମକର୍ତା ଏଥିରେ ସହଯୋଗ କରିଥିଲେ ।

### ୫୦ କିମିରୁ ଅଧିକ ପବନ ହେଲେ ହେବ ବିଦ୍ୟୁତ କାଟ୍

# କ୍ଷୟକ୍ଷତି ପରେ ପୁନଃସଂଯୋଗୀକରଣ ପାଇଁ ୧୮୯ ଗ୍ୟାଙ୍ଗ ଜିଲ୍ଲାରେ ନିୟୋଜିତ

କଟକ,(ସବ୍ୟୁ): ବାତ୍ୟା 'ଦାନା'ରେ ଯଦି କଟକ ସହର ସହ ଜିଲ୍ଲାରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଏ ତାହେଲେ ଏହାର ତୁରନ୍ତ ପୁନଃସଂଯୋଗୀକରଣ ଦିଆଯିବା ଲାଗି ବିଦ୍ୟୁତ ବିଭାଗ ପ୍ରସ୍ତୁତ ରହିଛି । ଏଥିପାଇଁ ୧୮୯ଟି ଗ୍ୟାଙ୍ଗ୍ କାର୍ଯ୍ୟ କରିବେ । ପ୍ରତ୍ୟେକ ବିଦ୍ୟୁତ୍ ଡିଭିଜନ୍‌ରେ ପ୍ରାୟ ୧୦ରୁ ଅଧିକ ଗ୍ୟାଙ୍ଗ୍‌ଙ୍କୁ ନିୟୋଜିତ କରାଯାଇଛି । ଏହି ଗ୍ୟାଙ୍ଗରେ ୪ରୁ ୫ଜଣ ବିଦ୍ୟୁତ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଏଥିସହ ପୁରା ମ୍ୟାସିନାରୀ ମଧ୍ୟ ରହିଛି । ଗୋଟେ ଶିଡ଼ି ଏବଂ ଅନ୍ୟାନ୍ୟ ଉପକରଣ ମଧ୍ୟ ଏହି ଗ୍ୟାଙ୍ଗେ ରଖାଯାଇଛି । ଏହି ଗ୍ୟାଙ୍ଗ୍ ବିଦ୍ୟୁ ମରାମତି କାର୍ଯ୍ୟ ତ୍ୱରିତ ବେଗରେ କରିବ । ବିଦ୍ୟୁତ ବିଭାଗ ପକ୍ଷରୁ ବାତ୍ୟା 'ଦାନା'କୁ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।

କଟକ ଜିଲ୍ଲାରେ ମୋଟ୍ ୭୦୨ କିମିର ୩୩କେଭି ବିଦ୍ୟୁତ ତାର ଯାଇଛି । ସେହିପରି ୫ହଜାର ୭୧୬ କିମିର ୧୧କେଭି ଲାଇନ୍ ଏବଂ ୯,୭୫୨ କିମି ଏଲ୍ଟି ଲାଇନ୍ ଯାଇଛି । ୧୫୯ ଗ୍ରାନ୍ସଫର୍ମର ଥିଲାବେଳେ ୭୨୫ଟି ଆରଡବ୍ଲ୍ୟୁଏସ୍‌ଏସ୍ ୧୦୪ଟି ପିଏଚ୍‌ଡି ପଏଣ୍ଟ ରହିଛି । ଯଦି ୫୦କିମିରୁ ଅଧିକ ପବନ ବୁହେ ତାହେଲେ ବିଦ୍ୟୁତ ସଂଯୋଗ କାଟି ଦିଆଯିବ । କିନ୍ତୁ ବାତ୍ୟା ଛାଡ଼ି କ୍ଷଣି ତୁରନ୍ତ ଏହି ଗ୍ୟାଙ୍ଗ ପ୍ରତ୍ୟେକ ଅଞ୍ଚଳକୁ ଗସ୍ତ କରିବେ । ଯଦି କୌଣସି ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଥାଏ ତାହେଲେ ଗ୍ୟାଙ୍ଗ୍ ବିଦ୍ୟୁତ ପୁନଃ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ କିନ୍ତୁ ଯେଉଁଠି ଟ୍ରାନ୍ସଫରମର ଆଦି ଭାଙ୍ଗି ଯାଇଥିବ କିମ୍ବା ଉପୁଡ଼ି ଯାଇଥିବ ସେଭଳି କ୍ଷେତ୍ରରେ ମୋବାଇଲ୍ ଭ୍ୟାନ୍ କାର୍ଯ୍ୟ କରିବ । ଏଥିପାଇଁ ପ୍ରତ୍ୟେକ ଡିଭିଜନ୍‌ରେ ମୋବାଇଲ୍ ଭ୍ୟାନ୍ ନିଯୁକ୍ତି କରାଯାଇଛି । ସେମାନେ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ସ୍ଥାନରେ ତୁରନ୍ତ ମରାମତି ଲାଗି ପଦକ୍ଷେପ ନେବେ । ଏହି ମରାମତି ଲାଗି ବିଦ୍ୟୁତ ବିଭାଗର ୧୭୪୨ଜଣ ଲୋକ ନିୟୋଜିତ ହୋଇଛନ୍ତି । ୨ଟା କ୍ରେନ୍, ୧୦ଟି ପୋଲ୍ ମାଷ୍ଟର, ବିଭିନ୍ନ ବିଦ୍ୟୁ ଉପକରଣ ପରିବହନ ଲାଗି ୩୬ଟି ଗାଡ଼ି, ୯ଟି ଗ୍ୟାସ୍ କଟର, ୧୦ଟଠି ଡିଜି ସେଟ୍, ୧୦ଟି ଆସ୍କା ଲାଇଟ୍, ଯଦି କୌଣସି ସ୍ଥାନ ପାଣି ଜମାହୁଏ ତାହାକୁ ନିଷ୍କାସନ ଲାଗି ୧୦ଟି ପମ୍ପସେଟ୍ ରଖାଯାଇଛି । କଟକ ସହର କଥା ଯଦି ଦେଖାଯାଏ ଏହା ମଧ୍ୟରେ ତିନୋଟି ଡିଭିଜନ୍ ରହିଛିଛ ରାଣୀହାଟ ଡିଭିଜନ୍-୧, ବାଦାମବାଡ଼ି ଡିଭିଜନ୍-୨ ଏବଂ ଯୋବ୍ରା ଡିଭିଜନ୍‌ଛ ଏହି ତିନୋଟି ଯାକ ଡିଭିଜନ୍‌ରେ ପୁରା ସହର ରହୁଛ । ଯାହା କେବଳ ସହର ଉପକଣ୍ଠ କିଛି ଅଞ୍ଚଳ ଏହି ଡିଭିଜନ୍ ମଧ୍ୟରେ ଆସୁଛନ୍ତି । ସହରରେ କୌଣସି ଆପାତଃକାଳୀନ ପରିସ୍ଥିତି ପାଇଁ ୫୦ଟି ଗ୍ୟାଙ୍ଗ୍ କାର୍ଯ୍ୟ କରୁଛତି ବୋଲି ବାଦାମବାଡ଼ି ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି ସୂଚନା ଦେଇଛନ୍ତି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳର ୨୫ତମ ଅର୍ଦ୍ଧବାର୍ଷିକୀ ବୈଠକ




ଭୁବନେଶ୍ୱର (ସବ୍ୟୁ) : ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, କେନ୍ଦୁଝରର ୨୫ତମ ଅର୍ଦ୍ଧବାର୍ଷିକୀ ବୈଠକ ଆୟୋଜିତ ହୋଇଯାଇଛି। କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରଣାଳୟ , ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପ ନିର୍ଦ୍ଦେଶକ ଡଃ ବିଚିତ୍ର ସେନ ଗୁପ୍ତା ଅତିଥି ରୂପେ ଏଥିରେ ଉପସ୍ଥିତ ଥିଲେ। ରାଜଭାଷା ବିଭାଗ , ପ୍ରଧାନ କାର୍ଯ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ପ୍ରବନ୍ଧକ ଅମରିଶ ରାଙ୍ଗା ଏଥିରେ ଯୋଗ ଦେଇଥିଲେ। ନରାକାସ ସଦସ୍ୟ ସଚିବ ଦେବ ଜୈସ୍‌ୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସଦସ୍ୟ କାର୍ଯ୍ୟାଳୟର କାର୍ଯ୍ୟାଳୟ ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ। ବୈଠକରେ ସିଲ୍ଡ ପୁରସ୍କାର ବିତରଣ କରାଯାଇଥିଲା । ଏଥିସହିତ ରାଜଭାଷାର ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡଃ ବିଚିତ୍ର ସେନ ଗୁପ୍ତା ନରାକାସ କେନ୍ଦୁଝରର ସକ୍ରିୟତା ପାଇଁ ଏହାକୁ ପ୍ରଶଂସା କରିଥିବା ସହ ଅଧିକ ଉତ୍ସାହର ସହିତ ବିଭିନ୍ନ ପ୍ରୟାସ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅମରିଶ ରାଙ୍ଗା ରାଜଭାଷା କାର୍ଯ୍ୟାନ୍ୱୟନ କାର୍ଯ୍ୟକୁ ଅଧିକ ସୁନ୍ଦର ଭାବେ କରିବାକୁ ପ୍ରୋତ୍ସାହିତ କରିଥିଲେ । ଅଧ୍ୟକ୍ଷ ସିଲ୍ଡ ପୁରସ୍କାର ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

### ଏସ୍‌ସିବି କର୍ତ୍ତୃପକ୍ଷଙ୍କ ବାତ୍ୟା ମୁକାବିଲା

## ୪ ହଜାର ରୋଗୀଙ୍କୁ ଚୁଡା, ଗୁଡ ପ୍ୟାକେଟ୍

କଟକ,(ସବ୍ୟୁ): ବାତ୍ୟା ସମୟରେ ରୋଗୀ କିପରି ଖାଦ୍ୟ ସମସ୍ୟାରେ ନପଡ଼ିବେ ସେଥିପାଇଁ ଏସ୍ସିବି ମେଡିକାଲ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି । ଚିକିତ୍ସାଧିନ ୪ହଜାର ରୋଗୀଙ୍କୁ ମେଡିକାଲ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ରୋଗୀଙ୍କୁ ଖାଦ୍ୟ ପୁଡିଆ ବଣ୍ଟନ କରାଯାଇଛି । ପ୍ରତି ପ୍ୟାକେଟରେ ବିସ୍କୁଟ ସହ ଏକ କେଜି ଚୁଡା ଏବଂ ଗୁଡ ରଖାଯାଇଛି । ଏତଦବ୍ୟତୀତ ୧ହଜାର ରୋଗୀ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସେହିପରି ଏସ୍ସିବିରେ ଡ୍ୟୁଟି କରୁଥିବା ଷ୍ଟାଫମାନଙ୍କ ପାଇଁ ମଧ୍ୟ ବିଶେଷ ପଦକ୍ଷେପ ନିଆଯାଇଛି । ଗୁରୁବାର ରାତିରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ସମସ୍ତ ଷ୍ଟାଫଙ୍କ ପାଇଁ ଏସ୍ସିବି କର୍ତ୍ତୃପକ୍ଷ ଖାଦ୍ୟ ବ୍ୟବସ୍ଥା କରିଥିବା କୁହାଯାଇଛି ।

# ବାତ୍ୟା ଭୟରେ ସାମଗ୍ରୀ କିଣି ଲୋକେ ହତାଶ...

ଭୁବନେଶ୍ୱର, (ତଥ୍ୟ): ବାତ୍ୟା ଭୟରେ ବିକଳିଆ ହୋଇ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ସାମଗ୍ରୀକୁ ଚଢା ଦରରେ ଖରିଦ କରିଥିବା ରାଜଧାନୀବାସୀ ହତାଶ ହୋଇଛନ୍ତି । ବାତ୍ୟାର ପ୍ରଭାବ ରାଜଧାନୀ ଉପରୁ ହଟିଯାଇଥିବାବେଳେ ସରକାରଙ୍କ ନାଲି ଆଖି ପରେ ଆଳୁ, ପିଆଜ ଭଳି ସାମଗ୍ରୀର ଦର ହ୍ରାସ ପାଇଛି । ବାତ୍ୟା ଖବର ପ୍ରସାରଣ ପରେ ରାଜଧାନୀବାସୀ ଗାଡି ମୋଟର ଧରି ହାଟ ଓ ବିଭିନ୍ନ ମଲକୁ ଧାଇଁଥିଲେ । ଯିଏ ଯାହା ପାଇଲା ବଜାରରୁ କିଣିଲା । ତିନି ଜଣିଆ ପରିବାର ଥିବା ଲୋକେ ୮/୧୦ କିଲୋ ଆଳୁ ସହିତ ପିଆଜ, ଅଟା, ଚୁଡା, ଚିନି ଆଦି ବୋହି ନେଲେ । ଫଳରେ ଦୁଇ ଘା ଭିତରେ ରାଜଧାନୀରେ ଆଳୁ କିଲୋ ୩୦ ଟଙ୍କାରୁ ବଢି ୫୦ ଟଙ୍କା ହୋଇଥିଲା । ପିଆଜ କିଲୋ ୫୦ରୁ ୮୦ ଟଙ୍କାରେ ପହଞ୍ଚିଗଲା । ଚଢା ଦର ସତ୍ତ୍ୱେ ବି ଲୋକେ ବିକଳିଆ ହୋଇ ଏତେ ସାମଗ୍ରୀ ନେଲେ ଯେ ଗୋଟିଏ ଦିନରେ ବଜାର ଏକ ପ୍ରକାର ଖାଲି ହୋଇଗଲା ।

ଆଳୁ ଦୋକାନଗୁଡିକରୁ ଆଳୁ ଉଭାନ ହୋଇଥିବାବେଳେ ଅନେକ ତେଜେରାତି ଦୋକାନରୁ ଅଟା, ସୁଜି, ଚୁଡା ଭଳି ସାମଗ୍ରୀ ବି ସରିଗଲା । ଲୋକେ ମନଇଛା ସାମଗ୍ରୀ କିଣିଥିବାବେଳେ ବ୍ୟବସାୟୀମାନେ ଦର କଷିବାକୁ ପଛାଇନଥିଲେ । ରାଜଧାନୀବାସୀ ଫନି ବିଭୀଷିକାକୁ ମନେ ପକାଇ ମାସେ ଦୁଇମାସ ପାଇଁ ଆବଶଙ୍କ ହେଉଥିବା ସାମଗ୍ରୀ ଖରିଦ କରିବାପରେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । କାରଣ ଗତ କାଲିଠାରୁ ବାତନ୍ଥା ଦାନା ର ପ୍ରଭାବ ଖୋରଧା ଜିଲ୍ଲାରେ ସେଭଳି ପଡିବନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ବାତନ୍ଥା ପ୍ରଭାବରେ ରାଜଧାନୀରେ ଝିପି ଝିପି ବର୍ଷା ସହିତ ସାମାନ୍ୟ ପବନ ବହିବାରେ ଲାଗିଛି । ଗୁରୁବାର ରାତି କିମ୍ବା ଶୁକ୍ରବାର ପାହାନ୍ତା ସମୟରେ ବାତନ୍ଥା କେନ୍ଦ୍ରାପଡା ଓ ଭଦ୍ରକ ମଧ୍ୟଭାଗରେ ସ୍ଥଳଭାଗ ଛୁଇଁବ । ସମୟରେ ରାଜଧାନୀରେ ପବନର ବେଗ ସାମାନଣ୍ଠ ବଢିବା ସହିତ ବର୍ଷାର ଆଶଙ୍କା କରାଯାଉଛି । ତେବେ ଯେଉଁ ଆକଳନ କରି ରାଜଧାନୀବାସୀ ସହରର ଅନେକ ଦୋକାନ ଖାଲି କରିଦେଇଥିଲେ ସେଭଳି କିଛି ହେବାର ନାହିଁ ବୋଲି ସୂଚନା ମିଳିଲାଣି ।

ସହରବାସୀ ଭୟରେ କେବଳ ଦୋକାନ ଖାଲି କରିନାହାନ୍ତି, ଅନେକ ପେଟ୍ରୋଲ ପମ୍ପରେ ମଧ୍ୟ ପେଟ୍ରୋଲ ଓ ଡିଜେଲ ସଫା କରିଦେଇଥିଲେ । ବାତନ୍ଥା ସୂଚନା ପ୍ରଘଟ ପରେ ପରେ ଲୋକେ ଶହ ଶହ ସଂଖ୍ୟାରେ ତେଲଟାଙ୍କିଗୁଡିକରେ ଘା ଘା ଧରି ଧାଡି ଲଗାଇଥିଲେ । ଉଭୟ ଚାରି ଚକିଆ ଓ ଦୁଇଚକିଆ ଯାନଗୁଡିକ ଟାଙ୍କି ଭର୍ତ୍ତି ତେଲ ପକାଇବା ଫଳରେ ସହରର କେତେକ ଟାଙ୍କିରେ କିଛି ସମୟ ପାଇଁ ତେଲ ଅଭାବ ପରିଲକ୍ଷିତ ହୋଇଥିଲା । ଧାର ଉଧାର କରି ଟାଙ୍କି ଭର୍ତ୍ତି କରିଥିବା ଲୋକେ ଏବେ ମୁଣ୍ଡରେ ହାତ ମାରୁଛନ୍ତି । ତେଜେରାତି ସାମଗ୍ରୀ ସହିତ ପେଟ୍ରୋଲ, ଡିଜେଲ ଖାଲି କରିଦେଇଥିବା ସହରବାସୀ ହାଟରୁ କଞ୍ଚା ପରିବା ମଧ୍ୟ ବୋହି ନେଇଛନ୍ତି । ଜଣେ ଜଣେ ବ୍ୟକ୍ତି ସପ୍ତାହେ ପାଇଁ କଞ୍ଚାପରିବା କିଣିବା ଯୋଗୁଁ ପନି ପରିବା ଦର ହୁ ହୁ ହୋଇ ବଢିଯାଇଥିଲା । ଚଢା ଦର ସତ୍ତ୍ୱେ ବି ଲୋକେ ପରିବା ହାଟ ଖାଲି କରିଦେଇଥିଲେ । ବ୍ୟବସାୟୀମାନେ ବି ଭଲ ଦୁଇ ପଇସା ପାଇଥିଲେ । ବ୍ୟବସାୟୀଙ୍କ ଚଢା ଦର ସଂକାନ୍ତରେ ଖବର ପ୍ରସାରିତ ପରେ ସରକାର ଆକ୍ସନ ମୋଡକ୍କୁ ଆସିଥିଲେ । ଏଥିଯୋଗୁଁ ଆଳୁ ପିଆଜ ପୂର୍ବ ଦରକୁ ଫେରିଥିବାବେଳେ କଞ୍ଚା ପରିବା ନେବାକୁ ଲୋକ ନଥିବାରୁ ଗୁରୁବାର ଦିନ ଅଳ୍ପ ଦରରେ ବଜାରରେ ଭଲ ପନିପରିବା ମିଳିଛି । ତେବେ ଚଢା ଦରରେ ବଜାର ଖାଲି କରିଥିବା ଲୋକେ ବାତନ୍ଥା ସୂଚନା ପ୍ରସାରଣକାରୀଙ୍କୁ ଏବେ ଦୋଷ ଦେଉଥିବା ଲକ୍ଷ୍ୟ କରାଯାଇଛି ।

# ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ

ଭଂଜନଗର, (ସବ୍ୟୁ): ଉତ୍ତର ଘୁମୁସର ମୁଜାଗଡ ବନାଞ୍ଚଳରେ ୨୭ ଟିକିଆ ବଣୁଆ ହାତୀ ପଲ । ଗୁଟୁଲିଗୁଡା ନିକଟ ଦରପଙ୍ଗିଆ ଜଙ୍ଗଲ ଏବଂ ମହାଗୁଡା ଗାଁ ନିକଟ ଗାଲେରୀ ଜଙ୍ଗଲରୁ ଆସି ଧାନ କ୍ଷେତରେ ପଶୁଛନ୍ତି ହାତୀପଲ । ନିକଟସ୍ଥ ଗ୍ରାମବାସୀଙ୍କ ସହଯୋଗରେ ହାତୀପଲକୁ ଘଉଡାଉଛି ବନବିଭାଗ । ଗୋଟିଏ ପଟେ ସ୍ଥାନୀୟ ଚାଷୀଙ୍କୁ ବର୍ଷା ଓ ବାତ୍ୟା ଭୟ ଘାରୁଥିବା ବେଳେ, ଅନ୍ୟପଟେ ବଣୁଆ ହାତୀପଲ ଚିନ୍ତାର କାରଣ ହୋଇଛନ୍ତି । କିଛି ସ୍ଥାନରେ ଧାନ ଫସଲ ଅମଳ ଯୋଗ୍ୟ ହୋଇଥିବା ବେଳେ, ଆଉ କିଛି ସ୍ଥାନରେ ଧାନଫସଲ ପାଚିନାହିଁ । ଗତ ଦିନରେ ବର୍ଷା ଅଭାବ ସତ୍ତ୍ୱେ ବହୁ କଷ୍ଟରେ ଚାଷୀ ମାନେ, ଧାନଫସଲ କରିଥିଲେ । କିଛି ଅମଳ କରିବାପାଇଁ ଚାଷୀ ମାନେ ଆଶା ରଖିଥିଲେ । ବର୍ତ୍ତମାନ ସମୟରେ ବାତ୍ୟା ଦାନାକୁ ନେଇ ଭୟଭୀତ ହୋଇ ପଡ଼ିଥିଲେ ଚାଷୀ । ତେବେ ବାତ୍ୟା



ଆସିବା ପୂର୍ବରୁ ଗତ ତିନିଦିନ ହେଲା, ଉଭୟ ଜଙ୍ଗଲରୁ ୨୭ ଠିକା ହାତୀପଲ ଆସି ଏବେ, ଧାନ କ୍ଷେତ ମୁହାଁ ହୋଇଛନ୍ତି । ଯାହା ଫଳରେ ଚଳିତ ବର୍ଷ, ଧାନ ଅମଳ କରିବା ଆଶା, ମଉଳି ଯିବାରେ ଲାଗିଛି । ଏଣୁ ଏଦିଗରେ ବନବିଭାଗ ସତର୍କ ନଜର ରଖିଛି ବୋଲି କହିଛନ୍ତି, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ । ତେବେ ଏକ୍ଷେତ୍ରରେ ହାତୀପଲକୁ ଘଉଡ଼ାଇବା ପାଇଁ ବନବିଭାଗ ଉଦ୍ୟମ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ ହୋଇଛି।

# ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ନିମନ୍ତେ ସମୀକ୍ଷା

ଛତ୍ରପୁର, (ସବ୍ୟୁ) : ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା 'ଦାନା' ଶକ୍ତିଶାଳୀ ହୋଇ ସ୍ଥଳଭାଗ ମୁହାଁ ହୋଇଛି। 'ଦାନା'ର ପ୍ରଭାବରେ ସାମୁଦ୍ରିକ ବାତ୍ୟା 'ଦାନା'ପ୍ରଭାବରେ ତୁହାକୁ ତୁହା ବର୍ଷା ସହିତ ପବନ ବେଗ ମଧ ଧୀରେଧୀରେ ବିବାରେ ଲାଗିଛି। ପାଗ ଅଧିକ କୋହଲା ହେବାରେ ଲାଗିଥିବାବେଳେ ସମୁଦ୍ର ଅଶାନ୍ତ ହେବା ସହିତ ଉଚ୍ଚା ଜୁଆର ସୃଷ୍ଟି ହେଉଛି। ଆଜି ରାତିରୁ ୨୫ ତାରିଖ ପାହାନ୍ତି ପ୍ରହର ଭିତରେ ଓଡ଼ିଶାରେ ତାଣ୍ଡବ ରଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। 'ଦାନା' ଏବେ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇ ସ୍ଥଳଭାଗ ଆଡକୁ ମାଡି ଆସୁଛି। ଏନେଇ ଲୋକସଭା ଭବନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ଓ ଏସପି ମାନଙ୍କ ସହ ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଭଲ ପ୍ରସ୍ତୁତି ହୋଇଛି । ଆଗକୁ ମଧ ଏହିଭଳି କାର୍ଯ୍ୟ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଓ ଏସପିଙ୍କୁ କହିଥିଲେ। ତଳିଆ ଅଂଚଳରୁ ଶତପ୍ରତିଶତ ସ୍ଥାନାନ୍ତରିତ କରିବା, ସ୍ଥାନାନ୍ତରିତ କରିବା ବେଳେ ଯଦି, କିନ୍ତୁ ଓ ପରନ୍ତୁ ନଲଗେଇ, ପୋଲିସ ସାହାର୍ଯ୍ୟରେ ଲୋକଙ୍କୁ ସ୍ଥାନାନ୍ତରିତ କରିବା, ଆଶ୍ରୟ ସ୍ଥଳୀରେ ଲୋକଙ୍କୁ ସମସ୍ତ ପ୍ରକାର ଖାଦ୍ୟ, ଔଷଧ, ଶିଶୁ ଖାଦ୍ୟ ଆଦି ମହଜୁଦ ରଖିବା, ପଶୁ ସମ୍ପଦ ମାନଙ୍କୁ ଗୋ ଖାଦ୍ୟ ସହିତ ସେମାନଙ୍କୁ ସୁରକ୍ଷିତ ଉଚ୍ଚ ସ୍ଥାନରେ ରଖିବା, ଜିରୋ କାଜୁଆଲଟିକୁ ବଜାଇ ରଖିବା, ସମ୍ପୂର୍ଣ ଭାବେ ଆବଶ୍ୟକତା ଭିତିକ ହେବା ଆବଶ୍ୟକ ରହିଛି, ପ୍ରତି ଅଂଚଳର ଖବର ସଂଗ୍ରହ କରିକି କଣ୍ଟ୍ରୋଲ ରୁମ ସଙ୍ଗେ ସଙ୍ଗେ ଜଣାଇବା, ଯେଉ ଗାଁ ଗୁଡିକ ସମ୍ପୂର୍ଣ ଜଳ ମଗ୍ନ ହେବାର ଆଶଙ୍କା ରହିଛି ଚିହ୍ନଟ କରିବା, ଜିଲ୍ଲା, ଉପଖଣ୍ଡ ହସ୍ପିଟାଲ





ଗୁଡିକରେ ବିଦ୍ୟୁତ ଗଲେ ଲାଇଟ, ବ୍ୟାଟରୀ, ଜେନରେଟର ବ୍ୟବସ୍ଥା କରିବାକୁ ଗୁରତ୍ୱ ସହ ପାଳନ କରିବା, ଆଶ୍ରୟ ସ୍ଥଳୀ ରେ ଥିବା ଲୋକଙ୍କୁ ପୋଲିସ ଉପସ୍ଥିତରେ ଖାଦ୍ୟ ଏବଂ ରିଲିଫ ବଣ୍ଟନ କରିବା, ଏଥିରେ କେହି ରାଜନୀତି କରୁଛି, ତାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ, ସମସ୍ତଙ୍କୁ ସମାନ ଆଧାରରେ କାମ କରିବେ, ଯେଉ ଅଂଚଳର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି, ସେହି ଅଂଚଳରେ ଚୋରିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡାକଡି ପେଟ୍ରୋଲିଙ୍ଗ କରିବାର ବ୍ୟବସ୍ଥା କରିବା, ବନ୍ୟା କିମ୍ବା ବାତ୍ୟା ହେଲେ ଫିଲଡରେ ଥିବା ଅଫିସର ମାନଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ସଫଳତା ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ କିରୋସିନ ପର୍ଯ୍ୟାପ୍ତ ପରିମାଣରେ ପଂଚାୟତ କୁ ପଠାଇବାର ବ୍ୟବସ୍ଥା କରନ୍ତୁ, ମହିଳା ସଂଘ, ସାମାଜିକ ସଂଗଠନ ଓ ଯୁବ ସଂଗଠନ ମାନଂକୁ ସାମିଲ କରାନ୍ତୁ ବୋଲି ମଧ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସ୍ୱାନ ହଲ ଠାରେ ଆଭାସୀ ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ପ୍ରୋବେଶନାଲ ଆଇଏଏସ ଅଫିସର ପ୍ରଣିତା ଦାସ, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଓ ଡେପୁଟି କଲେକ୍ଟର (ଜରୁରୀ କାଳୀନ) ଆୟୁଷି ପତି ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ରହ୍ମପୁର ଠାରେ ବ୍ରହ୍ମପୁର ଏସପି ଯୋଡି ହୋଇଥିଲେ ।

# ୩୦ କିଲୋ ଗନ୍ ପାଉଡର ସହ ବାଣ ଜବତ, ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ୩୦ କିଲୋ ଗନ୍ ପାଉଡର ସହ ବିଭିନ୍ନ ପ୍ରକାର ବାଣ ଜବତ କରିଛି ଭଞ୍ଜନଗର ପୁଲିସ। ଏହି ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ପ୍ରକାରେ ମଙ୍ଗଳବାର ସନ୍ଧ୍ୟା ୭ଟା ବେଳେ ଭଞ୍ଜନଗର ଥାନା ଏଏସଆଇ ଶରତ ଚନ୍ଦ୍ର ପଣ୍ଡା ଥାନାର ଅନ୍ୟ ଷ୍ଟାଫଙ୍କ ସହ ମିଶି ପେଟ୍ରୋଲିଙ୍ଗ୍ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ତୁଳସୀପଲ୍ଲୀ ଗ୍ରାମର ଦିଲିପ କୁମାର ସାହୁଙ୍କ ଘର ଚଢାଉ କରିବା ବେଳେ ଘର ଭିତରୁ ୩୦ କିଲୋ ଗନ୍ ପାଉଡର ସହ ବିଭିନ୍ନ କିସମର ବାଣ ଜବତ କରିଥିଲେ। ଥାନା କେଶ ନମ୍ବର ୯୭୩/୨୪ ର ଦଫା ୨୮୮ ବିଏନଏସ୍/ସେକ୍ସନ ୦୫ ଓଡିଶା ଫାଇର ଓ୍ୱାର୍କ ଓ ଲାଉଡସ୍ପିକର ଆକ୍ଟ/ସେକ୍ସନ ୯(ବି) ଇଣ୍ଡିଆନ ଏକ୍ସପ୍ଲୋଜିଭ୍ ଆକ୍ଟ ପ୍ରକାରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦିଲ୍ଲୀପ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୁମର ମୁଦୁଲି ସୂଚନା ଦେଇଛନ୍ତି ।

## ଆଗକୁ ଦୀପାବଳି
# ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର

ବୁଗୁଡ଼ା, (ସବ୍ୟୁ): ଆଲୋକର ପର୍ବ ଦୀପାବଳି ଆସନ୍ତା ଅକ୍ଟୋବର ୩୧ ତାରିଖ ଗୁରୁବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ତିଆରିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ପ୍ରଭାବରେ ହଜିନଯାଇ ଅଦ୍ୟାବଧି ବଞ୍ଚିରହିଛି । ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇ ପାରୁଥିଲା । ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଦେଖା ଦେଲାଣି । ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତିରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେ ସୁଦ୍ଧା ସଂଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର । ବିଜ୍ଞାନ ଯୁଗରେ ଆଲୋକର ପର୍ବ ଦୀପାବଳି ପାଳନ ସକାଶେ ରଙ୍ଗ ବେରଙ୍ଗର ମହମବତୀ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେ ବି ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ । ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ। ବୁଗୁଡା ବ୍ଲକର ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଙ୍ଗି ଗ୍ରାମରେ ରହୁଥିବା ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଦ ବେହେରା, ଗୋବିନ୍ଦ ବେହେରା, ଅଶୋକ ବେହେରା ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରିନଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । କୌଳିକ ବୃତ୍ତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୂରାଉଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି ।

# ରାଜଯୋଗିନୀ ମଞ୍ଜୁ ଦିଦିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଆସିକା, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ସଂଗଠନର ବ୍ରହ୍ମପୁର ସବ ଜୋନ୍‌ର ଦିବଂଗତ ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାରରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ରାଜଯୋଗିନୀ ମଞ୍ଜୁ ଦିଦିଙ୍କ ଏହି ଅବସରରେ ସ୍ମୃତି ଚାରଣ କରି ଉତ୍ତର ପ୍ରଦେଶ ମେରଟ ସହରରେ ୧୯୪୫ ମସିହାରେ ଜନ୍ମିତ ରାଜଯୋଗିନୀ ମଞ୍ଜୁ ଦିଦି ୧୯୬୭ ମସିହାରେ ଈଶ୍ୱରୀୟ ସେବାରେ ମୁଖ୍ୟାଳୟ ମାଉଣ୍ଟ ଆବୁରେ ଯୋଗଦେବା ପରେ ୧୯୮୬ ମସିହାରୁ ମଧୁବନ ଦ୍ୱାରା ବ୍ରହ୍ମପୁର ସବଜୋନ୍‌ର ମୁଖ୍ୟ ସଂଚାଳିକା ରୂପେ ଆଂଚଳିକ ସେବାକେନ୍ଦ୍ର ଶାନ୍ତିକୁଣ୍ଡରେ ଦାୟିତ୍ୱ ନିର୍ବାହ କରିଆସୁଥିବା ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ସମବାୟ ଚିନି କଳର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ଆସ୍କା ଉପ କାରାଗାରର ଅଧକ୍ଷ ଖଗେଶ୍ୱର ସିଂ, ବାର ଆସୋସିଏସନର ସଭାପତି ସୁଧାଂଶୁ ପଣ୍ଡା, ପୂର୍ବତନ ସଭାପତି ସୁରେନ୍ଦ୍ର ପଣ୍ଡା, ସମ୍ପାଦକ ବିଦେଶୀ ନାହାକ, ସବ ଟ୍ରେଜେରୀର କୋଷାଧକ୍ଷ ଯମେଶ୍ୱର ସେଠୀ, ଏନ୍‌ଏସିର ପୂର୍ବତନ ନଗରପାଳିକା ମଧୁସ୍ମିତା ପୋଲାଇ, ଯୁବ ଆଇନଜୀବୀ ଶାଶ୍ୱତ ପଣ୍ଡା ପ୍ରମୁଖ ଯୋଗ ଦେଇ ରାଜଯୋଗିନୀ ମଞ୍ଜୁ ଦିଦିଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସଂଗଠନ ପ୍ରତି ତାଙ୍କର ମହତ କାର୍ଯ୍ୟ ସମସ୍ତଙ୍କୁ ଆଧ୍ୟାତ୍ମିକ ଶକ୍ତିରେ ସଶକ୍ତ ହେବା ପାଇଁ ଶକ୍ତି ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶତାଧିକ ଭଉଣୀ ଭାଇ ପ୍ରାତଃ ସମୟରୁ ଯୋଗ ଯୁକ୍ତ ରହି ଦିଦିଙ୍କ ଉଦ୍ଦେଶ୍ୟରେ ନିଜର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପରିବା ବ୍ୟବସାୟୀଙ୍କୁ ପ୍ରଶାସନର ତାଗିଦ୍

ବୁଗୁଡା, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଦାନା ସମ୍ପର୍କେ ପାଣିପାଗ ବିଭାଗର ସୂଚନା ପରଠୁ ବୁଗୁଡା ବଜାରରେ ପରିବା ଦର ହୁ ହୁ ହୋଇ ବଢି ଚାଲଛି। ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ କିଛି ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ବିଭିନ୍ନ ପରିବା ଦରରେ ଅହେତୁକ ବୃଦ୍ଧି ଘଟାଇଲେ । ବିଶେଷ କରି ଆଳୁର କୃତ୍ରିମ ଅଭାବ ସୃଷ୍ଟି କରି ଦୁଇ ଦିନ ମଧ୍ୟରେ ଦର ଦୁଇ ଗୁଣା କରିଦେଲେ। ଏନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରଶାସନିକ ଉଦାସୀନତାକୁ ଦାୟୀ କରାଯିବା ପରେ ସ୍ଥାନୀୟ ପ୍ରଶାସନର ଚେତା ପଶିଥିଲା । ତେବେ ଆଜି ସକାଳେ ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଟିଓ ସୁନନ୍ଦ ଶେଖର ସାହାଣିଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପରିବା ବଜାରରେ ଚଢାଉ କରାଯାଇ କେତେକ ମୁନାଫାଖୋର ବ୍ୟବସାୟୀଙ୍କୁ ଚଢା ଦରରେ ପରିବା ବିକ୍ରି ନକରିବାକୁ ତାଗିଦ୍ କରାଯିବାର ଦେଖିବାକୁ ମିଳିଥିଲା । ବିଶେଷକରି ଆଳୁ ଅଢେଇ କିଲୋଗ୍ରାମ ପ୍ରତି ୯୦ ଟଙ୍କାରୁ ଅଧିକ ଦରରେ ବିକ୍ରି କଲେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଉକ୍ତ ଚଢାଉ କାର୍ଯ୍ୟରେ ସ୍ଥାନୀୟ ପୋଲିସ ଓ ଏନ୍‌ଏସି କର୍ମଚାରୀଙ୍କ ସମେତ ମାର୍କେଟିଂ ଇନିସପେକ୍ଟର ହେମନ୍ତ କୁମାର ପ୍ରଧାନ ସାମିଲ ଥିଲେ। ଅନ୍ୟପକ୍ଷରେ ଗତ ଦୁଇ ଦିନ ମଧ୍ୟରେ ଅସାଧୁ ବ୍ୟବସାୟୀ ଲୋକଙ୍କୁ ଲୁଟି ନେବା ପରେ ଆଜିର ଏହି ପ୍ରଶାସନିକ ଚଢାଉ ହେଲାପରେ ପରେ ତାଲା ପକାଇବା ଭଳି କାର୍ଯ୍ୟ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ତାଳଚେରରେ ବାତ୍ୟାର ଭୟ
## ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ

ତାଳଚେର,(ସବ୍ୟୁ) : ଆଇଏମଡ଼ିର ସତର୍କ ସୂଚନା ଅନୁଯାୟୀ ସମ୍ଭାବ୍ୟବାତ୍ୟା 'ଦାନା' ଓଡ଼ିଶା ଉପକୂଳରେ ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ଜନିତ କ୍ଷୟକ୍ଷତି ଆଶାଙ୍କା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେହି ଆଧାରରେ ତାଳଚେର ଉପଖଣ୍ଡ ପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ତାଳଚେର ଉପଜିଲ୍ଲାପାଳ ସମୀର ଜେନା ସମସ୍ତ ଅଧିକାରୀମାନଙ୍କୁ ସଜାଗ ରହିବା ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେଆଜି ସକାଳେ ଆକାଶ ମେଘାଚ୍ଛନ୍ନ ସହିତ ଖରାର ପ୍ରକୋପ ରହିଥିବା ଦେଖିବାକୁ ମିଳିଥିଲା ଓ ରାତି ୮ଟା ସୁଦ୍ଧା ବାତ୍ୟାର ସେପରି କିଛି ପ୍ରଭାବ ନଥିବା ଦେଖାଦେଇଛି। କେବଳ ହାଲୁକା ଥଣ୍ଡା ପବନ ବୋହିବା ସହ ଆକାଶ ମେଘାଚ୍ଛନ୍ନ ହୋଇ ରହିଥିବା ଦେଖିବାକୁ ମିଳୁଛି। ମାତ୍ର ଏହାକୁ ନେଇ ସମଗ୍ର ତାଳଚେର ଅଂଚଳରେ ଲୋକଙ୍କ ମନରେ ଭୟର ସିଂହରଣ ଲାଗି ରହିଥିବା ବେଳେ କିପରି ବାତ୍ୟାରୁ ମୁକ୍ତି ପାଇବୁ ସେଥିନେଇ ନିଜେ ନିଜେ ମଧ୍ୟ କିଛିକାଂଶରେ ସଜାଗ ରହିଥିବା ଦେଖିବାକୁ ମିଳିଛି।

## ତାଳଚେର ଶର୍ମା ଛକରେ
## ଖୋଲିଲା କାନାଡ଼ା ବ୍ୟାଙ୍କ ଶାଖା

ତାଳଚେର,(ସବ୍ୟୁ) : ତାଳଚେର ଟାଉନ ଶର୍ମାଛକରେ କାନାଡ଼ାବ୍ୟାଙ୍କର ନୂତନ ଶାଖାର ଆଜି ଶୁଭଉଦଘାଟନ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଏହି ନୂତନ ଶାଖାର ଉଦଘାଟନରେ କହିଥିଲେ କି, ତାଳଚେରର ଜନସାଧାରଣଙ୍କ ଆବ୍ରାକତା ଲକ୍ଷ୍ୟକରି କାନାଡ଼ା ବ୍ୟାଙ୍କର ତାର ଶାଖା ଖୋଲିବାକୁ ପଦକ୍ଷେପ ନେଇଥିବାରୁ ବ୍ୟାଙ୍କ ଅଧିକାରୀଙ୍କୁ ତାଳଚେରବାସୀଙ୍କ ପକ୍ଷରୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ଓ ଏହା ତାଳଚେର ଅଂଚଳରେ ଲୋକମାନଙ୍କ ଟଙ୍କା ଦେଣନେଣରେ ବିଶେଷ ସହାୟକ ହୋଇପାରିବ। ଅନ୍ୟତମ ଅତିଥିଭାବେ। ତଥା ଉଦଘାଟକ କାନାଡ଼ା ବ୍ୟାଙ୍କର ମହାପ୍ରବନ୍ଧକ ତଥା ଓଡ଼ିଶା ମୁଖ୍ୟ ଜଗଦିଶ୍ ଚନ୍ଦ୍ର ଯୋଗଦେଇ ଦେଶରେ ଅନେକ ଶାଖା କରିବା ସହ ଓଡ଼ିଶାରେ ରାଜ୍ୟରେ ନିକଟରେ ୪ଟି ଶାଖା ଖୋଲିଛି ଓ ଆହୁରି ୮ଟି ସ୍ଥାନରେ ଖୋଲିବ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ବ୍ରାଙ୍କ ଜରିଆରେ ତାଳଚେର ଅଂଚଳର ଲୋକମାନେ ବ୍ୟବସାୟୀକ ଲାଭ ଉଠାଇବାକୁ ଶ୍ରୀ ଜଗଦିଶ୍ ନିବେଦନ କରିଥିଲେ। ସମ୍ବଲପୁର ଜୋନର ମୁଖ୍ୟ ସହମହାପ୍ରବନ୍ଧକ ମନୋଜ ଏସା ଯୋଗଦେବା ସହ ଅଂଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି ବ୍ୟବସାୟୀ ଆଦି ଯୋଗଦେବା ସହ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଏହି ଉଦଘାଟନ କାର୍ଯ୍ୟକ୍ରମ କରିଥିଲେ।

## ମହିଳାଙ୍କୁ ପଥରରେ ଆକ୍ରମଣ

ଠାକୁରଗଡ଼ ,(ସବ୍ୟୁ) :ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ପୁଟୁକି ନାୟକ ଜଣେ ମହିଳା ଙ୍କୁ ସୁଭଦ୍ରା ବେହେରା ପଥରେ ଆକ୍ରମଣ କରିଥିବା ବୁଧବାର ଦିନ ପୁଟୁକି ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତ । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୩୪୭/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ କହିଛି ଯେ ପୁଟୁକି ଙ୍କ ଜମି ରେ ସୁଭଦ୍ରା ବାଡ ଦେଇଥିଲେ । ଏ ନେଇ ପୁଟୁକି ପ୍ରତିବାଦ କରିବାରୁ ସୁବଦ୍ରା ଉତକ୍ଷିପ୍ତ ହୋଇ ତାଙ୍କୁ ପଥର ସାହାଜ୍ୟ ରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି । ଏ ନେଇ ସୁବଦ୍ରା ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ଯେ ସେ ତାଙ୍କ ଜମି ରେ ବାଡ ଦେଉଥିବା ବେଳେ ପୁଟୁକି ଓ ତାଙ୍କ ସମ୍ପର୍କୀୟ ସାବିତ୍ରୀ ନାୟକ , ବିତୁ ନାୟକ ହିନ ନାୟକ ତାଙ୍କୁ ଏକ ଠେଙ୍ଗା ରେ ଆକ୍ରମଣ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୩୪୯/୨୪ ରେ ଏକ ମାମଲା ରୁଜୁ କରିଛି ।

# ଘର ଭାଙ୍ଗିଲା ଦନ୍ତା : ଅଳ୍ପକେ ବର୍ତ୍ତିଲେ ପରିବାର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଓଡାପଡା ତହସିଲ ମଙ୍ଗଳପୁର ଗ୍ରାମରେ ଏକ ଦନ୍ତା ହାତୀ ପଶି ଘର ଭାଙ୍ଗିଥିବା ବେଳେ ବନବିଭାଗ ନିକଟରେ କୌଣସି ଖବର ନଥିବାର ଜଣାପଡିଛି।ଦନ୍ତା ହାତୀଟି ଘର ଭାଙ୍ଗିବା ସହିତ ଘରକୁ ଚାଉଳ କୁଣ୍ଡା ଖାଇଥିବା ବେଳେ ପରିବାର ଅଳ୍ପକେ ଜୀବନ ବଞ୍ଚାଇଥିବାର ଜଣାପଡିଛି। ଓଡାପଡା ତହସିଲ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ବୁଧବାର ରାତିରେ ଏକ ଗୋଟିକିଆ ହାତୀ ପଶି ଘରଦ୍ୱାର ଭାଙ୍ଗିବା ସହିତ ଗାଁ ସାରା ବୁଲି ଗ୍ରାମବାସୀଙ୍କ ମଧ୍ୟରେ ଭୟ ଖେଳାଇ ଦେଇଛି । ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ଏକ ଗୋଟିକିଆ ହାତୀ କୁରୁଣ୍ଟି ଗ୍ରାମର ଚାଷକ୍ଷେତ ମଧ ଦେଇ ମଙ୍ଗଳପୁର ଅଞ୍ଚଳରେ ପହଞ୍ଚିଥିଲା । ମଙ୍ଗଳପୁର କଣ୍ଟା ବଣିଆ ରାସ୍ତାରେ ପ୍ରାୟ ତିନି ଘଣ୍ଟାବୁଲି ମାନପୁର ଗାଁ ଆଡକୁ ଯାଇଥିଲା । ରାତି ପ୍ରାୟ ସାଢେ ଦୁଇଟା ବେଳକୁ ମଙ୍ଗଳପୁର ଗାଁ ଭିତରକୁ ପଶିଥିଲା ।ଗ୍ରାମର ସତ୍ୟାନନ୍ଦ ମହାନ୍ତିଙ୍କ ଲୁହା ଗ୍ରିଲ କବାଟ ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରିଥିଲା । ଧକ୍କା ମାରି ତେଢା ହେବା ସତ୍ତ୍ୱେ କବାଟ ନଭାଙ୍ଗିବାରୁ ସେଠାରୁ ଉଲୁ ବେହେରାଙ୍କ



ଚାଳଘରକୁ ଭାଙ୍ଗି ତଳେ ଚୁରମାର କରିଦେଇଥିଲା । ଘର ଭିତରେ ଶୋଇଥିବା କ୍ଷାଘାତରେ ଶଯ୍ୟଶାୟୀ ଥିବା ଉଲୁ ଓ ଉଲୁର ପରିବାର ଘରୁ ବାହାରି ଯାଇ ଅଳ୍ପକେ ରକ୍ଷା ପାଇଯାଇଥିଲେ । ସେହିପରି ଅଶୋକ ସେଠଙ୍କର ଧାନମିଲ୍‌ର କବାଟ ଭାଙ୍ଗି ଘର ମଧ୍ୟରୁ ରଖାଯାଇଥିବା ଧାନ, ଚାଉଳ ଓ କୁଣ୍ଡା ଖାଇଥିଲା । ସେଠାରୁ ସ୍କୁଲ ପାଖଦେଇ ଧାନକ୍ଷେତ ଅଞ୍ଚଳରେ ଦିନରେ ରହିଥିଲା। ହାତୀଟିର ଗତିବିଧିର ସମସ୍ତ ଖବର ଗୁରୁବାର ସକାଳ ସୁଦ୍ଧା ବନବିଭାଗ ପାଖରେ ନଥିଲା କିମ୍ବା ବନବିଭାଗ କର୍ମଚାରୀ କେହି ପହଞ୍ଚିନଥିଲେ ।

## ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ଼,(ସବ୍ୟୁ) :ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଶ୍ରୀକାନ୍ତ ପ୍ରଧାନ ଙ୍କୁ ଦାଦରସାହି ଗ୍ରାମର ରାମ ବେହେରା ଏକ ଠେଙ୍ଗା ରେ ଆକ୍ରମଣ କରିଥିବା ବୁଧବାର ଦିନ ଶ୍ରୀକାନ୍ତ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି ।ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୩୪୮/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ଯେ ଶ୍ରୀକାନ୍ତ ଙ୍କ ଘର ପଛରେ ରାମ ଠିଆ ହୋଇଥିବା ବେଳେ ଶ୍ରୀକାନ୍ତ ଦେଖି ଏ ସମ୍ପର୍କରେ ରାମ କୁ ପଚାରିଥିଲେ । ଏଥିରେ ରାମ ଉତକ୍ଷିପ୍ତ ହୋଇ ଏକ ଠେଙ୍ଗା ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସେହି ପରି ରାମ ଙ୍କ ପିତା ବୀର ବେହେରା ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ଶ୍ରୀକାନ୍ତ ତାଙ୍କ ଘର କୁ ଆସି ଗାଳି ଗୁଲଜ କରିବା ସହ ତାଙ୍କ ପରିବାର କୁ ହତ୍ୟା ଧମକ ଦେଇଛନ୍ତି । ତାଙ୍କ ଅଭିଯୋଗ କୁ ପୋଲିସ ନମ୍ବର ୩୫୦/୨୪ ରେ ଏକ ମାମଲା ରୁଜୁ କରିଛି ।

## ୨ ବାଇକ ଜବତ, ୨ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଓ ଠାକୁରଗଡ଼ ପୋଲିସ ବୁଧବାର ଦିନ ଗାଡି ମଟର ଯାଞ୍ଚ କରିଛି ।ଠାକୁରଗଡ଼ ଅଞ୍ଚଳ ରେ ଠାକୁରଗଡ଼ ପୋଲିସ ବାଇକ ଗୁଡିକ କୁ ଯାଞ୍ଚ କରିଛି ଛ ଉଭୟ ପାର୍ଶ୍ୱ ରୁ ଆସୁଥିବା ସମସ୍ତ ବାଇକ କୁ ଯାଞ୍ଚ କରାଯାଇଥିଲା । ଏହି ସମୟ ରେ ମଦ୍ୟ ପାନ କରି ବାଇକ ଚଲାଉଥିବା ଅଭିଯୋଗ ରେ ଉରୁକୁଳା ଅଞ୍ଚଳ ର ଗୁରୁ ଚରଣ ବେହେରା ଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକ କୁ ଜବତ କରାଯାଇଛି । ଏ ନେଇ ନମ୍ବର ୨୪୨/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ସେହି ପରି ହଣ୍ଡପା ପୋଲିସ ହଣ୍ଡପା ଅଞ୍ଚଳ ରେ ବାଇକ ଯାଞ୍ଚ କରି ମଦ୍ୟ ପାନ କରି ବାଇକ ଚଲାଉଥିବା ଅଭିଯୋଗ ରେ କୁସୁମକୁହୁରି ଅଞ୍ଚଳ ର ପ୍ରଭାକର ସାହୁ ଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକ କୁ ଜବତ କରାଯାଇଛି । ଏନେଇ ନମ୍ବର ୩୫୧/୨୪ ରେ ଏକ ମାମଲା ରୁଜୁ କରିଛି ।

## ପୋଖରୀରେ ବୁଡି ବୃଦ୍ଧା ମୃତ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ପୋଖରୀରେ ବୁଡ଼ିଯାଇ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି । ଖବରରୁ ଜଣାପଡିଛି ହିନ୍ଦୋଳବ୍ଲକ ରାସୋଳ ଥାନା ଅନ୍ତର୍ଗତ ବଂପା ପଂଚାୟତ ପୋଟାଲୁ ଗ୍ରାମର ସ୍ୱର୍ଗତ ସହଦେ ପ୍ରଧାନଙ୍କ ପତ୍ନୀ ସୁଲୋଚନା ପ୍ରଧାନ(୬୦) ଗତକାଲି ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଆଉ ଫେରିନଥିଲେ । ସୁଲୋଚନା ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ସେହି ପୋଖରୀ ସହ ଆଖପାଖ ଅଂଚଳରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସୁଲୋଚନାଙ୍କ ପତ୍ତା ମିଳିନଥିଲା । ତେବେ ଆଜି ସକାଳେ ପୁଣି ଥରେ ପୋଖରୀକୁ ଯାଇ ସୁଲୋଚନାଙ୍କ ମୃତ ଶରୀର ଭାସୁଥିବା ଦେଖି ନିକଟସ୍ଥ ଅଗ୍ନିଶମ ବିଭାଗକୁ ଓ ରାସୋଳ ପୋଲିସକୁ ଖବର ଦେବାରୁ ଅଗ୍ନିଶମ ବାହିନୀ ଓ ପୋଲିସ ଶବ ଜବତ ଓ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ । ତେବେ ରାସୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

## ଜିଲ୍ଲାପାଳଙ୍କ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ
# ଜିରୋ କାଜୁଆଲିଟିକୁ ଗୁରୁତ୍ୱ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ହିନ୍ଦୋଳ ବ୍ଲକର ନବକିଶୋରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶବରସାହି ଗ୍ରାମ ଏବଂ ଖଲିବୋରେଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଯେଉଁମାନଙ୍କର ସବୁ କଚ୍ଚା ଘର ଅଛି ସେମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଶବସାହି ପ୍ରାଥମିକ ବିଦ୍ୟାଳୟ ଯାହାକି ଅସ୍ଥାୟୀ ଆଶ୍ରୟ ସ୍ଥଳ ରୂପେ କାର୍ଯ୍ୟ କରୁଛି ସେଠାକୁ ଯାଇ ଏହାର ସମୀକ୍ଷା କରିଥିଲେ । ଏହାସହ ଏଠି ଥିବା ଅନ୍ତେବାସୀମାନଙ୍କ ସହ ଆଲୋଚନା କରି ସମସ୍ତ ସୁବିଧା ସୁଯୋଗ ମିଳୁଛି ନା ନାହିଁ ତାହା ପଚାରି ବୁଝିଥିଲେ । ଏହାସହ ବାତ୍ୟା ଆଶ୍ରୟ ସ୍ଥଳରେ ଥିବା ଛୁଆମାନଙ୍କ ସହ କଥା ହୋଇଥିଲେ । ଏହା ସହ ଅନ୍ତେବାସୀମାନଙ୍କୁ ସେମାନଙ୍କ ପ୍ରାଣୀସମ୍ପଦକୁ ବାତ୍ୟା ଆଶ୍ରୟସ୍ଥଳକୁ ନେଇ ଆସିବାକୁ କହିଥିଲେ । ସୂଚନା ଅନୁଯାୟୀ ଏଯାବତ୍ ଜିଲ୍ଲାରେ ୩୫୮୭ଜଣ ଲୋକଙ୍କୁ ୧୩୮ଟି ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ୧୧୯ଟି ବାତ୍ୟା ଆଶ୍ରୟସ୍ଥଳକୁ ମାଗଣା ରନ୍ଧା ଖାଦ୍ୟ ଦିଆଯାଉଛି । ଏଯାବତ ୨୭୪୧ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି । ଏହାସହ ୧.୭୫ କ୍ୱିଣ୍ଟାଲ ଚୁଡା ଓ ୨୨କେଜି ଚିନି ଦିଆଯାଇଛି । ଏଯାବତ କେହି ବି ମୃତାହତ ହୋଇନାହାନ୍ତି କିମ୍ବା ପ୍ରାଣୀ ସମ୍ପଦ ହାନି ହୋଇନାହିଁ । ଏହାସହିତ ଶସ୍ୟ କ୍ଷେତ୍ର କିମ୍ବା ଘର ନିଷ୍ଟ ହୋଇନାହିଁ ।

## ରାମଚନ୍ଦ୍ର ବଜାର କମିଟି ପକ୍ଷରୁ କର୍ମକର୍ତ୍ତା ଚୟନ
# ସୁଧୀର ସଭାପତି, ସନ୍ତୋଷ ସାଧାରଣ ସମ୍ପାଦକ

ତାଳଚେର,,(ସବ୍ୟୁ) : ତାଳଚେର ରାମଚନ୍ଦ୍ରବଜାର ଗଣେଶ ପୂଜା କମିଟି ପକ୍ଷରୁ ଆଜି ବଜାର ସ୍ଥିତ ପୂଜାମଣ୍ଡପ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଦିଲ୍ଲୀପ୍ ମହାପାତ୍ରଙ୍କ ଅଧକ୍ଷତାରେ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରାଯାଇଥିଲା ଓ ବିଗତ ବର୍ଷର ଦେଖାଦେଇଥିବା ସମସ୍ୟା ଏବଂ ବଜାର ସମ୍ବନ୍ଧୀୟ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଗତବର୍ଷ ଗଣେ ପୂଜାରେ ବଜାର ପକ୍ଷରୁ ମହାଆଡ଼ମ୍ବର ସହ ପୂଜାକୁ ପାଳନ କରିବା ସହିତ ଉତମଭାବେ ପୂଜାମଣ୍ଡପକୁ ସାସଜ୍ଜାକରି ଅଗଣିତ ଶ୍ରଦ୍ଧାଳୁଙ୍କ ପ୍ରଶଂସାର ପାତ୍ର ରାମଚନ୍ଦ୍ର ବଜାରରେ ହୋଇଥିବା ଓ କେନ୍ଦ୍ରକମିଟିର ଚୟନ କ୍ରମେ ପୁରସ୍କାର ଲାଭ କରିଥିବାରୁ ପୂଜାକମିଟିର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ୍ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଆଜି ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତା ଚୟନ କରାଯିବା ପାଇଁ ଆଲୋଚନା କରିବା ସହିତ ଚଳିତବର୍ଷ ପାଇଁ ସୁଧିର ପଟ୍ଟନାୟକଙ୍କୁ ନୂତନ ସଭାପତି ଓ ସାଧାରଣ ସମ୍ପାଦକଭାବେ ସନ୍ତୋଷ ଅଗ୍ରୱାଲଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସେହିପରି ମଳୟ ଶର୍ମା ଉପସଭାପତି, ସ୍ୱାଧୀନ ଖୁଟିଂଆ ସହସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ସକିମ ଖୁଟିଂଆଙ୍କୁ ମନୋନୀତ କରାଯାଇଛି। ତେବେ ନୂତନଭାବେ ଚୟନ ହୋଇଥିବା ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆଗାମୀ ଦିନରେ ସମସ୍ତ କର୍ମକର୍ତାଙ୍କୁ ନେଇ ଗଣେଶପୂଜାକୁ ସରସସୁନ୍ଦର କରିବାପାଇଁ ସାହାଯ୍ୟଭିକ୍ଷା କରିଥିଲେ।

# କୋଇଲା ଖଣି ମଜଦୁର ସଂଘ ବାର୍ଷିକ ଅଧିବେଶନ

ଗୋଡ଼ିବନ୍ଧ, (ସବ୍ୟୁ) : କୋଇଲା ଖଣି ମଜଦୁର ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଅଛି । ଅଧିବେଶନରେ ରାଜ୍ୟ ବିଏମଏସର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗିରିଶ ମହନ୍ତ ଓ ଏବିକେଏମଏସ (ବିଏମସ) ଅଖିଳ ଭାରତୀୟ ଉପାଧ୍ୟକ୍ଷ ମଜରୁଲ ହକ ଅନ୍ସାରୀ ମୁଖ୍ୟଅତିଥି ରୂପେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ । ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ବିଏମଏସ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁରଭି ସ୍ୱାଇଁ, ଏବିକେଏମଏସ ନେତା ଅରୁଣ ପ୍ରଧାନ ଓ ରଞ୍ଜନ ବେହେରା ଉପସ୍ଥିତ ଥିଲେ । ବାର୍ଷିକ ଅଧିବେଶନକୁ ସଂଗଠନର ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ ବିଗତ ଦୁଇ ବର୍ଷର ସାଂଗଠାନିକ ବିବରଣୀ ପାଠ,ଆର୍ଥିକ ଆୟବ୍ୟୟ ହିସାବ ସହ ବିଭିନ୍ନ ପ୍ରସ୍ତାବ ପାରିତ କରାଯାଇଥିଲା । ପରିଶେଷରେ ସଭାପତି ଦ୍ୱାରା ନୂତନ କମିଟି ଗଠନ କରାଯାଇଥିଲା ।ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସଭାପତି କିଶୋର ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ମହାନ୍ତି, ଉପସଭାପତି ସଞ୍ଜୀବ ମହାପାତ୍ର, ବିଭୂତି ପ୍ରଧାନ ସାଧାରଣ ସମ୍ପାଦକ ଭାବେ ବୀରେନ ଖିଲାର, ଯୁଗ୍ମ ସମ୍ପାଦକ ଅଜୟ ସାହୁ, ଓ ସଂଗଠନ ସଂପାଦକ ଶରତ ବିଶ୍ୱାଳ,ସମ୍ପାଦକ ଭାବେ ସୁଶିଲ ସାହୁ, ବିଶ୍ୱନାଥ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ଅଜୟ ପାଢ଼ି ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ ।

# ଏନଟିପିସି ବଜାରରୁ ବିଦାୟ ନେଲେ ମା' ଲକ୍ଷ୍ମୀ

କଣିହାଁ,(ସବ୍ୟୁ) : କଣିହାଁସ୍ଥ ଏନଟିପିସି ବଜାରରେ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା ଲକ୍ଷ୍ମୀ ବିଦାୟ ନେଇଛନ୍ତି । ଏହି ପରିପ୍ରେକ୍ଷିରେ ସମସ୍ତ ପୂଜା କମିଟି ପକ୍ଷରୁ ମା ଲକ୍ଷ୍ମୀଙ୍କ ଭସାଣି ନିମିତ୍ତ ବ୍ୟାପକ ଆୟୋଜନ କରାଯାଇଥିଲା । ବୁଧବାର ଅପରାହ୍ନ ରେ ବଜାରର ସମସ୍ତ ପୂଜାକମିଟି ମେଢ଼ ଭସାଣି ନିମିତ୍ତ ଭୀମକାଣ୍ଡ ଦଶହରା ପଡିଆରେ ଏକାଠି ହୋଇଥିଲେ । ସେଠାରୁ ବିଭିନ୍ନ ପାରମ୍ପରିକ ବାଜା, ନାଚ, ଗୀତ, ମାଧ୍ୟମରେ ଏକ ବିରାଟ ପଟୁଆର ମାଧ୍ୟମରେ ଏନଟିପିସି ବଜାର ପରିକ୍ରମା କରିଥିଲା । ପଟୁଆରରେ ସାମିଲ ହୋଇଥବା ପେପର କ୍ରାଫ୍ଟ ସମ୍ମୁଖରେ ଯୁବଗୋଷ୍ଠି ନାଚି ନାଚି ଗଡି ଯିବା ସହ ବେଶ୍ ମସ୍ତି କରୁଥିବା ଦେଖାଯାଇଥିଲା । ଶେଷରେ ଟିକିରା ଓ ବ୍ରାହ୍ମଣୀ ନଦୀରେ ପାରମ୍ପରିକ ନୀତିରେ ମାଙ୍କୁ ବିସର୍ଜନ କରଯାଇଥିଲା । ଏଥି ସହିତ କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ମଧ ମା ଲକ୍ଷ୍ମୀଙ୍କୁ ବିସର୍ଜନ କରାଯାଇଛି । ପ୍ରାୟ ଗ୍ରାମରେ ପ୍ରତିଯୋଗିତାମୂଳକ ଡିଜେ ସାଉଣ୍ଡ ବାଜୁଥିବା ଦେଖାଦେଇଥିଲା ।

# ହାତରେ ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ଦେବା ଦାବିରେ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

କଲମପୁର,(ସୁବ୍ର): ସୁଭଦ୍ରା ଯୋଜନା ପାଇଁ ବ୍ୟାଙ୍କ ମାନଙ୍କରେ ହିତାଧିକାରୀଙ୍କ ଭିଡ ନ ସରୁଣୁ ଆରମ୍ଭ ହୋଇ ଯାଇଛି ଭତ୍ତା ଯନ୍ତ୍ରଣା। ବିଗତ ଦିନରେ ରାଜ୍ୟରେ ଭତ୍ତା ଅର୍ଥ ବାଣ୍ଟିବା ପାଇଁ ଗ୍ରାମପଞ୍ଚାୟତ କର୍ମଚାରୀ ମାନେ ବ୍ୟାଙ୍କରୁ ଟଙ୍କା ଉଠାଇ ଗଲା ବେଳେ ଲୁଟେରାଙ୍କ ଶିକାର ହେଉଥିଲେ। ବୃଦ୍ଧ ବୃଦ୍ଧା ମାନଂକ ପାଖକୁ ପହଞ୍ଚିଲା ବେଳକୁ କାହାର ଅଧା ମଧ ପାଇବାର ଅନେକ ଅଭିଯୋଗ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ରାଶି ଡିପୋଜିଟ କଲେ। ତେବେ ଏହି ଭତ୍ତା ଅର୍ଥ ରାଶି ନିଜ ଆକାଉଣ୍ଟରୁ ବାହାର କରିବା ପାଇଁ ନିକଟସ୍ଥ ବ୍ୟାଙ୍କକୁ ଯିବା କଷ୍ଟକର ହେଉଛି ବୋଲି ଗୁରୁବାର ବନ୍ଧକନା ଗ୍ରାମପଞ୍ଚାୟତ ଅଧିନସ୍ଥ ଶତାଧିକ ଦିବ୍ୟାଙ୍ଗ, ଶାରୀରିକ ଅସୁସ୍ଥତା ଥିବା ବୃଦ୍ଧ ବୃଦ୍ଧା ଓ ବିଧବା



ମହିଳା ମାନେ ଜଣେ ସମାଜ ସେବୀ ପୂର୍ବତନ ସମିତି ସଭ୍ୟ ସୁବୋଧ ଖମାରୀଙ୍କୁ ଅବଗତ କରିଥଲେ। ଏନେଇ ଶ୍ରୀ ଖମାରୀ ସଂପୃକ୍ତ କର୍ମଚାରୀ ମାନଂକ ସହିତ ଆଲୋଚନା କରିଥିଲେ। କିନ୍ତୁ ତାହା ସେଇ ସ୍ତରରେ ଫଳପ୍ରଦ ହୋଇପାରି ନ ଥିଲା। ତେଣୁ ଗୁରୁବାର ଦିନ ବନ୍ଧକନା ଗ୍ରାମପଞ୍ଚାୟତ ଅଧିନସ୍ଥ ଚୁରାଗାଁର ଶତାଧିକ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ମାନଙ୍କୁ ନେଇ ଲକ୍ଷ୍ମୀ ବସ୍ ଯୋଗେ ଶ୍ରୀ ଖମାରୀ କଲମପୁର ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସମସ୍ତ ହିତାଧିକାରୀ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କୁ ସାକ୍ଷାତ କରି ଆମ ହାତରେ ଭତ୍ତା ବାବଦର ଅର୍ଥ ରାଶି ପ୍ରଦାନ କରାଯାଉ ବୋଲି ଲିଖିତ ଅଭିଯୋଗ କରିଥଲେ। ବିଡ଼ିଓ ଶ୍ରୀ ମାଣ୍ଡାଙ୍ଗି ଏ ଉପରେ ଗୁରୁତ୍ୱ ଦେବାସହ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଛି ଜଣେ ମହିଳା ମାଓବାଦୀ। ଦଣ୍ଡକାରଣ୍ୟ ସ୍ପେଶାଲ ଜୋନରେ କାମ କରିବା ପରେ ଦୀର୍ଘ ଦିନ ଧରି ଓଡିଶାର ବିଭିନ୍ନ ଜିଲ୍ଲାରେ ମାଓବାଦୀଙ୍କ ସହିତ କାମ କରିବା ପରେ କଳାହାଣ୍ଡି ପୋଲିସ ନିକଟରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି। ଏନେଇ କଳାହାଣ୍ଡି ଏସପିଙ୍କ କାର୍ଯ୍ୟଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, କଳାହାଣ୍ଡି ଏସପି ଅଭିଲାଷ ଜି ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ଜଣକ ହେଉଛନ୍ତି ଛତିଶଗଡ ରାଜ୍ୟ ସୁକମା ଅଞ୍ଚଳର ଦେବୀ ସୋରୀ ଓରଫ ଗୀତା । ସେ ୨୦୧୮ ମସିହାରେ ଦୁର୍ଦ୍ଦାନ୍ତ ମାଇ କମାଣ୍ଡର ହିଡମାର କାର୍ଯ୍ୟକଳାପରେ ଅନୁପ୍ରାଣୀତ ହୋଇ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ମାଓବାଦୀର ଚିତ୍ର ନାଟ୍ୟଅଣ୍ଡଳିରେ




କାମ କରିବା ପରେ ସେଠାକାର ମାଓବାଦୀଙ୍କ ଏରିଆ କମାଣ୍ଡର କମଳା ସହିତ ସାକ୍ଷାତ ହେବା ପରେ ମାଓ ସଙ୍ଗଠନ ସହିତ ରହି କାମ କରି ଆସୁଥିବା ବେଳେ ୨୦୨୨ ମସିହାରେ କଳାହାଣ୍ଡି, କନ୍ଧମାଳ,ବୌଦ୍ଧ, ନୟାଗଡ଼ ଡିଭିଜନ ସିପିଆଇ ମାଓବାଦୀ ସଂଠାନରେ ସାମିଲ ହୋଇ ଲାଲବାହିନିର ମିଲିଟାରୀ ଗ୍ରୁପ୍ ରେ ରହି ସମସ୍ତଙ୍କ ଚିକିତ୍ସା ସେବା କରି ଆସୁଥିଲେ । ଏହାସହ ୫ ଟି ଗୁଳିବିନିମୟ ଘଟଣାରେ ମଧ ତାଙ୍କର ସଂପୃକ୍ତି ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ପ୍ରକାଶ କରିଛନ୍ତି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ

ସମ୍ବଲପୁର,(ସବ୍ୟୁ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିର୍ଦ୍ଧାପଡା ଗୁଡସିଂହା ଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଯାଇଛି । ସିଆରସିସି ଦିଲ୍ଲୀପ ଛତରଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ବିତର୍କ, ପ୍ରବନ୍ଧ ଲିଖନ, କୁଇଜ୍ , ହସ୍ତାକ୍ଷର, ସଙ୍ଗୀତ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା । ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ତାଙ୍କର ଅନ୍ତର୍ନିହିତ ଗୁଣାବଳୀ ପ୍ରଦର୍ଶନ କରିଥିଲେ । ଏଥିସହ ନିଜ ପ୍ରତିଭା ବିକାଶର ସୁଯୋଗ ପାଇଥିଲେ । ଏଥିରେ କୃଷ୍ଣଚନ୍ଦ୍ର ବଡାଇ, ଜଗଦାନନ୍ଦ ପ୍ରଧାନ, ଅଭିନ ବାଗ, ସଞ୍ଜୟ ମେଣ୍ଡଲି, ଶୈଳବାଳା ପ୍ରଧାନ ପ୍ରମୁଖ ଶିକ୍ଷକଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପାଠପଢ଼ା ଛାଡି ମଦ କୋଠିରେ ମାତାଲ ଶିକ୍ଷକ

କୋକସରା,(ସବ୍ୟୁ): ଶିକ୍ଷକଙ୍କ ମଦ ପିଉଥିବା ଭିଡିଓ ଭାଇରାଲ, ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କଲେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ। କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କାଶିବାହାଲ କ୍ଲଷ୍ଟର ଧନସରା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ଦିବ୍ୟଲାଲ ଛତ୍ରିଆ ସ୍କୁଲକୁ ଆସି ପିଲାଙ୍କୁ ପାଠ ପଢ଼ାଇବା ଛାଡି ବିଦ୍ୟାଳୟ ନିକଟରେ ଥିବା ଏକ ମଦ କୋଠିରେ ଖୁଲାମଖୁଲା ମଦ ଆସର ଜମାଉଛନ୍ତି । ଶିକ୍ଷକଙ୍କ ମାତାଲ ହୋଇଥିବାର ଦୃଶ୍ୟକୁ କିଛି ସ୍ଥାନୀୟ ଲୋକେ ମୋବାଇଲରେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଶିକ୍ଷକ ସ୍କୁଲକୁ ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବାହାରୁ ଆସୁଛି କହି ମଦକୋଠିରେ ବସି ମଦ ପିଉଥିବା ଭିଡିଓ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ଯାହାକୁ ନେଇ ଗ୍ରାମବାସୀ, ବୁଦ୍ଧିଜୀବୀ ଓ ପରିଚାଳନା କମିଟି ପକ୍ଷରୁ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ମଧ ଶିକ୍ଷକ ଅନେକ ସମୟରେ ମଦ ପିଇ ସ୍କୁଲ ଆସୁଥିବା ଓ ବିଶୃଙ୍ଖଳା କରୁଥିବା ଅଭିଯୋଗ ହୋଇ ଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପରିଚାଳନା କମିଟି ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କ ଉପରେ ଭରସା ତୁଟେଇ କ୍ଷୋଭ ପ୍ରକାଶ କରିଛନ୍ତି। ଯେଉଁ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗିବା ବଦଳରେ ସିଏ ମଦ କୋଠି ଓ ଗାଁ ଦାଣ୍ଡରେ ଗଡିବ ସେଭଳି ଶିକ୍ଷକଙ୍କ ଠାରୁ କଣ ଶିକ୍ଷାଲାଭ କରିବେ ଛାତ୍ର ଛାତ୍ରୀ । ସେନେଇ ଉଦବେଗ ପ୍ରକାଶ ପାଇଛି। ଏଭଳି ଶିକ୍ଷକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିତେଶ ସତନାମୀ, ତ୍ରିଲୋକ୍ୟ ସତନାମୀ, ଜଗନ୍ନାଥ ଶବର, ଭୁବନେ ଜାଲ, ପ୍ରେମଲାଲ ସତନାମୀ, ଗିରିଶ ଗ୍ରିତଲହରେ, ନାରାୟଣ ବେମାଲ, ଝଜ ପୁଝାରୀ ପ୍ରମୁଖ ଦାବୀ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରିଣୀ ରଶ୍ମିତା ନେତାମଙ୍କ ପ୍ରତିକ୍ରିୟା ନେବାରୁ ଘଟଣାଟି ଆମ ନଜରକୁ ଆସିଛି, ଭିଡିଓ କ୍ଲିପ ମଧ ମୁଁ ଦେଖିଛି ଏହା ଉପରେ ବିଭାଗୀୟ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ବଡ଼ମାଳ ଗୋଳାବାରୁଦ କାରଖାନାରେ ସାଇଡ ମକ ଡ୍ରିଲ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପ୍ରଶାସନ ଏବଂ ବଡ଼ମାଳ ଗୋଳାବାରୁଦ କାରଖାନା , ଭାରତ ପେଟ୍ରୋଲିଅମ କର୍ପୋରେସନ ଲିମିଟେଡ଼ ମିଳିତ ପ୍ରୟାସ ରେ ଅଫ ସାଇଡ ମକ ଡ୍ରିଲ ହୋଇଥିଲା । ବଲାଙ୍ଗିର ସ୍ମାର୍ଟ ପାର୍କ ସ୍ଥିତ ଟ୍ରକ ବେ ଠାରେ ଏହି ମକ ଡ୍ରିଲ କରା ଯାଇଥିଲା କୌଣସି ଅଭାବନୀୟ ପରିସ୍ଥିତି ପାଇଁ ଆଗୁଆ ଅଭ୍ୟାସ ଏବଂ ବିଭିନ୍ନ ବିଭାଗର ସମନ୍ୱୟ ସକାଶେ ଏହି ଅଭ୍ୟାସ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ରାୟଗଡା ଡିଭିଜନର କାରଖାନା ଏବଂ ବ୍ରୋଏଲର ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା, ବଲାଙ୍ଗିରର କାରଖାନା ଏବଂ ବ୍ରୋଏଲର ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ସ୍ୱାଧୀନ କୁମାର ବେହେରା , ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ , ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ନିର୍ଦ୍ଦେଶକ ବବିତା ସିଂ , ଏଏଫଓ ତେଜ କୁମାର ଏକ୍କା , ରିଜର୍ଭ ଇନ୍ସପେକ୍ଟର ପ୍ରଦୀପ୍ତ ଦେବତାଙ୍କ ସମେତ ଏସଆଇଏଚଏମ କଲେଜ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ସ୍କୁଲରୁ ଚୋରି ନେଇ ଥାନାରେ ଅଭିଯୋଗ

କଲମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରୁ ଚୋରୀ ଅଭିଯୋଗ ହୋଇଛି। ଗୁରୁବାର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସମେତ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ସମୟରେ ଆସିବା ବେଳେ ମୁଖ୍ୟ ଗେଟ୍‌ରେ ପଡ଼ିଥିବା ତାଲା ଚୋରଙ୍କ ମାଡ଼ରେ ଦରମରା ହୋଇଥିବା ଜାଣି ପାରିଲେ। ତାହା ଶିକ୍ଷକ ମାନେ ଚାବି ଦ୍ୱାରା ନ ଖୋଲି ପାରି ଭିତରେ ଚୋରୀ ହୋଇଥିବା ସନ୍ଦେହ କରି ପୋଲିସକୁ ଫୋନ ଯୋଗେ ଅବଗତ କରିଥଲେ। ପରେ ପୋଲିସ ର କଥା ଅନୁସାରେ ମେନ୍ ଗେଟ୍ ତାଲାକୁ କାଟି ଭିତରକୁ ପଶି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ବିଦ୍ୟାଳୟର ସମସ୍ତ କୋଠରୀ ତାଲା ଭାଙ୍ଗି ରୋଷେଇ ଘରୁ ୨ ଗ୍ୟାସ ସିଲିଣ୍ଡର ଦୃର୍ବୁତ୍ତମାନେ ନେଇଯାଇଥିବା ଜାଣିପାରି ସ୍କୁଲ ପରିଚାଳନା କମିଟିଙ୍କୁ ଜଣାଇ ଥିଲେ। କମିଟି ସଭାପତି ଚମରୁ ନାଏକ ଏବଂ ଅନ୍ୟାନ୍ୟ ସଦସ୍ୟ ପହଞ୍ଚି ପୋଲିସ କୁ ଲିଖିତ ଅଭିଯୋଗ କରିବା ନେଇ ମତ ଦେବାରୁ କର୍ତ୍ତୃପକ୍ଷ ପୋଲିସ ନିକଟରେ ଫେରାଦ ହୋଇଥିବା ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏକ ଶିକ୍ଷା ଅନୁଷ୍ଠାନ ଯାହା ହଜାର ହଜାର ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ଉଠୁଛି ତା ଉପରେ ଦୃର୍ବୁତ୍ତଙ୍କ ଆକ୍ରୋଶ ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ମାନେ ଚର୍ଚ୍ଚା କରୁଥିବା ଜଣାପଡିଛି। ତେବେ ପୋଲିସ କାର୍ଯ୍ୟପନ୍ଥା ଏବଂ ଅଧିକରୁ ଅଧିକ ତଦନ୍ତ କରି ଦୃର୍ବୁତ୍ତ ମାନଙ୍କୁ ଧରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି।

# ପି ପି ଏକାଡେମୀ ଡାଇମଣ୍ଡ ଜୁବୁଲି କମିଟି କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର,(ସବ୍ୟୁ): ଆସନ୍ତା ଡିସେମ୍ବର ୨୧ ଓ ୨୨ ଦୁଇ ଦିନ ଧରି ବଲାଙ୍ଗିର ପତିତପାବନ ଏକାଡେମୀର ଡାଇମଣ୍ଡ ଜୁବଲି ମହାସମାରୋହ ପାଳନ ଅବସରରେ ଡାଇମଣ୍ଡ ଜୁବୁଲି କମିଟିର କାର୍ଯ୍ୟକାରୀ ବୈଠକ ସ୍ଥାନୀୟ ପି. ପି ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ କମିଟିର ସଦସ୍ୟ ମାନେ ଭାଗନେଇ ଉତ୍ସବକୁ କିପରି ସର୍ବାଙ୍ଗ ସୁନ୍ଦର କରାଯାଇ ପାରିବ ଆଲୋଚନା କରିଥିଲେ । ଡାଇମଣ୍ଡ ଜୁବୁଲି ସମାରୋହରେ ଯେପରି ଅଧିକରୁ ଅଧିକ ପୂରାତନ ଛାତ୍ର ସାମିଲ ହୋଇ ପାରିବେ ସେ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରକାଶନ ଅପେକ୍ଷାରେ ଥିବା ସ୍ମରଣିକା ପାଇଁ ଲେଖା, ବିଜ୍ଞାପନ ଓ ଲେଖାର ବିଷୟବସ୍ତୁ ଉପରେ ଓ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସକାଳ ଓ ସନ୍ଧ୍ୟା ଅଧିବେଶନ ପାଇଁ ବିଭିନ୍ନ ବର୍ଗର ଅତିଥି ନିମନ୍ତ୍ରଣ, କ୍ରୀଡା ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ଓ ଡାଇମଣ୍ଡ ଜୁବୁଲି ଲୋଗୋ ଉନ୍ମୋଚନ ସମ୍ପର୍କରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୫ ତାରିଖ ସନ୍ଧ୍ୟା ୬ ଘ. ସମୟରେ ପି ପି ଏକାଡେମୀର ସଭାଗୃହ ଠାରେ କାର୍ଯ୍ୟକାରୀ କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଡାଇମଣ୍ଡ ଜୁବୁଲି କମିଟିର ସଭାପତି ଶଶୀ ଭୁଷଣ ପୁରୋହିତ, ଆଲୁମିନି ସଭାପତି ସୟଦ ଅଫତାବ ହୁସେନ୍, ଡାଇମଣ୍ଡ ଜୁବଲି କମିଟିର ଉପସଭାପତି ପ୍ରଭାସ ପାଣିଗ୍ରାହୀ, ଡାଇମଣ୍ଡ ଜୁବୁଲି କମିଟିର ଉପସଭାପତି ହେମନ୍ତ ପଣ୍ଡା, ଅର୍ଥ କମିଟିର ସଂଯୋଜକ ଜୟପ୍ରକାଶ ପୁରୋହିତ, ସ୍ମରଣିକା କମିଟିର ସଂଯୋଜକ ମନୋରଞ୍ଜନ ସାହୁ, ମୁଖ୍ୟ ସମ୍ପାଦକ ଅଖିଳ ହୋତା, ସହସମ୍ପାଦକ ରଘୁ ନନ୍ଦନ ସିଂହ, ସଭ୍ୟ ଶରତ ମିଶ୍ର, ଆକାଶ ମିଶ୍ର, ଡାଇମଣ୍ଡ ଜୁବୁଲି କମିଟିର କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ ନାସିର ଖାନ, ପିପି ଏକାଡେମୀର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର୍ ପାଢି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନାପାଲି ଶିକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାଳିକା ମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ଏବଂ ସେମାନଙ୍କୁ ସମାଜରେ ସମାନତା ଓ ସମାନ ସୁଯୋଗ ପ୍ରଦାନ ଲକ୍ଷ୍ୟ ନେଇ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଶିକ୍ଷାଧିକାରୀ ଯତୀଂଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ଏନେଇ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସିଡ଼ିପିଓ ଝରଣା ଶତପଥୀ ଓ ମୁଖ୍ୟ ବକ୍ତା ଭାବରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଯୋଗ ଦେଇଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା,




ସିଡିପିଓ ଅଫିସ୍ ସୁପରଭାଇଜର ଦମୟନ୍ତୀ ଜେନା, ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଶୀ ଉପସ୍ଥିତ ରହି ସାମାଜିକ ପରିବର୍ତ୍ତନ ଓ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଘଟିଲେ ହିଁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଯଥାର୍ଥତା ପୂରଣ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ବୈଷ୍ଣବ ମେହେର ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏ ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନୁଷ୍ଠିତ ପ୍ରବନ୍ଧ, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ, ସଂଗୀତ, ଆଦି ପ୍ରତିଯୋଗୀତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇଥିଲେ । ସମସ୍ତ ବିଭାଗର ବିଜେତାଙ୍କୁ ମଂଚରେ ପୁରସ୍କୃତ କରାଯାଇଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସିଆରସିସି ରାକେଶ ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିକ୍ଷା କାର୍ଯ୍ୟାଳୟର ସନ୍ତୋଷ ବନ୍ଦିଛୋର, ଗୁପ୍ତେଶ୍ୱର ମାଝୀ, ମହେଶ୍ୱର ପ୍ରଧାନଙ୍କ ସମେତ ଖଗେଶ୍ୱର ନିଆଲ, ପ୍ରେମାନନ୍ଦ ମେହେର, ନିକୁଞ୍ଜ ବିହାରୀ ସା, ରଶ୍ମୀପ୍ରଭା ମେହେର, ଅନିଲ କୁମାର ସା, ମିନତୀ ମେହେର, ନରେଶ ସା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସିଆରସିସି ସୁଧିର କିଶୋର ଠାକୁର ଧନ୍ୟବାଦ ଦେଇଥିଲେ ।

# ବିରାମଚନ୍ଦ୍ରପୁର ଗ୍ରାମ୍ୟ ରାସ୍ତା ପାଲଟିଛି ମରଣଯନ୍ତା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବିରାମଚନ୍ଦ୍ରପୁର ରାସ୍ତା ମରଣ ଯନ୍ତା ପାଲଟି ଥିବାରୁ ଜନ ଅସତୋଷ ଦିନ କୁ ଦିନ ବଢ଼ିବାରେ ଲାଗିଛି। ରେଲୱେ ଠିକସଂସ୍ଥା ର ମନମୁଖୀ କାର୍ଯ୍ୟ ଯୋଗୁଁ ପୂର୍ବ ରାସ୍ତା ଠାରୁ ଏହି ନୂତନ ରାସ୍ତା ପ୍ରାୟ ୧୫ ରୁ ୨୦ ଫୁଟ ନୀଚାରେ ନିର୍ମାଣ କରାଯାଇଥିବାରୁ ପାଣିଝରି ପାଣିଜମି ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟି ଯାଉଥିବାର କୁହାଯାଉଛି । ଏହି ରାସ୍ତାଟି ବିରାମଚନ୍ଦ୍ରପୁର ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥ ଠାରୁ ଗ୍ରାମପଂଚାୟତ କାର୍ଯାଳୟକୁ ସଂଯୋଗ ହୋଇଛି। ଏହି ରାସ୍ତା ଉପରେ ବିରାମଚନ୍ଦ୍ର ପୁର,ହାଟଗାଁ, ମଙ୍ଗଳପୁର, ଘୋରଡ଼ା,ନୂଆପଡା ଓ ଚମ୍ପାମାଳୀ ଗ୍ରାମର ପ୍ରାୟ ପନ୍ଦର ହଜାରରୁ ଉର୍ଦ୍ଧଲୋକ ନିର୍ଭର କରି ଚଳିଥାନ୍ତି। ଏହା ବିରନରସିଂହପୁର ଗ୍ରାମପଂଚାୟତର ମୁଖ୍ୟକାର୍ଯାଳୟ ବିରାମଚନ୍ଦ୍ରପୁର ଠାରେ ଥିବାରୁ ପ୍ରାୟ ଦଶଗୋଟି ଗ୍ରାମର ଜନସାଧାରଣ ବାର୍ଦ୍ଧକ୍ୟ ଭତା, ମାଗଣା ଚାଉଳ ଓ ପଚାୟତ କାର୍ଯାଳୟ କୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବେଳେ ଏହି ରାସ୍ତାରେ ଶହ ଶହ ଛାତ୍ର ଛାତ୍ରୀ ପ୍ରତିଦିନ ସ୍କୁଲ କଲେଜକୁ ପାଠ ପଢିବାକୁ ଯାଇଥାନ୍ତି। ଏହି ରାସ୍ତାରେ ୩ ରୁ ୪ ଫୁଟ ପାଣି ଜମା ହୋଇରହୁଥିବାରୁ ଜନସାଧାରଣ ଓ ଛାତ୍ର ଛାତ୍ରୀ ଏହି ପାଣିଭିତରେ ପସିଯାଉଥିବାର ଅଭିଯୋଗ ହେଉଛି । ମାଟିଧୋଇ କାଦୁଅ ରାସ୍ତାରେ ଜମାଟ ବାନ୍ଧି ରହୁଥିବାରୁ ସାଇକେଲ ଓ ମଟର ସାଇକେଲ ଯାଉଥିବାବେଳେ ଏଠାରେ ଦୁର୍ଘଟଣାଘଟି ବହୁସମୟରେ ଖଣ୍ଡିଆ ଖବରା ହେବା ସହ ଲୋକଙ୍କ ଗୋଡ଼ ହାତ ଭାଙ୍ଗିଥିବାର ଅଭିଯୋଗ ହେଉଛି । ଏନେଇ ଗ୍ରାମବାସୀ ଠିକା ସଂସ୍ଥାକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କର୍ଣପାତ କରୁନଥିବା କୁହାଯାଉଛି । ଏ ଦିଗରେ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାପାଇଁ ଜନସାଧାରଣଙ୍କ ଦାବି ହେଉଛି। ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ହେବବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଭିତ୍ତିଭୂମିର ଅଭାବ ଯୋଗୁଁ ଆଗକୁ ବଢି ପାରୁନାହାନ୍ତି ହକି ଖେଳାଳି

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ଖେଳାଳୀ ମାନଙ୍କ ପାଖରେ ନିଖୁଣ ପ୍ରତିଭା ଭରି ରହିଥିବା ବେଳେ ଭିତିଭୂମିର ଅଭାବ ରହିଛି । ଯାହାଫଳରେ ଖେଳାଳୀମାନେ ଆଗକୁ ବଢି ପାରୁନାହାନ୍ତି । ଯଦି ଭିତିଭୂମିର ବିକାଶ ନାହିଁ । ତାହାହେଲେ ସେ କ୍ରୀଡାର ବିକାଶ ହେବା କଷ୍ଟକର ହୋଇପଡିଥାଏ । କ୍ରିଡାର ବିକାଶ ପାଇଁ ଭିତିଭୂମିର ବିକାଶ ଆବଶ୍ୟକତା ରହିଛି । ଯାହାଦ୍ୱାରା ଉକ୍ତ କ୍ରୀଡାର ବିକାଶ ହୋଇପାରିବ । ବୌଦ୍ଧ ଜିଲ୍ଲାରେ ହକିର ବିକାଶ ପାଇଁ କିଣା ଯାଇଥିବା ହକି ଉପକରଣ ଭିତିଭୂମିର ଅଭାବ ଯୋଗୁଁ ଖେଳାଳୀମାନେ ଆଗକୁ ବଢି ପାରୁନାହାନ୍ତି । ସୂଚନା ମତେ,ବୌଦ୍ଧଜିଲ୍ଲାରେ ହକି ଖେଳର ବିକାଶ ପାଇଁ ୨୦୨୨ ମସିହାରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ବିଦ୍ୟାଳୟର ପାଣ୍ଠିରୁ ହକି ଉପକରଣ କିଣାଯାଇ ତାହାକୁ ଜିଲ୍ଲାର ୭୭ଟି ବିଦ୍ୟାଳୟରେ ବିତରଣ କରାଯାଇଥିଲା । ହେଲେ ବିଭିନ୍ନ ସମସ୍ୟା ବିଶେଷ କରି ପଡିଆ ସମସ୍ୟା ଯୋଗୁଁ ହାତ ଗଣତି କେତେକ ବିଦ୍ୟାଳୟରେ ଖେଳ ଖେଳାଯାଉଥିବା ବେଳେ ପ୍ରାୟ ସମସ୍ତ ବିଦ୍ୟାଳୟ ଗୁଡିକରେ ଉପକରଣ ବନ୍ଧା ହୋଇ ରହିଛି । ଜିଲ୍ଲାରେ ହକି ପାଇଁ ଉପକରଣ ସବୁ କିଣାଗଲା ହେଲେ କିପରି ଖେଳାଯିବ ତାହାର ଭିତିଭୂମି ଉପରେ ପ୍ରଶାସନ ଦୃଷ୍ଟି ଦେଲା ନାହିଁ । ଜିଲ୍ଲାର ଅନେକ ବିଦ୍ୟାଳୟରେ ପଡିଆର ଅଭାବ ରହିଛି । ଏବଂ ଯେଉଁ ବିଦ୍ୟାଳୟ ଗୁଡିକରେ ପଡିଆ ଅଛି ତାହା ହକି ଖେଳ ଉପଯୋଗୀ ନୁହେଁ । ଏପରି ସ୍ଥଳେ ଜିଲ୍ଲାର ଯେଉଁ କେତଟି ବିଦ୍ୟାଳୟରେ ହକି ଖେଳ ଖେଳାଯାଉଛି । ସେହି ବିଦ୍ୟାଳୟର ଛାତ୍ରମାନେ ୨୦୨୩ ବର୍ଷ ଜିଲ୍ଲାରୁ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଚଳିତ ବର୍ଷ ଜିଲ୍ଲା ଷ୍ଟାଡିୟମରେ ମାତ୍ର ଚାରିଦିନ ଆବଡା ଖାବଡା ପଡିଆରେ ପିଲାଙ୍କୁ ତାଲିମ ଦିଆଯାଇଥିଲା । ଏବଂ ସୁନ୍ଦରଗଡ ଠାରେ ଚାଲିଥିବା ବିଦ୍ୟାଳୟ ହକି ପ୍ରତିଯୋଗୀତାରେ ଉତ୍ତମ କ୍ରୀଡା ପ୍ରଦର୍ଶନ କରି ପ୍ରଥମ ମ୍ୟାଚ ବିଜୟ ହେବାରେ ସଫଳ ହୋଇଛନ୍ତି । ଯଦି ଏହି ହକି ଖେଳାଳୀଙ୍କୁ ପ୍ରୋତ୍ସାହନ ଦିଆଯାଏ ତାହାହେଲେ ଆଗାମୀ ଭବିଷ୍ୟତରେ ସେମାନେ ହକିରେ ଜିଲ୍ଲା ପାଇଁ ଗୌରବ ଆଣିପାରିବେ । ଯଦି ଖେଳାଳିମାନଙ୍କ ପ୍ରଶିକ୍ଷଣ ପାଇଁ ଉତ୍ତମ ପ୍ରଶିକ୍ଷକ ଯୋଗାଇ ଦେବା ସହିତ ପଡିଆ ଗୁଡିକୁ ଖେଳ ଉପଯୋଗୀ କରାଯାଇ ପାରନ୍ତା ଏବଂ ଛାତ୍ରମାନଙ୍କୁ ପ୍ରତ୍ସାହନ ଯୋଗାଇ ଦିଆଗଲେ ଜିଲ୍ଲାରୁ ଆଗକୁ ବହୁ ହକି ଖେଳାଳି ବାହାରି ପାରନ୍ତେ ବୋଲି କ୍ରୀଡାବିତଙ୍କ ମହଲ ମତ ପ୍ରକାଶ ପାଉଛି । ଜିଲ୍ଲାରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବିଦ୍ୟାଳୟ ଗୁଡିକରେ ଥିବା ପଡିଆର ବିକାଶ ପାଇଁ ଯଦି ପ୍ରଶାସନ ଆଗେଇ ଆସନ୍ତା ତାହାହେଲେ ପଡିଆର ସମସ୍ୟା ହୁଅନ୍ତା ନାହିଁ ।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି ଦେବୀଙ୍କ ଦଶରା ଉତ୍ସବ

କୋକସରା,(ସବ୍ୟୁ): କଳାହାଣ୍ଡିର ଆରାଧ ଦେବତା ପ୍ରଭୁ ବୁଢ଼ାରଜାଙ୍କ ଦଶରା ସମ୍ପନ୍ନ ହେବାପରେ ପ୍ରତିବର୍ଷ ଭଳି ରବିବାର ଗୋତୋମୁଣ୍ଡା ଠାରେ ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀ ଦଣ୍ଡପାଟ ଦଶରା ପାଳିତ ହୋଇଥାଏ। ୩ ଦିନ ଧରି ଚାଲିଥିବା ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତିରେ ଶାନ୍ତି ଶୃଙ୍ଖଳା ସହକାରେ ସମ୍ପନ୍ନ ହୋଇଛି। ରବିବାର ସକାଳୁ ରୀତିନୀତି ଅନୁସାରେ ମା ସର୍ବ ମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ଅପରାହ୍ନରେ ଖଣ୍ଡାଧୁଆ ଯାତ୍ରା ଅନୁଷ୍ଠିତ ହୋଇଥାଏ। ରବିବାର ଓ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ ଓ ନାଟକ ପ୍ରତିଯୋଗିତା ହୋଇଥିଲା। ମଙ୍ଗଳବାର ବାର୍ଷିକ ଦଶରା ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ମାନସିକ ଧାରି ଭକ୍ତମାନେ ମନସ୍କାମନା ପୂରଣ ପୂର୍ବକ ପୀଠରେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ଅର୍ପଣ କରିଥିଲେ। ମନ୍ଦିରରେ ପୂଜା ପରେ ସନ୍ଧ୍ୟାରେ ଦେବୀଙ୍କ ଲାଠି କାଳିସୀମାନେ ନାଗରା, ମହୁରୀ ସହ ବଜା ବଜାଇ ଦଶରା ମହୋତ୍ସବର ସାଂସ୍କୃତିକ ମଞ୍ଚ ନିକଟକୁ ପହଞ୍ଚିଥିଲେ। ପୂଜାର୍ଚ୍ଚନା ପରେ ମଞ୍ଚ ଉପରକୁ ଦେବାଦେବୀ ପଦାର୍ପଣ କରିଥିଲେ। ପରେ ଘାଟିମୁଣ୍ଡିଆଣୀ ମା' ସର୍ବମଙ୍ଗଳା ବିଭିନ୍ନ ଦେବୀଙ୍କ ରୁପରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ। ଦେବୀଙ୍କ ଦର୍ଶନ ପାଇ ଶ୍ରଦ୍ଧାଳୁ ଓ ଦର୍ଶକମାନେ ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଦଶରା ପୂଜାର ଉଦଯାପନୀ ଦିବସରେ



ପାରମ୍ପରିକ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଡମ୍ବରୁଧର ନାଏକ, ସମ୍ମାନୀତ ଅତିଥି ଭାବେ ବିଜେଡି ନେତା ବଦ୍ରୀ ନାରାୟଣ ପଟ୍ଟନାୟକ, ପୋଲିସ ଅଧିକାରୀ ଅମିତ ମାଝୀ, ଲୋକ କଳାକାର ଯଯାତି ନାଏକ, ବିଜେପି ନେତା ତ୍ରିନାଥ ଶବର, ଜିଲ୍ଲା ପରିଷଦ ଧର୍ମଗଡ ଶଙ୍କର ଜୁଏଡ଼, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମଗଡ ବଳରାମ ପୁଝାରି, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ସାନ ପୋଡ଼ାଗୁଡା ସମିତି ସଭ୍ୟ ରାଜୀବ ଖମାରି, ସମାଜସେବୀ ଈଶ୍ୱର ଲାଲ ଅଗ୍ରୱାଲ, ବେହେରା ପେକ୍ସ ସମ୍ପାଦକ ହେମନ୍ତ ନାଏକ, ବେହେରା ସରପଞ୍ଚ କୁମୁଦିନି ଗଇନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେଛ ଦଣ୍ଡପାଟ ମହୋତ୍ସବ ଆୟୋଜକ କମିଟିର ସଭାପତି ହେମନ୍ତ ମାଝୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଗଣମାଧମ ଜରିଆରେ ଲୋକ ଲୋଚନକୁ ଆଣୁଥିବା ଖବରଦାତା ସନତ କୁମାର ପ୍ରଧାନୀ, ଶରତ ଚନ୍ଦ୍ର ରାଉତ, ବାଳକୃଷ୍ଣ ନାଏକ, ଖବରଦାତା ଦୁଷ୍ମନ୍ତ ପାଟ୍ଟଯୋଷୀ, ଜଗଦୀଶ ନାଏକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ନାଟ ଓ ଘୁମୁରା ଗୁରୁ ଓ କଳାକାରଙ୍କୁ ମଧ ସମ୍ମାନିତ କରାଯାଇଛି। କ୍ଷୀରସିନ୍ଧୁ ବାଣୁଆ ମଞ୍ଚକୁ ପରିଚାଳନା କରିଥିଲେ।

# ରାୟଗଡ଼ା : ଫାର୍ମାସିଷ୍ଟ ଓ ଷ୍ଟାଫ ନର୍ସରେ ଚାଲିଛି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର

ରାୟଗଡା,(ସବ୍ୟୁ): ଫାର୍ମାସିଷ୍ଟ ଓ ଷ୍ଟାଫ ନର୍ସରେ ଚାଲିଛି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର । ଜଣେ ଡାକ୍ତରଙ୍କ ସହ ୯ ଜଣ କର୍ମଚାରୀ ରହିଥିବା ବେଳେ ଅଧିକାଂଶ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବାରେ ବାଧା ସୃଷ୍ଟି ହେଉଛି । ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାୟଗଡା ସହରାଂଚଳ ନିମନ୍ତେ ଆରମ୍ଭ ହୋଇଥିଲା ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର । ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ଭିଡ଼ ଜମୁଥିବା ଏବଂ ସ୍ୱାସ୍ଥ୍ୟ ସେବାରେ ବିଳମ୍ବ ହେବା କାରଣରୁ ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା ସହରାଞ୍ଚଳ ସ୍ୱାସ୍ଥ୍ୟସେବା ।ଏହାକୁ ଦେଖି ଜୟରାମଗୁଡ଼ା, ସାଇପ୍ରିୟାନଗର ଏବଂ ରିଂ ରୋଡ଼ ଠାରେ ୩ଟି ସହରାଂଚଳ ଆରୋଗ୍ୟ କେନ୍ଦ୍ର ମଧ୍ୟ ଖୋଲାଯାଇଛି । ତେବେ ସେଠାରେ ଡାକ୍ତରଙ୍କ ଅନୁପସ୍ଥିତି କାରଣରୁ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ଠପ୍ ହୋଇଯାଇଛି । ଫଳରେ ସେଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ଓ ଷ୍ଟାଫନର୍ସଙ୍କ ଭରସାରେ ଚାଲିଛି ରୋଗୀ ସେବା । ପ୍ରତିଦିନ ସକାଳ ୮ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଚାଲେ । ଗତ ଶନିବାର ଦିନ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ନପାଇ ଫେରିଥିବା ଦେଖିବାକୁ ମିଳିଥିଲା । କାରଣ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ରୋହିତ କୁଣ୍ଡୁଙ୍କ ଅନୁପସ୍ଥିତ ଯୋଗୁଁଛ ଡାକ୍ତର ଅନୁପସ୍ଥିତ ରହିଥିବା କାରଣରୁ ଏଠାକୁ ଆସିଥିବା ରୋଗୀ ନିଜର ଚିକିତ୍ସା କରାଇନପାରି ଫେରିଯାଇଥିଲେ ।ଏଥି ସହ ଯଦି ନିକଟରେ ମେଡ଼ିକାଲ ରହି ମଧ ସେବା ନମିଳେ ତେବେ ମେଡ଼ିକାଲ ରହି ଲାଭ କଣ ବୋଲି ପ୍ରଶ୍ନ କରିଛନ୍ତି ରୋଗୀ ଓ ତାଙ୍କ ସମ୍ପର୍କୀୟ ଅନୀଲ କୁମାର ସେଠୀ। କେବଳ ଫାର୍ମାସିଷ୍ଟଙ୍କ ଚାମ୍ବରରେ ଜଣେ ଷ୍ଟାଫ ନର୍ସ ରହି ଲୋକଙ୍କୁ ମେଡ଼ିସିନ୍ ଦେଉଛନ୍ତି । କାରଣ ଫାର୍ମାସିଷ୍ଟ କୌଣସି କାରଣରୁ ଛୁଟିରେ ରହିଛନ୍ତି । ସେଠାରେ ଦାୟିତ୍ୱରେ ରହିଥିବା ସୁରକ୍ଷା କର୍ମୀ କହୁଛନ୍ତି ଯେ, ଡାକ୍ତର କୁଣ୍ଡୁ ଶୁକ୍ରବାର ଠାରୁ ଛୁଟିରେ ଯାଇଛନ୍ତି । ହେଲେ ଏଠାକୁ ଆସୁଥିବା ରୋଗୀମାନେ କହୁଛନ୍ତି ଯେ, ଡାକ୍ତର ପ୍ରାୟ ଅଧିକାଂଶ ସମୟ ଉପସ୍ଥିତ ରହୁ ନାହାଁନ୍ତି । ଚିକିତ୍ସା କିଏ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମିଳିବା ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ଚୌଧୁରୀ ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ୍ତ ସୁବୁଦ୍ଧି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ତଦନ୍ତ କରିଛନ୍ତି।

# ଜଙ୍ଗଲ ଭିତରେ ଯୁବକ-ଯୁବତୀଙ୍କ ମୃତ ଦେହ, ହତ୍ୟା ସନ୍ଦେହ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଠଗାଁ-ତୁଷୁରା ରାସ୍ତାର ଉପରଝର ପେଟେନେ ଦୁହୁଲା ଜଙ୍ଗଲ ଭିତରେ ଯୁବକଯୁବତୀଙ୍କ ମୃତ ଶରୀର ପଡିଥିବା ଜଣାପଡିଛି। ଏହି ଘଟଣା ଜଣାପଡିବା ପରେ ଜଙ୍ଗଲ ଭିତରେ ଲୋକଙ୍କ ଗହଳି ଲାଗିରହି ଥିବା ବେଳେ ପୁଇତଲା -ଦେଓଗାଁ ପୁଲିସ ସୀମାକୁ ନେଇ ଆଲୋଚନା କରିଥିଲେ । ମୃତକ ଦୁହେଁ ପ୍ରେମୀଯୁଗଳ ବୋଲି ଅନୁମାନ କରାଯାଉଛି। ଅନ୍ୟ ପକ୍ଷରେ କିଏ ପ୍ରେମୀଯୁଗଳଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଇଛି ନା ସେମାନେ ନିଜର ଜୀବନ ନେଇଛନ୍ତି ସେ ନେଇ ତଦନ୍ତ କରିବା ପରେ ସତ ସମ୍ନାକୁ ଆସିବ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

ଉପରଝର ଘାଟିରୁ ତଣ୍ଡାମୁଣ୍ଡା ଯିବା ରାସ୍ତାର ବୁଲାଣି ନିକଟରେ ଥିବା ଏକ ବୁଦା ଭିତରେ ମୃତଦେହ ଦୁଇଟି ପଡିରହିଥିବାର କିଛି ଲୋକ ଦେଖିବାକୁ ପାଇଥିଲେ। ପରେ ଏହାକୁ ନେଇ ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ବାସିନ୍ଦା। ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

# ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ସାର୍ବଜନୀନ ଖେଳପଡ଼ିଆରେ ଚଳିତ ବର୍ଷ ୩୮ ତମ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ଶୁଭଖମ୍ବ ସ୍ଥାପନ କରାଯାଇଥିଲା । ଗ୍ରାମ ଦେବାଦେବୀଙ୍କ ଠାରେ ଆଜ୍ଞାମାଳ ଅଣାଯିବା ପରେ ପୂଜାର୍ଚ୍ଚନା କରାଯାଇ ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା ପୂଜାରେ କର୍ତ୍ତା ଭାବେ ରଶ୍ମିରଞ୍ଜନ ପୁଟେଲ ଏବଂ ପୂଜକ ହରିହର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ । ଅତିଥି ଭାବେ ବିଡ଼ିଓ ବାସନ୍ତୀ ସେଠୀ, ଥାନା ଅଧିକାରୀ ସଂଜୀବ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ ଯୋଗଦେଇଥିଲେ । ୩୮ ତମ ଧନୁଯାତ୍ରା ଆୟୋଜନ କମିଟିର ସଭାପତି ତୁଳସିରାମ ହଂସ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ଉପସଭାପତି ଜମିଦାର ଶରତ ଚନ୍ଦ୍ର ସିଂ ଭୋଇ,ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, କୋଷାଧ୍ୟକ୍ଷ ମୁକେଶ ଜୈନ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ



ଲାଲଚନ ପୁଟେଲ,ସାମ୍ବାଦିକ ଦୀପକ କୁମାର ଦାସ ଯାଦବ, ଅଶୋକ ନାରାୟଣ ଭୋଇ,ସାମ୍ବାଦିକ ହୁଲେଶ୍ୱର ହଂସ,ବୈକୁଣ୍ଠ ସା,ଭକ୍ତବନ୍ଧୁ ସାହୁ,ତିରୁପତି ବାରିକ,ଦୀନବନ୍ଧୁ ପାଣିଗ୍ରାହୀ,ବିନୋଦ ମେହେର, ଶରତ ପାଣିଗ୍ରାହୀ, ପ୍ରମୋଦ ସାହୁ, ଗୋପୀନାଥ ସା,ଭିକାରୀ ସାହୁ, ପ୍ରେମରାଜ ଚୌଧୁରୀ, ମୟ ପୁଟେଲ ପ୍ରମୁଖଙ୍କ ସହ କମିଟି ସଦସ୍ୟ ଉପସ୍ଥିତ ଥିଲେ । ୩୮ ତମ ଧନୁଯାତ୍ରା ମହୋତ୍ସବ ଆସନ୍ତା ନଭେମ୍ବର ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ପାଳିତ ହେବ ବୋଲି ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବଲାଙ୍ଗିର ଦିନ୍ ଆୟୋଜନ ନେଇ ଚୂଡ଼ାନ୍ତ ପ୍ରସ୍ତୁତି

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଦିନ୍ ଆୟୋଜନ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପି.ପି.ଏକାଡେମୀ ସଭାଗୃହରେ ପ୍ରସ୍ତୁତି ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଦିନ୍ ପାଳନକୁ ବ୍ୟାପକ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଛି । ୨୪ ତାରିଖରେ ଉଦ୍‌ଘୋଷକ / ଉଦଘୋଷିକା ଚୟନ, ୨୫ ତାରିଖରେ ଆର୍ଟ ଏଣ୍ଡ କ୍ରାଫ୍ଟ, ମେହେନ୍ଦି ଓ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨୬ ତାରିଖରେ ଫେନ୍ସି ଡ୍ରେସ, ରାମ୍ପ ସୋ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୭ ରେ ଆମ ପିଢାମଡା, ନୃତ୍ୟ ପ୍ରତିଯୋଗିତା, କ୍ରିକେଟ ମ୍ୟାଚ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ୨୮ ତାରିଖରେ ରଙ୍ଗୋଲି ଓ ବଲାଙ୍ଗିର ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨୯ ତାରିଖରେ ଶଙ୍ଖ ଫୁଙ୍କା, ହୁଳାହୁଳି, କବିତା ଆସର, ଆଲୋଚନାଚକ୍ର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ୩୦ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା




ଅନୁଷ୍ଠିତ ହେବ । ନଭେମ୍ବର ୧ ସକାଳ ୮ଟାରେ ସାଂସ୍କୃତିକ ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ବଲାଙ୍ଗିର କୋଶଳ କଳାମଣ୍ଡଳରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଦୁର୍ଗା ମନ୍ଦିର ଦେଇ କୋଶଳ କଳା ମଣ୍ଡଳକୁ ସାଂସ୍କୃତିକ ଶୋଭାଯାତ୍ରା ପହଞ୍ଚିବ । ସନ୍ଧ୍ୟାରେ ସମସ୍ତଙ୍କ ଘରେ ଝୋଟି ଓ ଦୀପ ପ୍ରଜ୍ଜଳନ ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି । ନଭେମ୍ବର ୨ ରେ ସାଂସ୍କୃତିକ ସନ୍ଧ୍ୟା ଜଣାଶୁଣା କଳାକାରଙ୍କ ସହିତ ବହୁ ମାନ୍ୟଗଣ୍ୟବ୍ୟକ୍ତିଙ୍କ ଉପସ୍ଥିତିରେ ଉଦଯାପନି ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଡ. ଶ୍ରୀକର ମିଶ୍ର, ସଂଯୋଜକ ଲୋଟସ ଷଡଙ୍ଗୀ, ବିଧୂଭୂଷଣ ତ୍ରିପାଠି, ଦିନେଶ ଶର୍ମା, ସଂଗୀତା ଦାଶ ଓ ସଂପାଦକ ବିନୋଦ କାଲସାଏ ଉପସ୍ଥିତ ରହି ଆୟୋଜନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

## ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କଲେ ଶିବ

ସମ୍ବଲପୁର,(ସବ୍ୟୁ): ସୋମନାଥ ବାବାଙ୍କ ମନ୍ଦିରର ହୁଣ୍ଡି ଭାଙ୍ଗି ଶିବ ଟଙ୍କା ଚୋରି କରିଛନ୍ତି । ଏହି ଅଭିଯୋଗରେ ଟାଉନ ଥାନା ପୋଲିସ ତାଙ୍କୁ ଗିରଫ କରିଛି । ତାଙ୍କ ଠାରୁ ୫ହଜାର୮୧୦ଟଙ୍କା, ତାର ବଣ୍ଡଲ, ଲୁହା ରଡ ଓ ଭଙ୍ଗା ତାଲା ଆଦି ଜବତ ହୋଇଛି । ଏନେଇ ୪୩୯/୨୪ରେ ଏକ ମାମଲା ରୁଜୁ କରାଯାଇ ରାମଜୀ ମନ୍ଦିରପଡାର ଶିବ ବରିହା(୧୯)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ସହର ସ୍ଥିତ ବାଲିବନ୍ଧା ସୋମନାଥ ମନ୍ଦିର ହୁଣ୍ଡିରୁ ଗତ ୧୯ତାରିଖ ରାତିରେ ଟଙ୍କା ଚୋରି ହୋଇଥିଲା । ଚୋରି ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଅଭିଯୋଗ ପରେ ପୋଲିସ ଏହାକୁ ନେଇ ତଦନ୍ତ କରିଥିଲା । ତଦନ୍ତ ବେଳେ ସୋମନାଥ(ଶିବ) ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ଅଭିଯୋଗରେ ସେହି ଅଞ୍ଚଳର ଶିବ ନାମଧାରୀ ଯୁବକଙ୍କୁ ଗିରଫ କରିଥିଲା ।

## ଘରେ ପଶି ଚୋରି, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ପୋଲିସ ଏକ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ପନିଆପଡାର ନିତ୍ୟାନନ୍ଦ ଖଡିଆ(୩୩) ବୋଲି ଜଣାପଡିଛି । ତାଙ୍କ ଠାରୁ ୨ଟି ସୁନା ହାର, ୫ହଳ ସୁନା କାନଫୁଲ, ୬ଟି ସୁନା ଲକେଟ୍, ୨ଟି ସୁନା ମୁଦି ସହ ରୁପା ଅଳଙ୍କାର, ଟଙ୍କା ଓ ମୋବାଇଲ ଆଦି ଚୋରି ସାମଗ୍ରୀ ଜବତ ହୋଇଛି । ସୂଚନାଯୋଗ୍ୟ, ପନିଆପଡାର ସୁସ୍ମିତା ମିର୍ଦ୍ଧା ଓ ତାଙ୍କ ପରିବାର ଖାଇ ଶୋଇଥିବା ବେଳେ ଗତ ୧୯ତାରିଖ ରାତିରେ କେହି ଦୁର୍ବୃତ୍ତ ଘରେ ପଶି ଆଲମାରୀରୁ ସୁନା, ରୁପା ଅଳଙ୍କାର, ଟଙ୍କା ଓ ମୋବାଇଲ ଫୋନ ଚୋରି କରି ନେଇଥିଲା । ଅଭିଯୋଗ ପରେ ପୋଲିସ ୩୪୭/୨୪ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସିଆରସିସି ନିଯୁକ୍ତି କେବେ !

ରେଢ଼ାଖୋଲ,(ସବ୍ୟୁ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ପ୍ରତି କ୍ଲଷ୍ଟର ନିମନ୍ତେ ଜଣେ ଲେଖାଏଁ ଆଞ୍ଚଳିକ ସାଧନକର୍ମୀ (ସିଆରସିସି) ଭାବରେ ଶିକ୍ଷକ ମାନଙ୍କୁ ପାଞ୍ଚ ବର୍ଷ ପାଇଁ ମୁତୟନ କରାଯାଇଥାଏ। ସିଆରସିସି ଭାବରେ ଜଣେ ଶିକ୍ଷକ ପାଞ୍ଚ ବର୍ଷ କାର୍ଯ୍ୟକାଳ ପୂରଣ କଲାପରେ ନିଜର ମୂଳ ପଦବୀକୁ ଫେରିଥାନ୍ତି। କିନ୍ତୁ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ନାକଟିଦେଉଳ ବ୍ଲକ୍ ରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ରଶିକ୍ଷା, ସମ୍ବଲପୁରଙ୍କ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୧୨୫୩/ ଉଟଟଜ/ ତା ୧୨/୦୯/୨୦୨୪ ଅନୁସାରେ ସିଆରସିସି ଭାବରେ ଜାମୁଜୋରି କ୍ଲଷ୍ଟର ନିମନ୍ତେ ଅଙ୍ଗାବିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜୟ ବେହେରା, ଡଇଁଚା କ୍ଲଷ୍ଟର ନିମନ୍ତେ ଖୋଲଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନେପୋଲିୟନ୍ ବେହେରା, ଶିମିଳିପାଳ କ୍ଲଷ୍ଟର ନିମନ୍ତେ ପୋଡାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରହାସ ନାଏକ୍, ଘୋଷରାମାଳ କ୍ଲଷ୍ଟର ନିମନ୍ତେ ପଥୁରିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଜିତ୍ ପ୍ରଧାନ, ନାକଟିଦେଉଳ କ୍ଲଷ୍ଟର ନିମନ୍ତେ ହିଞ୍ଜାମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୌମିତ୍ରୀ ସାହୁ, ସରାପାଲି କ୍ଲଷ୍ଟର ପାଣିମୁରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁନିଲ୍ ଏକ୍କା, ବାଟଗାଁ କ୍ଲଷ୍ଟର ନିମନ୍ତେ ହିତସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭୁବନେଶ୍ୱର ଶତପଥୀ ଏବଂ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ନିମନ୍ତେ ବାଲିକୁଠା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସରୋଜ ବେହେରା ମନୋନୀତ ହୋଇଛନ୍ତି । ପୁରୁଣା ସିଆରସିସି ମାନଙ୍କର କାର୍ଯ୍ୟକାଳ ଗତ ଜୁନ୍ ମାସ ଶେଷ ସୁଦ୍ଧା ୫ ବର୍ଷ ପୂରଣ ହୋଇ ଅକ୍ଟୋବର ମାସ ଶେଷ ସୁଦ୍ଧା ୫ ବର୍ଷ ୪ ମାସ ପୂରଣ ହେବାକୁ ଯାଉଛି । କିନ୍ତୁ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଚିଠିକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପାଳନ ନ କରିବା ଦ୍ୱାରା ନୂତନ ସିଆରସିସି ନିଯୁକ୍ତିରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ବ୍ଲକ ଶିକ୍ଷା ଅଧିକାରୀ କାହାର ଚାପର ବଶବର୍ତ୍ତୀ ହୋଇ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ନିର୍ଦ୍ଦେଶନାମାକୁ ନ ମାନି ପୁରୁଣା ସିଆରସିସି ମାନଙ୍କୁ ନିଜ ମୂଳ ପଦବୀକୁ ଫେରାଇ ଆଣି ନୂତନ ଭାବେ ଶିକ୍ଷକ ମାନଙ୍କୁ ସିଆରସିସି ଦାୟିତ୍ୱ କେବେ ଦେବେ ତାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ।

## ଯୁବକଙ୍କ ମୃତ ଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ପରିବାର

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ କାଦୋଦର ପଞ୍ଚାୟତର ବମରାଜ ନିକଟସ୍ଥ ହରିହର ଯୋର ଖଣ୍ଡିରେ ଥିବା ଭରତା ଆଟ ନିକଟରୁ ଜଣେ ଯୁବକଙ୍କ କ୍ଷତ ବିକ୍ଷତ ମୃତ ଦେହ ମଙ୍ଗଳବାର ଅପରାହ୍ନରେ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ବୀରମହାରାଜପୁର ଥାନା ଅନ୍ତର୍ଗତ ମୁର୍ଷୁଣୀ ପଞ୍ଚାୟତର ଘଣ୍ଟପାଲି ଗ୍ରାମର ବେଲାରସେନ ଘୁଷୁରୀଙ୍କ ମଝିଆ ପୁଅ ଶେଷଦେବ ଘୁଷୁରୀ(୨୭)ବୋଲି ଜଣା ପଡିଛି । ସେ ଗତ ରବିବାର ଠାରୁ ନିଖୋଜ ଥିଲେ । ବମରାଜ ନିକଟସ୍ଥ ହରିହର ଯୋର ଖଣ୍ଡିର ଭରତା ଆଟରୁ ଯୁବକଙ୍କ କ୍ଷତ ବିକ୍ଷତ ମୃତ ଦେହ ଦେଖିବାକୁ ମିଳିଥିଲା । ପୋଲିସ ମୃତ ଦେହ ଜବତ କରିଛି । ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (କେସ ନଂ ୨୭/୨୪) ରୁଜୁ ହୋଇ ଅଧିକ ତଦନ୍ତ ହେଉଥିବା ଥାନା ଅଧିକାରୀ ଶୋଭାକର ସେଠ୍ ପ୍ରକାଶ କରିଛନ୍ତି । ଯୁବକ ଜଣକ ରବିବାର ସନ୍ଧ୍ୟାରୁ ତାଙ୍କର ବାଇକ ରେ ଘରୁ ଏକୁଟିଆ ଯାଇଥିଲେ । ତାଙ୍କ ବାଇକଟି ବାରଝୁଲା ନିକଟସ୍ଥ ହରିହର ଯୋର ଖଣ୍ଡିରେ ରଖି ଯୋରର ଅପର ପାର୍ଶ୍ୱକୁ ଯାଇଥିଲେ । ତେବେ ପାରିପାର୍ଶ୍ୱିକ ପରିସ୍ଥିତିରୁ ସେଠାରେ ଜନ୍ତୁ ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାରରେ ଲାଗି ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମାତ୍ର ଯୁବକ ଜଣକ ସେହି ନିଛାଟିଆ ଜଙ୍ଗଲ ଅଞ୍ଚଳକୁ କାହିଁକି ଯାଇଥିଲେ ତାହା ସନ୍ଦେହକୁ ବଢ଼ାଇଦେଇଛି । ମୃତ୍ୟୁର ସଠିକ କାରଣ ଜଣା ପଡି ନ ଥିଲେ ମଧ୍ୟ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରୁଛନ୍ତି । ତେବେ ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଅଞ୍ଚଳର ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି । ତେବେ ଯୁବକ ଜଣକ ଅନେକ ସମୟ ହରିହର ଯୋରର ବାରଝୁଲା ପାର୍ଶ୍ୱରେ ଗାଡି ରଖି ଅପର ପାର୍ଶ୍ୱକୁ ଏକୁଟିଆ ଯାଆନ୍ତି ବୋଲି ଶୁଣିବାକୁ ମିଳିଛି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ
# ଥାନାରେ ଅପମୃତ୍ୟୁ ମାମଲା ରୁଜୁ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ହଳଦୀ ଗ୍ରାମର ନାରାୟଣ ପୋଡ଼ (୪୦) ଜଣେ ବିବାହିତ ଯୁବକଙ୍କ ଗୁରୁବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ନାରାୟଣ ପୋଡ଼ ହଳଦୀ ଜାତୀୟ ରାଜପଥ ପାର୍ଶ୍ୱରେ ମାଂସ କାଟିବା ସହ ଏକ ଢ଼ାବା ଦେଇଥିଲେ। ବୁଧବାର ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ କୌଣସି ଏକ ବିଷୟକୁ ନେଇ ତାଙ୍କର ଏତଲାର ସମାଧାନ କରିବାକୁ ସେ ଅନ୍ୟ ଗ୍ରାମବାସୀଙ୍କ ସହ ଥାନାକୁ ଯାଇଥିବା ବେଳେ ଥାନାରେ ଉଭୟ ପକ୍ଷ ଆପୋଷ ବୁଝାମଣା ହୋଇ ଘରକୁ ଫେରିଥିଲେ। ଘରେ ଖାଇପିଇ ଶୋଇଥିବା ବେଳେ ରାତିରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ସେ ଦୀର୍ଘଦିନରୁ ସିକଲିନ ଓ କିଡନୀ ରୋଗରେ ଚିକିତ୍ସିତ ହେଉଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଡାକ୍ତରଙ୍କଠାରୁ ସୂଚନା ପାଇ ମୁରିବାହାଲ ଥାନା ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତ ନାରାୟଣଙ୍କ ଘରେ ପତ୍ନୀ, ଜଣେ ୧୩ବର୍ଷର ପୁଅ ଓ ଜଣେ ୯ବର୍ଷର ଝିଅ ଅଛନ୍ତି । ଶବ ଆଣି ଅତ୍ୟନ୍ତ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କର ଶବସତ୍କାର କରାଯାଇଥିଲା। ୧୩ବର୍ଷର ପୁଅ ମୁଖାଗ୍ନି ଦେଇଥିଲେ। ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ କେଶ ନ ୨୦/୨୪ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ସବଇନ୍ସପେକ୍ଟର ଦନାର୍ଦ୍ଦନ ଓରାମ ପ୍ରକାଶ କରିଛନ୍ତି।

## ବେଆଇନ ବାଣ ତିଆରି ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ଆଗକୁ ଆଲୋକର ପର୍ବ ଦୀପାବଳୀ ଆସୁଛି । ଏହାକୁ ଦୃଷ୍ଟିରେ ରଖି କିଛି ଲୋକ ମୁନାଫା ଆଶାରେ ବାଣ ତିଆରି କରୁଛନ୍ତି । ଯାହାକି ବିପଦଜନକ ଅଟେ । ଏଭଳିସ୍ଥଳେ ମହୁଲପାଲି ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କର୍ବିବାହାଲ ଗ୍ରାମର ଡିଲେଶ୍ୱର ନାୟକ(୮୮)ଙ୍କ ଘର ଉପରେ ଚଢଉ କରିଥିଲା । ଚଢଉ ବେଳେ ତାଙ୍କ ଘରୁ ୧୦୪ଟି କୁମ୍ଭି, ୧୨୦୦ଟି ତାଳ ଫୋଟକା, ୧୦୦ଟି ସଲତା, ୨ବଣ୍ଡଲ ତାଳପତ୍ର ଓ ୫୦୦ଗ୍ରାମ ବାରୁଦ ଜବତ ହୋଇଛି । ଏନେଇ ୧୬୬/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଡିଲେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ଅନ୍ତର୍ଗତ ବରବାହାଲି ଗ୍ରାମ ନିକଟ ଜଙ୍ଗଲରେ ଜନୈକ ମହିଳା ଛେଳି ଚରାଉ ଥିବା ବେଳେ ଜଣେ ଯୁବକ ବାଲାତ୍କାର ଉଦ୍ୟମ କରି ଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ପରେ ଅଭିଯୁକ୍ତ ସତ୍ୟ ନାରାୟଣ ସାହୁ (୫୦)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ବରବାହାଲି ଗାଁ ର ମହିଳା ଗ୍ରାମ୍ୟ ନିକଟ ଜଙ୍ଗଲରେ ମଙ୍ଗଳବାର ସକାଳ ପ୍ରାୟ ୧୦ଘଣ୍ଟା ସମୟରେ ଛେଳି ଚରାଉଥିବା ବେଳେ ଭାଲୁଡୁଙ୍ଗୁରି ଗ୍ରାମର ସତ୍ୟନାରାୟଣ ସାହୁ ନିଛାଟିଆ ଦେଖି ବଳାତ୍କାର କରିବା ପାଇଁ ଉଦ୍ୟମ କରିଥିଲେ । ମହିଳା ଜଣକ ଚିତ୍କାର କରି କୌଶଳ କ୍ରମେ ଅଳ୍ପକେ ସେଠାରୁ ଖସି ପଳାଇଥିଲେ । ଏନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ପରେ କେଶ ନମ୍ବର - ୨୪୭/ ୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ ଆଇ ଲିଙ୍ଗରାଜ କିଶାନ ପ୍ରକାଶ କରିଛନ୍ତି ।

## ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ସୋନପୁର,(ସବ୍ୟୁ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି କେକ୍ କାଟି ବାଳିକା ମାନଙ୍କୁ ଖୁଆଇଥିଲେ । ବାଳିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲା ନ୍ୟାୟାଳୟ ଆଇନ୍ ସହାୟତା କେନ୍ଦ୍ର ସମ୍ପାଦିକା କୁମୁଦିନୀ ମୁଦୁଲି , ଡିଏସ୍‌ପିଏଚ୍ ଆର୍ ପି ସି ପ୍ରତାପ ରଣା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ,କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପ୍ରମୁଖ ଯୋଗଦେଇ ଶିଶୁକନ୍ୟା ମାନଙ୍କର ସୁରକ୍ଷା,ଆତ୍ମରକ୍ଷା, ଶିକ୍ଷା ଓ ପାରଦର୍ଶିତା ଉପରେ ମତାମତ ରଖିଥିଲେ । ବାଲ୍ୟବିବାହ ପରାମର୍ଶ ଦାତା ଅକ୍ଷୟ କୁମାର ସିଂ ଜୀବନ କୌଶଳ ଏବଂ ଆଶିଷ ଅଗ୍ରୱାଲ ସାଇବର କ୍ରାଇମ୍ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଏନ୍‌ସିସି ବିଭାଗ ,ବାଳିକା ଉଚ୍ଚ ବିଦ୍ୟାଳୟ , ମହିଳା ମହାବିଦ୍ୟାଳୟ,ପଦ୍ମିନୀ କଲେଜ୍, ଅଦ୍ୱିକା ବାଳିକା ସୋନପୁର ଆଦିର ୨୩୦ ବାଳିକା ଅଂଶଗ୍ରହଣ କରିଥିଲେ। ବିଶେଷ ପାରଦର୍ଶିତା ଲାଭକରିଥିବା ଯଥା ଅସୁରମୁଣ୍ଡାର ତିଳୋତ୍ତମା ସାହୁ ଆର୍ଟ ଓ ପେଣ୍ଟିଂ ପାଇଁ, ଫେସନ୍ ସୋ ପାଇଁ ଅଂଶିକା ମିଶ୍ର ,ବାଲ୍ୟବିବାହ ସଚେତନତା ପାଇଁ ପଦ୍ମିନୀ ବେହେରା ଏବଂ କୀର୍ତ୍ତନ ଗାୟିକା କୁନି କଳାକାର ଶୁଭଶ୍ରୀ ସାଣ୍ଟଙ୍କୁ ପ୍ରଂଶସା ପତ୍ର ଓ ଫଳକ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନା ରେ ଦୁଇ ଜଣଙ୍କୁ ୨ହଜାର ଟଙ୍କାର ଚେକ୍ ଓ ବୈଷୟିକ ଶିକ୍ଷା ପାଇଁ ଯୋଷଦା ଯୋଜନାରେ ଦୁଇ ଜଣ ବାଳିକାଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭା ସଂଯୋଜନା କରିଥିଲେ । ଉତ୍କଳ ବାଳାଶ୍ରମର ଶିଶୁ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କାଲସେ, ସ୍ୱାଗତରାଜ ମିଶ୍ର,ରୁଦ୍ର ପ୍ରସନ୍ନ ମିଶ୍ର,ପ୍ରଶାନ୍ତ ମହାକୁଡ ,କେଶବ ଚନ୍ଦ୍ର ମେହେର,ଅନିଲ ମହଲା,ସରିତା ସୁନା ,ସୁଧୀର ଦାସ, ଧର୍ମେନ୍ଦ୍ର ଦାସ ଆଦି ସହଯୋଗ କରିଥିଲେ ।

## ମୈତ୍ରୀ ଡିଜିଟାଲ ଜନସମ୍ପର୍କ ଶିବିର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବାଲାଜୀ ଗ୍ରୀନ ଆପାର୍ଟମେଣ୍ଟ ଠାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ମୈତ୍ରୀ ଡିଜିଟାଲ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଧୁନିକ ଯୁଗ ସହ ଖାପ ଖୁଆଇ ଡିଜିଟାଲ ମାଧ୍ୟମରେ ଉପଭୋକ୍ତାମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ସହଜ, ସୁରକ୍ଷିତ ଓ ସୁବିଧାରେ ବିଦ୍ୟୁତ୍ ସମ୍ପର୍କିତ ସେବା ଯୋଗାଇ ଦେବାର ଏହାର ଲକ୍ଷ୍ୟ । ଶିବିରରେ ଉପଭୋକ୍ତାମାନଙ୍କର ସାଧାରଣ ଅଭିଯୋଗ ଓ ଅନୁସନ୍ଧାନ ସମାସ୍ୟାର ସମାଧାନ, କେୱାଇସି ଅପଡେଟ୍, ବିଭିନ୍ନ ଉପାୟ ମାଧ୍ୟମରେ ବିଦ୍ୟୁତ୍ ବିଲ ପୈଠ, ବିଲ ଗ୍ରହଣ ସେବା, ଗ୍ରୀନ ବିଲ୍ ମାଧ୍ୟମରେ ନିଜ ହାତ ପାହାନ୍ତାରେ ବିଦ୍ୟୁତ୍ ମିଟର ସମ୍ପର୍କିତ ସମସ୍ତ ତଥ୍ୟ ପୁଙ୍ଖାନୁପୁଙ୍ଖ ଜାଣିବା, ନୂତନ ସଂଯୋଗର ସ୍ଥିତି ଅନୁସନ୍ଧାନ, ସୋଲାର ରୁଫଟପ୍ ସଂଯୋଗ କରିବା ପ୍ରକ୍ରିୟା ତଥା ଅନ୍ୟାନ୍ୟ ଡିଜିଟାଲ ସମ୍ପର୍କିତ ଶିକ୍ଷା, ଶକ୍ତି ସଂରକ୍ଷଣ ଟିପ୍ସ ଏବଂ ବିଦ୍ୟୁତ୍ ସୁରକ୍ଷା ଉପରେ ଉପଭୋକ୍ତା ମାନଙ୍କୁ ସଚେତନ କରାଯାଇଥିଲା ।

## ହିଣ୍ଡାଲକୋ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା



ସମ୍ବଲପୁର,(ସବ୍ୟୁ): ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ଠାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୀପାବଳୀ ଅବ୍ୟବହିତ ପୂର୍ବରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଦିବ୍ୟାନଷି ମହିଳା କ୍ଲବର ବାଣିଶ୍ରୀ ସାହୁ , କିରଣ ସିଂ, କୋନିନା ସିଂ, ମଧୁଲିତା ରାଠୋଡ, ଶୁଭଶ୍ରୀ ଚଣ୍ଡେଲ ଓ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସୁକାନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ହୀରାକୁଦ ଫଲସାକଣ୍ଟାର ଲିଲି ନାୟକ ପ୍ରଥମ, ପଥର ଲାଇନର ମମତା ପରମାନିକ ଦ୍ୱିତୀୟ ଓ ମାଲିପଡାର ପୂର୍ଣ୍ଣିମା ମୁଲି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମକୁ ଜୟଶ୍ରୀ ରାଓ,ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ ଓ ମିଳନ କୁମାର ସାହୁ ପରିଚାଳନା କରିଥିଲେ ।

## ଶ୍ରୀ ଅନ୍ନ ଏବଂ ଭୂଲିଯାଇଥିବା ଖାଦ୍ୟ ଉତ୍ସବ

ଝାରସୁଗୁଡ଼ା,(ସବ୍ୟୁ): କୃଷି ଏବଂ କୃଷକ ଶସକ୍ତିକରଣ ବିଭାଗ ପକ୍ଷରୁ ନଭେମ୍ବର ୧୦ ଓ ୧୧ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀ ଅନ୍ନ ଏବଂ ଭୂଲିଯାଇଥିବା ଖାଦ୍ୟ ଉତ୍ସବ। ମିଲେଟ ଏବଂ ଅନ୍ୟାନ୍ୟ ଅବହେଳିତ ଫସଲ ଓ ଖାଦ୍ୟ ସଂସ୍କୃତିର ବ୍ୟବହାର ତଥା ପ୍ରଚାର ପ୍ରସାର ପୂର୍ବକ ଚାଷକୁ ପ୍ରୋତ୍ସାହନ ପ୍ରଦାନ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଶ୍ରୀ ଅନ୍ନ ଓ ଭୂଲିଯାଇଥିବା ଖାଦ୍ୟ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରତି ବ୍ଲକ, ଜିଲ୍ଲା ଓ ଆଞ୍ଚଳିକ ସ୍ତରରେ ଉତ୍ସବର ଆୟୋଜନ କରାଯାଉଛି। ଝାରସୁଗୁଡ଼ାରେ ଜିଲ୍ଲା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ମସିହାରୁ ନଭେମ୍ବର ୧୦ତାରିଖକୁ ମାଣ୍ଡିଆ ଦିବସ ଭାବରେ ପାଳନ କରି ଦିବସଟି ମିଲେଟ ଚାଷ ପାଇଁ ସମର୍ପିତ ଦିନ ବୋଲି ଘୋଷଣା କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ ଉଲ୍ଲେଖ କରିଥିଲେ। ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଓ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ନେଇ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସ୍ଥାନୀୟ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟଠାରେ ଏହି ଉତ୍ସବ ମାଣ୍ଡିଆ ଦିବସ ଚଳିତ ନଭେମ୍ବର ମାସ ୧୦ ତାରିଖରେ ଆୟୋଜନ କରିବା ସକାଶେ ଆଲୋଚନା କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ଭୂଷଣ ରାୟ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀ ଅନ୍ନ ଅଭିଯାନର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଟିକେଶ୍ୱର ବେହେରା ବୈଠକର କାର୍ଯ୍ୟସୂଚୀ ଅନୁସାରେ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ, ଖଲିଆଭଟା ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ତିନି ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ଗତ ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଏହି ଦୌଡ଼ାକୁଦ ଉତ୍ସବରେ ଜିଲ୍ଲାର ୧୨ଗୋଟି ବିଦ୍ୟାଳୟରୁ ପ୍ରତି ଦଳରେ କୋଡିଏ ଜଣ ପ୍ରତିଯୋଗୀ, ଖେଳ ପ୍ରଶିକ୍ଷକ, ଆବଶ୍ୟକ ସ୍ଥଳେ ଶିକ୍ଷୟତ୍ରୀ ମାନେ ନିଜ ନିଜ ଛାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ କରାଇବା ସହ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଉଭୟ ଛାତ୍ର, ଛାତ୍ରୀ ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ଥିବା ହେତୁ, ଛାତ୍ରଛାତ୍ରୀ ମାନେ ପ୍ରତିଯୋଗିତା ମାନଙ୍କରେ ଦୃଢ଼ ପ୍ରୟାସ କରୁଥିବା ଦେଖାଯାଇଥିଲା। ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥିଭାବେ ସରପଞ୍ଚ ପୁଝାରୀ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ସମ୍ମାନିୟ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷ୍ୟାଧିକାରୀ ରୁପସୀଙ୍ଗ ରାଉତ, ପଂଚାୟତ ସମିତି ସଭ୍ୟା ପ୍ରଭା ପୁଝାରୀ, ଜିଲ୍ଲା କଳା ସଂସ୍କୃତି ସଦସ୍ୟ ତୀର୍ଥରାଜ ଦଳପତି, ସାମ୍ବାଦିକ ଅସରଫ ଅଲ୍ଲୀ, ଏବିଇଓ ପୂର୍ଣଚନ୍ଦ୍ର ପଣ୍ଡା, ସତ୍ୟାନନ୍ଦ ପୁଝାରୀ, ଧର୍ମେନ୍ଦ୍ର ମାଝୀ, ଯୋଗଦେଇଥିଲେ । ଉଦଘାଟନ ସଭା, ସ୍କୁଲ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଦୌଡ଼କୁଦ ପ୍ରତିଯୋଗିତାର ଆବାହକ, ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା ଆନୁଷ୍ଠାନିକ ଭାବେ ଶିବିର ଉଦଘାଟନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟର



ଆୟୋଜିତ ସଭାର ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଅବକାରୀ କମିସନର ଗଙ୍ଗାଧର ମାଝୀ, ମୁଖ୍ୟବକ୍ତା ଜୟପାଟଣା ଆଦିବାସୀ ସଂଘ ସଭାପତି ମନୋଜ ପାତ୍ର, ଅତିଥି ସମାଜସେବୀ ଜଗନାଥ ମାଝୀ, ଧର୍ମେନ୍ଦ୍ର ମାଝୀ, ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସୀଙ୍ଗ ରାଉତ, ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ କୃତି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ତୃତୀୟ ପର୍ଯ୍ୟାୟ ତଥା ଉଦଯାପନୀ ସଭା, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ଅତିଥିଭାବେ ଅବସର ପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ବୀରକିଶୋର ପଣ୍ଡା, ମୁଖ୍ୟବକ୍ତା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସୀଙ୍ଗ ରାଉତ, ସମ୍ମାନିୟ ଅତିଥି ଏ. ବି. ଇ. ଓ. ସୁରେନ୍ଦ୍ର ମୋହନ ଯୋଶୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଭାତ ରଞ୍ଜନ ଖମାରି, ସାମ୍ବାଦିକ ଆସରଫ ଅଲ୍ଲୀ, ସାମ୍ବାଦିକ ଜଗମୋହନ ପଟ୍ଟନାଏକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତିପ୍ରତିଯାଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଆବାହକ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମନାରାୟଣ ପଣ୍ଡାଙ୍କ ଉଦ୍ୟମ ଏବଂ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନିଆ ଦୌଡ଼କୁଦ ଶିବିର ସୁପରିଚାଳିତ ହୋଇପାରିଥିଲା । ଖେଳପ୍ରଶିକ୍ଷକ ସରୋଜ ଠାକୁର ପ୍ରତ୍ୟେକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କାଉଟ ଟ୍ରେନର ପ୍ରଶାନ୍ତ କୁମାର ପଣ୍ଡା, ମଞ୍ଚପରିଚାଳନା, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବି ପଟ୍ଟନାୟକ ମଞ୍ଚାସୀନ ଥିଲେ । ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳର କାର୍ଯ୍ୟକାରିତା, ରେଡକ୍ରସର କାର୍ଯ୍ୟକଳାପ, ଗ୍ରାମୀଣ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ୧୦୦ଜନସଂଖ୍ୟା ରହୁଥିବା ଗ୍ରାମକୁ ଯୋଗାଯୋଗ ପାଇଁ ଗ୍ରାମ ଗୁଡିକର ତାଲିକା ସଂଗ୍ରହ, ସୋସିଆଲ ଅଡିଟ୍, ହାଉସିଂ ଏବଂ ଫ୍ୟାମିଲି ୱେଲଫେୟାର, ଅଙ୍ଗନୱାଡି



କେନ୍ଦ୍ରର ନିର୍ମାଣ, ରାଜ୍ୟ ଆର୍ଥିକ ନିଗମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ଭିଏସ୍‌ଏସ୍ କୋଠାର ପରିଚାଳନା, ଓଡିଶା ଜୀବିକା ମିଶନରେ କିପରି ସମସ୍ତ ଗରିବ ପରିବାରଙ୍କ ନିକଟରେ ପହଞ୍ଚି ପାରି ସେମାନଙ୍କୁ ନିରନ୍ତର ଜୀବିକା ଯୋଗାଇ ଦେବା ସହ ଦାରିଦ୍ର୍ୟରୁ ବାହାରିବା ପର୍ଯ୍ୟନ୍ତ ଭଲ ଜୀବନ ଯାପନ କରିବା ପାଇଁ ସେମାନଙ୍କୁ ପ୍ରତିପୋଷଣ କରିବା , ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ଯୋଜନା ଅଧିନରେ ବିଭିନ୍ନ ପ୍ରକଳ୍ପ ଓ ପଦକ୍ଷେପ ମାଧ୍ୟମରେ ଓଡିଶାର ଗ୍ରାମୀଣ ଉତ୍ପାଦକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ ଯୋଗାଇ ଦେଇ ଦାରିଦ୍ର୍ୟ ଦୂରୀକରଣ , ଜୀବିକା ନିର୍ବାହ, ମହିଳା ସଶକ୍ତକରଣ ଦକ୍ଷତା ବୃଦ୍ଧି, ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶରେ ଉନ୍ନତି କିପରି ହୋଇପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୨୭)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )
ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଏରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ।।୨୭।।
ଅଶ୍ୱମାନଙ୍କ ମଧ୍ୟରେ ମୋତେ ଅମୃତ ନିମିତ୍ତ କ୍ଷୀରୋଦମନ୍ଥନରେ ଉତ୍ପନ୍ନ ଉଚ୍ଚୈଃଶ୍ରବା, ଶ୍ରେଷ୍ଠ ଗଜମାନଙ୍କ ମଧ୍ୟରେ ଐରାବତ ଓ ମନୁଷ୍ୟମାନଙ୍କ ମଧ୍ୟରେ ରାଜା ମୋଲି ଜାଣ ।।୨୭।।

# ସମୟର ଆହ୍ୱାନ

## ସମ୍ପାଦକୀୟ

ଜଳବାୟୁ ପରିବର୍ତ୍ତନ ତାପମାତ୍ରା ଏବଂ ପାଣିପାଗ ଢାଞ୍ଚାରେ ଦୀର୍ଘକାଳୀନ ପରିବର୍ତ୍ତନକୁ ବୁଝାଏ । ପାଣିପାଗ ପରିବର୍ତ୍ତନ ହେଇଚାଲିଛି ଏବଂ ତା'ର ପ୍ରଭାବରେ, ଆଜି ସମଗ୍ର ମାନବ ସମାଜ ପ୍ରଭାବିତ ହେବାରେ ଲାଗିଛି । ଆମର ଅର୍ଥନୀତି, ସାମାଜିକ ସ୍ଥିତି ବହୁ ମାତ୍ରାରେ ପ୍ରଭାବିତ ହେବା ସହ, ବଦଳିବାରେ ଲାଗିଛି ଆମର ଜୀବନ ଶୈଳୀ ଏବଂ ଖାଦ୍ୟପେୟ । ଏ କଥା ଆମେ ସ୍ୱୀକାର କରିବାକୁ ବାଧ୍ୟ । ଏଥିପାଇଁ ଆମେମାନେ ହିଁ ଦାୟୀ । କୁହାଯାଉଛି, ୧୮୦୦ ମସିହାରୁ ମାନବ କାର୍ଯ୍ୟକଳାପ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଇଆସୁଛି, ମୁଖ୍ୟତଃ କୋଇଲା, ତୈଳ ଏବଂ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନ ଜଳିବା ଏହାର ମୁଖ୍ୟ କାରଣ ଭାବରେ ଉଭା ହେଇଛି । ଶକ୍ତି, ଶିଳ୍ପ, ପରିବହନ, କୃଷି ଏବଂ ଜମି ବ୍ୟବହାର ଗ୍ରୀନ୍ ହାଉସ୍ ଗ୍ୟାସ୍ ସୃଷ୍ଟି କରୁଥିବା ମୁଖ୍ୟ କ୍ଷେତ୍ରଗୁଡିକ ମଧ୍ୟରେ ଅଛି । ଜଳବାୟୁ ପରିବର୍ତ୍ତନ ହେଉଛି ଆମର ସମୟର ପରିଭାଷିତ ପ୍ରସଙ୍ଗ ଏବଂ ଆମେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଅଛୁ । ପାଣିପାଗ ଢାଞ୍ଚା ବଦଳିବାରେ ଲାଗିଛି ଏବଂ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବୃଦ୍ଧିପାଉଛି । କୃଷି ପ୍ରଭାବିତ ହେବାରେ ଲାଗିଛି, ଯାହା ଭବିଷ୍ୟତରେ ଖାଦ୍ୟାଭାବ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି । ସ୍ୱାସ୍ଥ୍ୟ ପ୍ରଭାବିତ ହେବ । ମୋଟାମୋଟି ଭାବରେ, ଅର୍ଥନୀତି ସଂକୁଚିତ ହେବ । ବିଶ୍ୱର ଗତି କୁଆଡେ ? କଣ ହେବ ଆମର ସ୍ଥିତି ଓ ପରିସ୍ଥିତି ? ମାନବ ସମାଜ, ଜୀବଜଗତ, ବୃକ୍ଷଲତା, ଜଳସ୍ଥଳ, ସବୁକିଛି ଏବେ ଅବକ୍ଷୟ ଆଡକୁ ଗତିକରୁଛି । ଏହାକୁ ନେଇ ହୁଏତ, ଆମ ସମସ୍ତଙ୍କ ମଧ୍ୟରେ, ସେତିକି ସଚେତନତା ଆସି ପାରିନାହିଁ । ତା'ର କାରଣ ହେଉଛି, ଆମେ କେବଳ ଆଜି କଥା ଚିନ୍ତା କରୁଛେ ଏବଂ ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ, ଭବିଷ୍ୟତ କଥା ଭୁଲିଯାଉଛେ । ଆମେ ସମସ୍ତେ ବିଶ୍ୱ, ଦେଶ, ରାଜ୍ୟ, ଅଞ୍ଚଳ, ସମାଜର ଭବିଷ୍ୟତ ଅପେକ୍ଷା ଆମର ବର୍ତ୍ତମାନକୁ ନେଇ ଅଧିକ ଚିନ୍ତା କରିଥାଉ । ପରପିଢ଼ି କେମିତି ଭଲରେ ରହିବେ, ଭଲ ରୋଜଗାର କରିବେ, ଭଲରେ ଚଳିବେ, ସେମାନଙ୍କର ଦେହପା' ଭଲ ରହିବ, ସେ ନେଇ ଆମର ଅନେକ ଚିନ୍ତା, ଅନେକ ଯୋଜନା । କିନ୍ତୁ ଯୋଜନା ଫଳପ୍ରଦ ହେବନାହିଁ, ଯେ'ପର୍ଯ୍ୟନ୍ତ ଆମେ ଭବିଷ୍ୟତର ସବୁଠାରୁ ବଡ ସମସ୍ୟାକୁ ନେଇ ବିଚାର ନ କରିବା । ଭବିଷ୍ୟତର ଅର୍ଥନୀତି, ସାମାଜିକ ସ୍ଥିତି ସବୁକିଛି ନିର୍ଭର କରେ, ଆମର ଜଳବାୟୁ ଉପରେ । କିନ୍ତୁ ଏହାକୁ ନେଇ ଆମର ଚିନ୍ତା ନାହିଁ, ନିଘା ନାହିଁ । ଯେଉଁ ଅନୁସାରେ, ଜଳବାୟୁ ପରିବର୍ତ୍ତନ ହେଇଚାଲିଛି, ସେ ଅନୁସାରେ, ଆମେ ନିଜକୁ ପ୍ରସ୍ତୁତ କରିପାରୁନାହୁଁ । ପ୍ରତିକାର କଥା ଚିନ୍ତା କରୁଛେ, କିନ୍ତୁ ଅପେକ୍ଷାକୃତ କମ୍ ଗତିରେ କାର୍ଯ୍ୟ କରୁଛେ । ଜଳ, ସ୍ଥଳ, ବାୟୁ ହିଁ ଆମ ପାଇଁ ସବୁକିଛି, କିନ୍ତୁ ସବୁ ଅବକ୍ଷୟମୁଖି । ଜଳବାୟୁ ପରିବର୍ତ୍ତନ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ ଆହ୍ୱାନ । ଏହା ଜଟିଳ ଏବଂ ଏକାଧିକ ଉପାୟରେ ମାନବ ସମାଜକୁ ବ୍ୟାପକ ଭାବରେ ପ୍ରଭାବିତ କରିବାକୁ ଯାଉଛି । ମାନବ ସମାଜ ଚାହିଁଲେ ହିଁ ଏହାର ସମାଧାନ କରାଯାଇ ପାରିବ । ଜଳବାୟୁ ପ୍ରତି ଆମେ ଅନ୍ୟାୟ କରିଚାଲିଛେ, ଯାହାର ପ୍ରଭାବ ଆମକୁ ଭୋଗିବାକୁ ପଡିବ, ତେଣୁ ଜାଣତରେ ହେଉ ବା ଅଜାଣତରେ ହେଉ, ଆମେ କରୁଥିବା ଅନ୍ୟାୟ ପ୍ରତି ଆମେ ସଚେତନ ହେବାର ଆବଶ୍ୟକତା ରହିଛି । ଏହି ସମସ୍ୟାରେ ଅଧିକ ଯୋଗଦାନ ଦେଉଥିବା ରାଷ୍ଟ୍ରଗୁଡ଼ିକ କମ୍ ପ୍ରଭାବିତ ହେଉଥିବାବେଳେ, ଯେଉଁମାନେ କମ୍ ଦାୟୀ, ସେମାନେ ପ୍ରାୟତଃ ଅଧିକ ପ୍ରଭାବିତ ହୁଅନ୍ତି । ଜଳବାୟୁ ପରିବର୍ତ୍ତନ ସହିତ ବିପର୍ଯ୍ୟୟ ଏବଂ ଆଭ୍ୟନ୍ତରୀଣ ବିସ୍ଥାପନର ଆଶଙ୍କା ବଢିଥାଏ, ଯାହା ଅସମାନତା ଓ ଦାରିଦ୍ର୍ୟକୁ ବଢାଇବାରେ ସହାୟକ ହେଇଥାଏ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ଥାପନର ଏହା ଗୋଟିଏ ପ୍ରମୁଖ କାରଣ ଭାବରେ ଉଭାହେଇଛି । ପରିବେଶ ସ୍ତରରେ ପ୍ରକୃତି / ପୋଷଣର ବିନାଶ କିମ୍ବା ବିଚ୍ଛିନ୍ନତା ଅଧିକ ଦୃଶ୍ୟମାନ ହୁଏ, ପ୍ରାକୃତିକ ସମ୍ପଦର ଉପଲବ୍ଧତା ଏବଂ ହ୍ରାସ ଉପରେ ଦୃଢ ପ୍ରଭାବ ପକାଇଥାଏ । ଏହାର ପ୍ରଭାବରେ ସାମାଜିକ ବ୍ୟବସ୍ଥା ମଧ୍ୟ ଭୁଶୁଡି ଯିବାର ସମ୍ଭାବନା ଥାଏ ଏବଂ ଗୃହ, ଖାଦ୍ୟାଭାବ, ଅର୍ଥନୈତିକ କ୍ଷତି, କ୍ଷୁଧା ଏବଂ ଜନ ସ୍ୱାସ୍ଥ୍ୟ ବିପର୍ଯ୍ୟୟକୁ ବଢ଼ାଇଥାଏ । ପରୋକ୍ଷରେ, ଜଳବାୟୁ ପରିବର୍ତ୍ତନ, ସାଂସ୍କୃତିକ ସମ୍ପୃକ୍ତି ଏବଂ ବ୍ୟକ୍ତିଗତ ଓ ସାମୂହିକ ପରିଚୟକୁ ନଷ୍ଟ କରିଥାଏ । ଅଧିକନ୍ତୁ, ଜଳବାୟୁ ପରିବର୍ତ୍ତନ ମାନବ କଲ୍ୟାଣ ଉପରେ ବ୍ୟାପକ ପ୍ରଭାବ ପକାଇବ, ଯାହା ସାମାଜିକ ଗଠନ ଏବଂ ଜୀବନଶୈଳୀ ଉପରେ ପ୍ରତିଫଳିତ ହେବ । ତେଣୁ ଆମର ଦୈନନ୍ଦିନ ସମସ୍ୟା ଅପେକ୍ଷା, ଏହା ଗୋଟିଏ ବଡ ସମସ୍ୟା ଭାବରେ ଉଭା ହେବାରେ ଲାଗିଛି । ତାପମାତ୍ରା ବଢ଼ିବାରେ ଲାଗିଛି, ସମୁଦ୍ର ପତ୍ତନ ବୃଦ୍ଧି ପାଉଛି, ଅନ୍ୟାନ୍ୟ ପ୍ରକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି, ତେଣୁ ଭବିଷ୍ୟତ ପିଢ଼ି କେତେ ସୁରକ୍ଷିତ, ତାହା ଆମେ ଅନୁମାନ କରିପାରିବା । ଅନୁସନ୍ଧାନରୁ ଜଣାପଡିଛି ଯେ ସମୁଦ୍ର ପତ୍ତନ ବୃଦ୍ଧି ଆଜି ସମଗ୍ର ବିଶ୍ୱରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟ ଏବଂ ତଳିଆ ଅଞ୍ଚଳରେ ଥିବା ଦ୍ୱୀପପୁଞ୍ଜ ଦେଶର ଜୀବନ ଏବଂ ଜୀବିକା ଉପରେ ପ୍ରଭାବ ପକାଉଛି ଏବଂ ଏହା କ୍ରମେ ବଢ଼ିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ସବୁଠାରୁ ବଡ ପଦକ୍ଷେପ ହେଉଛି, ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ହ୍ରାସ କରିବା । ମିଳିତ ଜାତିସଂଘ ଅନୁଯାୟୀ ଆମେ ବ୍ୟବହାର କରୁଥିବା, କାଠ, ତୈଳ ଏବଂ ପ୍ରାକୃତିକ ଗ୍ୟାସ ଆଦି ପୃଥିବୀର ଉତ୍ତାପ ସୃଷ୍ଟି କରୁଥିବା ଅଧିକାଂଶ ନିର୍ଗମନ ପାଇଁ ଦାୟୀ- ୭୫ ପ୍ରତିଶତରୁ ଅଧିକ । ଅକ୍ଷୟ ଶକ୍ତିକୁ ସବୁ କ୍ଷେତ୍ରରେ ଏବଂ ବହୁଳ ଭାବରେ ବ୍ୟବହାର କରିବାକୁ ପଡିବ । ଖୁସିର କଥା, ଟେକ୍ନୋଲୋଜିର ଉନ୍ନତି ଏବଂ ଉତ୍ପାଦନ ଖର୍ଚ୍ଚ ହ୍ରାସ ହେତୁ ସ୍ୱଚ୍ଛ ଶକ୍ତି ବ୍ୟବହାର ବଢ଼ିବାରେ ଲାଗିଛି । ଦକ୍ଷତା ହେଉଛି ଆମର ସର୍ବବୃହତ୍ ଶକ୍ତି ଉତ୍ସ । ବିଗତ ୪୦ ବର୍ଷ ମଧ୍ୟରେ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି କରିଥିବାରୁ ଆମେ ସମାନ କାମପାଇଁ କମ୍ ପରିମାଣର ଶକ୍ତି ବ୍ୟବହାର କରୁଛୁ ଏବଂ ଏ ଦିଗରେ ଆମର ଜ୍ଞାନକୌଶଳ ଆହୁରି ଉନ୍ନତ ହେବାର ଆବଶ୍ୟକତା ରହିଛି । ଶକ୍ତି ଦକ୍ଷତା ରଣନୀତି ଏକାଧିକ ସେକ୍ଟରରେ ପ୍ରୟୋଗ ହୋଇପାରିବ: ଆମର ପାୱାର ପ୍ଲାଣ୍ଟ, ବୈଦ୍ୟୁତିକ ଗ୍ରୀଡ୍, କାରଖାନା, ଯାନ, କୋଠା, ଘର ଉପକରଣ, ସବୁଠି । ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇରେ ଜୈବ ଇନ୍ଧନରୁ ସ୍ୱଚ୍ଛ ଶକ୍ତିକୁ ସ୍ଥାନାନ୍ତର ହେଉଛି ଚାବିକାଠି । ଅକ୍ଷୟ ଶକ୍ତିର ଉତ୍ସ ଯଥା, ସୌର ଶକ୍ତି, ପବନ ଶକ୍ତି, ଜିଓଥର୍ମାଲ ଓ ଜଳ ବିଦ୍ୟୁତ ଶକ୍ତି, ବାୟୋମାସ୍ ଶକ୍ତିର ବହୁଳ ଉତ୍ପାଦନ ଏବଂ ବ୍ୟବହାରକୁ ଆମେ ତ୍ୱରାନ୍ୱିତ କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ



ପ୍ରଫେସର ଡାକ୍ତର
ଉମେଶ ଚନ୍ଦ୍ର ପାତ୍ର

ସ୍ୱପ୍ନ ଆମେ ଦେଖୁ । ସ୍ୱପ୍ନ ଦେଖିବା ଆମ ଅଧିକାର । ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ । ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ । ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ, ତାକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର । ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ । ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି । କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ । ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର । ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି । ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ । ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ । ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ । ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି । ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି । ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ । ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି ।

ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ । ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା । ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି । ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ । ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର ।

ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା' ହେଲେ ବିଚଳିତ ହୋଇଯାଉ । ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ । ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗ୍‌ବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ । ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ । କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ । ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ । ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ । ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ । ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର । ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚିତ ଭାବେ ସାକାର ହେବ । ଏତେ ସପନକୁ ରାତି କାହିଁ । ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତା'ହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ । ତେବେ ଏଥିରେ କାତର ହେବ ଉଚିତ ନୁହେଁ ।

ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ । କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ । ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ ଥାଏ । ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ ଚାହିଁଥାଏ । ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ । ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ । ଘର ଆଗରେ ଥୁଆ ହେଉ ଚକ ଚକ ଚାରିଚକିଆ ଗାଡି । ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା ।

କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି । ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି । ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି । କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ, ସେଥିପାଇଁ ଚେଷ୍ଟା କରାଯିବ । ସ୍ୱପ୍ନର ଆକାର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି-ବ୍ୟକ୍ତି ବିଶେଷରେ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଃଶ୍ୱାସୀ ହୋଇ । ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ । କିନ୍ତୁ ଲୋକେ ଧନୀ ହେବାର, ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଆମେ ଅନେକେ ପ୍ରାୟ ଦେଖି ଚାଲନ୍ତି । ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତି । ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି । କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁସୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ । କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ, ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ । ଯେତେବେଳେ ସାରାଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ ।

ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ । ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ । ତେବେ ମହାନ ବୈଜ୍ଞାନିକ 'ମିଜାଇଲ ମ୍ୟାନ' ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ୍ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ । ଡକ୍ଟର କଲାମଙ୍କ ମତରେ, 'ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ ।

ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ ।' ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ । ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ ।

ସହ ପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ-୯୪୩୭୦୫୧୯୫୭

# ମନେ ପଡ଼ିବେ ଭାରତର 'ରତନ'

ଇଂ. ପ୍ରଭାତ କୁମାର ଭୂୟାଁ

ଆଉ ନାହାନ୍ତି ଘରେ ଘରେ ପରିଚିତ ଟାଟା ବ୍ରାଣ୍ଡର ମଙ୍ଗୁଆଳ ରତନ ଟାଟା, ଯିଏକି ବ୍ୟବସାୟ ସହିତ ଲୋକଙ୍କ ଦୁଃଖ ବି ବୁଝୁଥିଲେ । ସେମାନଙ୍କ ପାଇଁ ସହାୟତାର ହାତ ବଢ଼ାଉଥିଲେ । ଟାଟାକୁ ଗ୍ଲୋବାଲ ବ୍ରାଣ୍ଡ ଭାବେ ଗଢ଼ି ତୋଳିଥିବା ରତନ ଦୁନିଆରୁ ବିଦାୟ ନେଇଛନ୍ତି । ସେ ଚାଲିଯାଇଛନ୍ତି କିନ୍ତୁ ଛାଡ଼ି ଯାଇଛନ୍ତି ଅନେକ ସଫଳତା ଆଉ ଉପଲବ୍ଧି । ଭାରତର ରତ୍ନ ରତନ ଟାଟାଙ୍କ ଉଦାରତା ସବୁବେଳେ ମନେ ପଡ଼ିବ । ଖାଲି ଦେଶ ମଧ୍ୟରେ ସୀମିତ ନଥିଲା ତାଙ୍କର ଚମକ, ବିଶ୍ୱର କୋଣ ଅନୁକୋଣରେ ନିଜ ବ୍ୟକ୍ତିତ୍ୱର ଛାପ ଛାଡ଼ିଛନ୍ତି ସେ ।

ଖାଲି ଲାଭ ନୁହେଁ, ଲାଭ ଠାରୁ ବାହାରେ ଥିଲା ରତନ ଟାଟାଙ୍କ ଦୂରଦୃଷ୍ଟି । ସାମାଜିକ ଦାୟିତ୍ୱ ଏବଂ ନିରନ୍ତରତା ନେଇ ସେ ଥିଲେ ଅଙ୍ଗୀକାରବଦ୍ଧ । ଅତି ମାତ୍ରାରେ ଆୟକୁ ଦାନ ଆକାରରେ ପ୍ରଦାନ କରୁଥିଲେ ସେ । ତାଙ୍କ ଫାଉଣ୍ଡେସନ ଟାଟା ଟ୍ରଷ୍ଟ ଭାରତର ଅନ୍ୟତମ ବୃହତ୍ ଦାତବ୍ୟ ସଂସ୍ଥା । ଛାତ୍ରଛାତ୍ରୀଙ୍କ ଶିକ୍ଷାବୃତ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମୀଣ ବିକାଶ ଏବଂ ନିରନ୍ତର ଜୀବନଶୈଳୀ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପକୁ ସହାୟତା ଲାଗି ଏହି ସଂସ୍ଥା ଟେକ୍ନୋଲୋଜି ସେଣ୍ଟରମାନ ସ୍ଥାପନ କରିଛି । କରୋନା ମହାମାରୀ ବେଳେ ସେ କୋଟି କୋଟି ଟଙ୍କା ଦାନ କରିଥିଲେ । ନିଜ ଆଲମା ମାଟର ହାର୍ଭାଡ଼ ବିଜନେସ ସ୍କୁଲକୁ ଏକ ଏକଜିକ୍ୟୁଟିଭ ସେଣ୍ଟର ନିର୍ମାଣ କରିବାକୁ ଦେଇଥିଲେ ପ୍ରାୟ ୫ କୋଟି ଡଲାର । ଟାଟା ଟ୍ରଷ୍ଟ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏବଂ ବିଭିନ୍ନ ଆଇଆଇଆଇଏମ୍ କ୍ୟାମ୍ପସଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛି । ମୁମ୍ବାଇରେ ୨୬/୧୧ ହମଲା ପରେ ରତନ ଟାଟା ତାଜ ପବ୍ଲିକ ସର୍ଭିସ ୱେଲଫେୟାର ଟ୍ରଷ୍ଟ ଗଠନ କରିଥିଲେ, ଯାହା ପ୍ରଭାବିତ ବ୍ୟକ୍ତିବିଶେଷ ଏବଂ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିଲେ ।

ଦେଶରେ ମାତ୍ର କେତେ ଜଣ ଉଦ୍ୟୋଗୀ ଥିବେ ଯେଉଁମାନେ ଦେଶ ପାଇଁ ବଞ୍ଚିଥିବେ ନିଜ ପାଇଁ ନୁହେଁ । ଦେଶ ତଥା ଦେଶବାସୀଙ୍କ ଉନ୍ନତି ଓ ଅଗ୍ରଗତି ପାଇଁ ଯୋଗଦାନ ଦେଉଥିବେ । ଦେଶବାସୀଙ୍କୁ ନିମ୍ନ ସ୍ତରରୁ ଉଠାଇ ସମାଜର ମୁଖ୍ୟସ୍ରୋତରେ ନେବା ପାଇଁ ଆଗତୁର ଥିବେ । ସେହିଭଳି ଜଣେ ଉଦ୍ୟୋଗପତି ଥିଲେ ରତନ ଟାଟା । ତାଙ୍କର ସଫଳତାର କାହାଣୀ ଭାରତୀୟ ଅର୍ଥନୀତିରେ ସ୍ପଷ୍ଟ ଦୃଶ୍ୟମାନ । ଅତି ଲାଜକୁଳା ସ୍ୱଭାବର ଥିବା ସେହି ପିଲାଟି ଯେ ଭବିଷ୍ୟତରେ ଟାଟାକୁ ଏକ ଗ୍ଲୋବାଲ ବ୍ରାଣ୍ଡ ଭାବେ ଗଢ଼ି ତୋଳିବ ତାହା କାହାକୁ ଜଣା ନଥିଲା । ଦୁଇ ଦଶନ୍ଧି ଧରି ଟାଟା ଗ୍ରୁପର ଅଧ୍ୟକ୍ଷ ପଦରେ ରହି ସେ ଦେଶର ଅର୍ଥନୀତିରେ ବଡ଼ ମୂଲ୍ୟ ଯୋଡ଼ିଥିଲେ । ଭାରତରେ କୋଣ ଅନୁକୋଣରେ ଟାଟାର ସେବା ଆଉ ସାମଗ୍ରୀ ଥିଲା । ଲୁଣଠାରୁ ଆରମ୍ଭ କରି ବିମାନ ସେବା ପର୍ଯ୍ୟନ୍ତ ସବୁଥିରେ ଟାଟା । ଆଉ ଏହା ପଛରେ ଯାହାର ବୃଦ୍ଧି ସେ ଥିଲେ ରତନ ଟାଟା । ବିବାଦ କେବେ ବି ତାଙ୍କ ରାସ୍ତାରେ ଆସିନଥିଲା । ବ୍ୟବସାୟ, ଚତୁରତା, ଦୂରଦୃଷ୍ଟି ଏବଂ ନିଜର ମଜଭୁତ କାର୍ଯ୍ୟ ନୀତିରୁ ସେ ନିଜ ପାରିବାରିକ ବ୍ୟବସାୟକୁ ଏକ ଅନ୍ତରାଷ୍ଟ୍ରୀୟ ସାମ୍ରାଜ୍ୟରେ ରୂପାନ୍ତର କରିଥିଲେ । ତାଙ୍କ କାର୍ଯ୍ୟକାଳରେ ଟାଟା ଗ୍ରୁପର ରାଜସ୍ୱ ହୋଇଥିଲା ବହୁଗୁଣା । ରତନ ଟାଟା ଏଭଳି ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ଭଳି ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ବ୍ୟବସାୟରେ ବଡ଼ ନାଁ ସହିତ ଜଣେ ଦାନବୀର ଭାବେ ସେ ପାଇଛନ୍ତି ପରିଚୟ । ଟାଟା ଷ୍ଟିଲ ଜରିଆରେ ସେ ବ୍ୟବସାୟରେ ପାଦ ରଖିଲେ ।

ଆରମ୍ଭରେ ଜଣେ କର୍ମଚାରୀ ଭାବେ ସେ ଏଥିରେ ଯୋଗ ଦେଇଥିଲେ ଏବଂ ଜାମସେଦପୁର ପ୍ଲାଣ୍ଟରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କଲେ ଏବଂ ବ୍ୟବସାୟକୁ ଆମୂଳଚୂଳ ଜାଣିଲେ । ଟାଟା ଗ୍ରୁପକୁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଗଢ଼ିବାରେ ରତନ ଟାଟାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଲୁଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଏଫଏମସିଜି ପ୍ରଡକ୍ଟ, ସଫ୍ଟୱେର, କାର୍, ହୋଟେଲ, କେମିକାଲ, ଇସ୍ପାତ ଏବଂ ବିମାନ ପର୍ଯ୍ୟନ୍ତ ବ୍ୟବସାୟର ଚେର ଲମ୍ବାଇ ସେ ଟାଟା ଗ୍ରୁପକୁ ଏକ ବିଶାଳ ଅଗ୍ରଦୂମ ଭାବେ ଛିଡ଼ା କରିଯାଇଛନ୍ତି । ତାଙ୍କର କିଛି ପ୍ରେରଣାଦାୟୀ କଥା ଆମେ ଉଲ୍ଲେଖ କରୁଛୁ ।

'ଲୁହାକୁ କେହି ନଷ୍ଟ କରିପାରେ ନାହିଁ । ଏହା କେବଳ ନିଜର କଳଙ୍କି ଦ୍ୱାରା ନଷ୍ଟ ହୁଏ । ଜଣେ ମଣିଷକୁ କେହି ଧ୍ୱଂସ କରିପାରିବ ନାହିଁ । ତାର ନିଜ ଚିନ୍ତାଧାରା ହିଁ ତାକୁ ବିପଥଗାମୀ କରେ । ଶକ୍ତି ଓ ସମ୍ପତ୍ତି ଭଳି ଦୁଇ ଦିଗ ମୋର ପ୍ରକୃତ ଅଂଶଧନ ନୁହେଁ । ଯଦି ଶୀଘ୍ର ଚାଲିବାକୁ ଚାହାଁନ୍ତି ଏକା ଚାଲନ୍ତୁ । ଯଦି ଦୀର୍ଘ ରାସ୍ତା ଚାଲିବାକୁ ଚାହାଁନ୍ତି ତେବେ ମିଳିତ ହୋଇ ଚାଲନ୍ତୁ । ଲୋକ ଆପଣଙ୍କୁ ମାରୁଥିବା ପଥରକୁ ସଂଗ୍ରହ କରନ୍ତୁ, ଏହାକୁ ନେଇ ଏକ ସ୍ମାରକୀ ବନାନ୍ତୁ । ଯେଉଁମାନେ ସଫଳ, ମୁଁ ତାଙ୍କୁ ବେଶ ପ୍ରଶଂସା କରେ । ମାତ୍ର ନିଷ୍ଠୁରତା ଦ୍ୱାରା ଯଦି ଏହି ସଫଳତା ପ୍ରାପ୍ତ କରାଯାଇଥାଏ, ତେବେ ଏହି ପ୍ରଶଂସା ସେତେଟା ରୁହେନି । ଦିନେ ଏୟା ନିଶ୍ଚିତ ଉପଲବ୍ଧି ହେବ ଯେ, ବସ୍ତୁବାଦୀ ହେବା କିଛି ଗୁରୁତ୍ୱ ରଖେନି । ତୁମ ପ୍ରିୟଜନଙ୍କ ଖୁସି ହିଁ ସବୁକିଛି । ସେହିମାନେ ହିଁ ସର୍ବୋତ୍ତମ ଲିଡ଼ର ଯେଉଁମାନେ ନିଜ ଚାରି ପାଖରେ ତାଙ୍କ ଠାରୁ ଅଧିକ ବୃଦ୍ଧିମାନ ସହଯୋଗୀ ରଖିଥାନ୍ତି । ମୁଁ କର୍ମ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ଉପରେ ବିଶ୍ୱାସ କରେନି । କର୍ମ ଓ ଜୀବନ ମଧ୍ୟରେ ସଂଯୋଗ ଉପରେ ମୋର ବିଶ୍ୱାସ । ଜୀବନ ଓ କର୍ମକୁ ଏଭଳି ପରିବର୍ତ୍ତନ ଏବଂ ଅର୍ଥପୂର୍ଣ୍ଣ ବନାନ୍ତୁ, ଯାହା ଉଭୟ ଉଭୟକୁ ସହଯୋଗ କରିବ । ସବୁଠାରୁ ବଡ଼ ରିସ୍କ ହେଉଛି ରିସ୍କ ନ ନେବା । ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ଯଦି ରିସ୍କ ନ ନେବା ତେବେ ଏହା ବିଫଳତା ଲାଗି ଗ୍ୟାରେଣ୍ଟି ହେବ । ଆହ୍ୱାନକୁ ସାମ୍ନା କରିବା ଲାଗି ନିରନ୍ତର ଲାଗି ରୁହନ୍ତୁ । ଏହା ସଫଳତା ଆଡ଼କୁ ମାର୍ଗ ପ୍ରସ୍ତୁତ କରେ । ଅନ୍ୟ ସହ କଥା ହେବାବେଳେ ଦୟା, କ୍ଷମା ଓ ଉଦାରଶୀଳତାର ଶକ୍ତିକୁ କେବେ ସର୍ବଦା ମନେ ରଖିବା ଉଚିତ । ସବୁବେଳେ ଏକ ଆରମ ଜୀବନ ମିଳିବନି । ସବୁ ସମସ୍ୟା ସବୁବେଳେ ସମାଧାନ କରି ହେବନି । ତେବେ ନିଜକୁ କେବେ ବି ହୀନ ଭାବିବା ଅନୁଚିତ । ଇତିହାସ ଏହା ଶିଖାଇଛି ଯେ, ଜୀବନରେ ସାହାସ ଏବଂ ଆଶା ଆମକୁ ଆଗକୁ ବଢ଼ାଇଥାଏ । ନେତୃତ୍ୱ ସର୍ବଦା ଉତ୍ତରଦାୟୀ ହେବାରେ ଥାଏ । ଭାରତର ଅସୀମ ସମ୍ଭାବନାକୁ ନେଇ ସର୍ବଦା ଆଶାବାଦୀ ଭାରତ ଏକ ମହାନ ଦେଶ । ଲୋକମାନେ ଏବେ ବି ଏୟା ବିଶ୍ୱାସ କରନ୍ତି ଯେ, ସେମାନେ ଯାହା କିଛି ବି ପଢୁଛନ୍ତି ତାହା ନିଶ୍ଚିତ ପକ୍ଷେ ସମ୍ପୂର୍ଣ୍ଣ ଭାବେ ସତ୍ୟ । ମୁଁ ଠିକ୍ ନିଷ୍ପତ୍ତି ନେବା ଉପରେ ବିଶ୍ୱାସ ରଖେନି । ମୁଁ ନିଷ୍ପତ୍ତି ନିଏ, ତାକୁ ଠିକ୍ କରି ଦେଖାଏ । ମୁଁ ଏଭଳି ଜଣେ ବ୍ୟକ୍ତିଙ୍କୁ ଅନୁସରଣ କରୁଛି ଯାହାଙ୍କ ଜୋତା ବହୁତ ବଡ଼ । ସେ ବହୁତ ବଡ଼ ଐତିହ୍ୟ ଛାଡ଼ି ଯାଇଛନ୍ତି । ମୁଁ କେବଳ ତାକୁ ଅନୁସରଣ କରୁଛି । ମୋତେ କେତେ ସମାଲୋଚନା କଲେ ଟାଟା ମୋଟର୍ସ ଏବଂ ଟାଟା ଷ୍ଟିଲରେ ଅଂଶଧନରେ ମୁଁ କେବେ ଅଂଶଧନ ବିକିବି ନାହିଁ ।'

ତାଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହେବ ଏବଂ ସେ ଆମ ହୃଦୟରେ ବଞ୍ଚି ରହିବେ । ଶିଳ୍ପ ପରିଦୃଶ୍ୟ ଠାରୁ ଆଗକୁ ଯାଇ ସେ ଆରମ୍ଭ କରିଥିବା ପ୍ରତ୍ୟେକଟି କାର୍ଯ୍ୟ ଭାରତୀୟଙ୍କ ଜୀବନକୁ ସମୃଦ୍ଧ କରିଛି । ତାଙ୍କ ଦର୍ଶନ, ନମ୍ରତା ଓ କରୁଣା ଶିଳ୍ପ ଓ ଜୀବନକୁ ସମାନ ଭାବରେ ବଦଳାଇ ଦେଇଥିଲା । ତାଙ୍କ ପରମ୍ପରା ନୂଆ ପିଢ଼ିକୁ ପ୍ରେରଣା ଯୋଗାଇବ । ରତନ ଟାଟାଙ୍କ ଦୂରଦର୍ଶୀ ନେତୃତ୍ୱ କେବଳ ଟାଟା ଗ୍ରୁପକୁ ଆକାର ଦେଇନାହିଁ ବରଂ ନୈତିକ ବ୍ୟବସାୟ ଅଭ୍ୟାସ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ମଧ୍ୟ ସ୍ଥାପିତ କରିଛି । ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛି । ତାଙ୍କଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର ।

ସହକାରୀ ଇଞ୍ଜିନିୟର, ଭିସା ଷ୍ଟିଲ,
କଳିଙ୍ଗନଗର, ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ,
ମୋ-୯୯୩୭୬୬୯୮୮୭

# ଶୁଦ୍ଧି ହିଁ ସିଦ୍ଧ

## ଅମୃତବାଣୀ

ଶୁଦ୍ଧି ବିନା ସିଦ୍ଧି ସମ୍ଭବ ନୁହେଁ । ସେଥିପାଇଁ ଦୈନନ୍ଦିନ ଜୀବନରେ ପବିତ୍ରତାର ବିଶେଷ ମହତ୍ତ୍ୱ ରହିଛି । ସାଧନାର ପ୍ରଥମ ପାହାଚ ଶୁଦ୍ଧି, ଅର୍ଥାତ୍ ସଂଯମତା ଓ ନିୟମକୁ ଅନୁସରଣ କରିବା ହିଁ ଶୁଦ୍ଧି । ଜୀବନ ଯେତେ ପବିତ୍ର ହେବ, ଜୀବନର ଉତ୍କର୍ଷତା ସେତେ ଅଧିକ ହେବ । ଶୁଦ୍ଧିର ଅର୍ଥ କେବଳ ଶରୀର ନୁହେଁ, ମନ, ଆତ୍ମା ଓ ଭାବ-ବିଚାର ସହିତ ଆମର ଅନ୍ତଃକରଣ ଶୁଦ୍ଧ ପବିତ୍ର ହେବା ଉଚିତ । ଶୁଦ୍ଧିକରଣ ସମାନତାରୁ ପ୍ରାରମ୍ଭ । ଏହାରି ମାଧ୍ୟମରେ ବ୍ୟକ୍ତି ଧୀରେ ଧୀରେ ଅଜ୍ଞାନ ଅନ୍ଧକାର ରୂପକ ଆବରଣକୁ ଦୂର କରିଥାଏ । ଏହି ଶୁଦ୍ଧି ଯୋଗୁଁ ମନରେ ଶାନ୍ତି, ଚିତ୍ତରେ ସ୍ଥିରତା ଓ ପ୍ରାଣରେ ଏକାଗ୍ରତା ଓ ହୃଦୟରେ ତନ୍ମୟତା ଭାବ ସୃଷ୍ଟି ହୋଇଥାଏ । ଆନନ୍ଦର ଅବରୋହଣ ସେତେବେଳେ ସମ୍ଭବ, ଯେତେବେଳେ ଶୁଦ୍ଧି ଦ୍ୱାରା ଆତ୍ମା ବିଭିନ୍ନ କାମନା ବାସନା ଆକର୍ଷଣରୁ ମୁକ୍ତି ପାଏ ।



ସିଦ୍ଧିପ୍ରାପ୍ତି ପୂର୍ବରୁ ପ୍ରାରମ୍ଭିକ ଅବସ୍ଥା ଶୁଦ୍ଧି । ଶୁଦ୍ଧ ଭାବନା ରଖୁଥିବା ବ୍ୟକ୍ତି ହିଁ ଭଗବାନଙ୍କ ପ୍ରିୟ । ତାଙ୍କର ପୂଜା-ଅର୍ଚ୍ଚନା, ପ୍ରାର୍ଥନା ଓ ପବିତ୍ରତାରେ ବିଶେଷ ମହତ୍ତ୍ୱ ରହିଛି । ଆଚାର-ବିଚାର ସହିତ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ... ଯଥା ବ୍ୟବସାୟ ଏବଂ ଚାକିରିରେ ଅର୍ଥ କାରବାରରେ ମଧ୍ୟ...ସଚ୍ଚୋଟତା ଏବଂ କର୍ତ୍ତବ୍ୟପରାୟଣତା ପ୍ରତି ନିଷ୍ଠା ଏକାଗ୍ରତା ଶୁଦ୍ଧତା ଶ୍ରେଣୀରେ ଆସିଥାଏ । ଜଣେ ବ୍ୟକ୍ତି ଯେ କୌଣସି କ୍ଷେତ୍ରରେ କାମ କରୁଥିଲେ ମଧ୍ୟ ପବିତ୍ରତା ପ୍ରତି ଧ୍ୟାନ ଦେଇପାରିବ । ଆମର ଦୈନନ୍ଦିନ ଜୀବନଶୈଳୀରେ ଶୁଦ୍ଧତା ରଖିବା ଦ୍ୱାରା ଆମେ କେବଳ ଆମର ବୌଦ୍ଧିକ ସ୍ତରରେ ଉନ୍ନତି ଆଣିପାରିବା ତା ନୁହେଁ, ବରଂ ଆମେ ନିଜେ ଖୁସି ରହିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସେହି ମାର୍ଗରେ ପ୍ରଭାବିତ କରି ପାରିବା ।

ଶୁଦ୍ଧତା ହିଁ ଜୀବନର ମୌଳିକ ଆଧାର । ଆଜି ସମାଜରେ ଯେଉଁ ନୈତିକ ଅବକ୍ଷୟ ଘଟୁଛି, ତାହାର ଏକ ପ୍ରମୁଖ କାରଣ ହେଉଛି ସଚ୍ଚୋଟତା ପ୍ରତି ଧ୍ୟାନ ନଦେବା ।

ଜଣେ ବ୍ୟକ୍ତି ପବିତ୍ରତା ଦିଗରେ ପାଦ ଥାପିବା ମାତ୍ରେ ତା'ର ଚିନ୍ତାଧାରାରେ ଉନ୍ନତି ହେବା ସହିତ, ତା'ର ଭୌତିକ ବିକାଶ ଆଧାତ୍ମିକ ବିକାଶ ମଧ୍ୟ ଘଟିଥାଏ । ଏପରି ବ୍ୟକ୍ତିଙ୍କ ପ୍ରତି ଅନ୍ୟ ଲୋକମାନେ ମଧ୍ୟ ଶ୍ରଦ୍ଧା ଓ ଆସ୍ଥା ଭାଜନ ହୁଅନ୍ତି । ଏହି ଦେଶରେ ମହାପୁରୁଷ ଓ ଋଷିମାନେ ଯାହା ବି କରିଛନ୍ତି, ତାହା ସେମାନଙ୍କର ଆଧାତ୍ମିକ ସାଧନା ଓ ଶୁଦ୍ଧତା ଦ୍ୱାରା ହିଁ ସମ୍ଭବପର ହୋଇ ପାରିଛି । ସେମାନେ ଆମ ପ୍ରାଚୀନ ଓ ଆଧୁନିକ ଭାରତର ପ୍ରେରଣାର ସ୍ରୋତ । ସତ କଥା କହିବାକୁ ଗଲେ, ପବିତ୍ରତା ବିନା ମନୁଷ୍ୟ ଜୀବନର କଲ୍ୟାଣ ସମ୍ଭବ ନୁହେଁ... ।

ଲଳିତ ମୋହନ ମିଶ୍ର,
ନୟାଗଡ଼, ମୋ-୯୪୩୭୯୮୫୮୬୬

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ରେଡିଓ ସମ୍ପର୍କ ପକ୍ଷରୁ କରାଯାଉଛି ବାତ୍ୟା ସମ୍ବନ୍ଧୀୟ ସୂଚନାର ପ୍ରସାରଣ

ଭୁବନେଶ୍ୱର (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ଦାନା କୁ ଦୃଷ୍ଟରେ ରଖି କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକରେ ଥିବା ରେଡିଓ ସମ୍ପର୍କ ୮୯.୬, ମୁରୁଦାବାଦ ପକ୍ଷରୁ ଲଗାତର ଭାବେ ପ୍ରସାର କରାଯାଉଛି ବାତ୍ୟା ସମ୍ବଧୀୟ ସୂଚନା ଓ ସଚେତନତା ମୂଳକ ବାର୍ତ୍ତା । ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ, ଓଡିଶାରୁ ନିୟମିତ ବ୍ୟବଧାନରେ ଖବର ସଂଗ୍ରହ କରାଯାଇ ରେଡିଓରେ ପ୍ରସାରିତ କରାଯାଉଛି । ପାଣିପାଗ ବିଭାଗର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତିଙ୍କର ସାକ୍ଷତକାରକୁ ମଧ ଏଥିରେ ପ୍ରସାରିତ କରାଯାଉଛୁ । ସେମାନେ ଲୋକମାନଙ୍କୁ ଭୟଭୀତ ନହୋଇ ଖାଦ୍ୟ, ପାଣି, ଔଷଧ, ଫ୍ଲାସ ଲାଇଟ ଆଦି ପ୍ରସ୍ତୁତକରୀ ରଖିବା, ବାହାରକୁ ନବାହାରିବା, ମୋବାଇଲ ଓ ଏଲେକ୍ଟ୍ରୋନିକ ଜିନିଷକୁ ଚାର୍ଜ କରି ରଖିବା, ଘର ସୁରକ୍ଷିତ ନଥିଲେ ବାତ୍ୟା ଆଶ୍ରୟସ୍ଥଳୀ ବା ସୁରକ୍ଷିତ ସ୍ଥାନକୁ ଯିବା ଓ ଶିଶୁ, ବୃଦ୍ଧ, ରୋଗୀ ମାନଙ୍କ ସୁରକ୍ଷିତକୁ ସୁନିଶ୍ଚିତ କରାଇବା, ବିଭିନ୍ନ ଜରୁରୀ କାଳୀନ ନମ୍ବର ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରାଯାଉଛି । ଏଥିସହିତ ବାତ୍ୟା ପାଇଁ ଲୋକମାନେ କିପରି ପ୍ରସ୍ତୁତ ହେବେ ତା ସମ୍ବନ୍ଧରେ ମଧ ସୂଚନା ପ୍ରସାରଣ କରାଯାଉଛି । ନ୍ୟାରୋକାଷ୍ଟ ମଧ୍ୟମରେ ମଧ ଏହି ସୂଚନାକୁ ବିଭିନ୍ନ ଗାଁର ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ରେଡିଓ ସମ୍ପର୍କ ଟିମ ।




# ନଡପୁର ଜଙ୍ଗଲରେ ଛତୁ ଗୋଟାଇବାକୁ ଯାଇ ବୃଦ୍ଧ ନିଖୋଜ

ବେତନଟୀ ( ସବ୍ୟୁ)– ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଉପକଣ୍ଠ ନୂଆଗାଁ ଗ୍ରାମର ଜନୈକ ବୃଦ୍ଧ ବ୍ୟକ୍ତି ଗତକାଲି ଠାରୁ ପାଖ ଜଙ୍ଗଲକୁ ଛତୁ କୁାଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତ । କିଛିଦିନ ଧରି ଉକ୍ତ ଜଙ୍ଗଲରେ ଗୋଟେ ବଣୁଆ ଦନ୍ତା ହାତୀ ବିଚରଣ କରୁଥିବାରୁ ବୃଦ୍ଧ ଜଣକ ହାତୀ ଆକ୍ରମଣର ଶିକାର ହୋଇଥିବା ନେଇ ସନ୍ଦେହ । ନୂଆଗାଁ ଗ୍ରାମର ସ୍ୱର୍ଗତଃ ଡାଉଲ ବେହେରାଙ୍କ ୫୪ବର୍ଷୀୟ ପୁଅ ଅନୁରୁଦ୍ଧ ବେହେରା । ଅନୁରୁଦ୍ଧ ବୁଧବାର ଭୋର ସକାଳୁ ଗାଁ ପାଖ ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇଥିଲା । ପରେ ଛତୁ କୁଢ଼ାଇ ଆଣି ଘରେ ରଖି ଖାଇପିଇ ସାରି ପୁଣି ଥରେ ଉକ୍ତ ଜଙ୍ଗଲକୁ ଛତୁ ଗୋଟାଇବାକୁ ଚାଲି ଯାଇଥିଲା । ହେଲେ ପରେ ଆଉ ଘରକୁ ଫେରିନଥିଲା । ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକ ବ୍ୟସ୍ତବିବ୍ରତ ହୋଇ ଏଣେତେଣେ ଖୋଜାଖୋଜି କରିଥିଲେ ବି ଅନୁରୁଦ୍ଧଙ୍କୁ ପାଇ ନଥିଲେ । ସୂଚନା ଅନୁଯାଇ କିଛିଦିନ ପୂର୍ବରୁ ଉକ୍ତ ଜଙ୍ଗଲକୁ ଏକ ଝାଡ଼ଖଣ୍ଡି ଦନ୍ତା ହାତୀ ପଶି ଆସିଥିଲା ଓ ସମୟ ସମୟରେ ଉତ୍ପାତ କରୁଥିଲା । ଯୋଉଁଥିପାଇଁ ସ୍ଥାନୀୟ ଲୋକ ଭୟଭୀତ ହୋଇ ରହୁଥିଲେ । ତେବେ ଅନୁରୁଦ୍ଧ ଜଙ୍ଗଲକୁ ଯାଇ ଗୋଟେ ଦିନ ବିତିଯାଇଥିଲେ ସୁଦ୍ଧା ଘରକୁ ନଫେରିବା ଯୋଗୁଁ ସେ କାଳେ ହାତୀ ଆକ୍ରମଣର ଶିକାର ହୋଇଥିବ ଏନେଇ ସନ୍ଦେହ ପ୍ରକଟ କରିଛନ୍ତି ପରିବାର ବର୍ଗଙ୍କ ସମେତ ସ୍ଥାନୀୟ ଲୋକ । ତେବେ ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲ ଭିତରେ ଖୋଜାଖୋଜି ଆରମ୍ଭ କରିଛନ୍ତି ।

### ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଅଚାନକ କଟକ ଗସ୍ତ

# ବିଭିନ୍ନ ଗୋଦାମରେ ଚଢ଼ାଉ, ୫ ଜଣଙ୍କୁ ତାଗିଦ ନୋଟିସ

କଟକ , (ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ସନ୍ଧ୍ୟାରେ ଅଚାନକ କଟକ ଗସ୍ତ କରିଛନ୍ତି । ସେଠାରେ ମାଲଗୋଦାମସ୍ଥିତ ବିଭିନ୍ନ ଗୋଦାମ ଏବଂ ଛତ୍ରବଜାର ଆଳୁ ଗୋଦାମରେ ଚଢ଼ାଉ କରି ଗଚ୍ଛିତ ସାମଗ୍ରୀର ସ୍ଥିତି ଯାଞ୍ଚ କରିଛନ୍ତି । ଏଠାରେ ପ୍ରଚୁର ପରିମାଣର ସାମଗ୍ରୀ ମହଜୁଦ ରହିଛି ଏବଂ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧି ନକରି ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ସହଯୋଗ କରିବାକୁ ଗୋଦାମ ମାଲିକ ଓ ବ୍ୟବସାୟୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି । ଏଥିସହ ଗୋଦାମ ଓ ଦୋକାନରେ ସାମଗ୍ରୀର ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାର ଖିଲାପ କରିଥିବା ୫ଟି ଗୋଦାମକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ନୋଟିସ ଜାରି ହୋଇଛି । ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ସହ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ବିଭାଗୀୟ ଅଧିକାରୀ ମାନେ ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି । ମନ୍ତ୍ରୀଙ୍କ ଆଜିର ଗସ୍ତ ସମୟରେ ଯୋଗାଣ ଅଧିକାରୀ ମାନେ ସାମିଲ ଥିଲେ ।



# ଅମରାବତୀ ଡ୍ରୋନ ସମ୍ମିଳନୀରେ ବିଜୟ ହାସଲ କଲା ବନଭିଏରୋ

ଭୁବନେଶ୍ୱର (ସବ୍ୟୁ) : ଅମରାବତୀ ଡ୍ରୋନ୍ ସମ୍ମିଳନୀ ଅବସରରେ ଆୟୋଜିତ ଭାରତର ଅନ୍ୟତମ ବୃହତମ ଡ୍ରୋନ ହ୍ୟାକାଥନରେ ଓଡ଼ିଶା ସ୍ଥିତ ବନଭିଏରୋ ବିଜୟ ହାସଲ କରିଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ ଏବଂ ସେମାନେ ଡ୍ରୋନ ପ୍ରଯୁକ୍ତିରେ ରହିଥିବା ଆହ୍ୱାନଗୁଡ଼ିକର ଅଭିନବ ସମାଧାନ ଉପସ୍ଥାପନ କରିଥିଲେ। ଆନ୍ଧ୍ରପ୍ରଦେଶ ଡ୍ରୋନ କର୍ପୋରେସନ ପକ୍ଷରୁ ଆୟୋଜିତ ଏହି ହ୍ୟାକାଥନର ଉଦ୍ଦେଶ୍ୟ ହେଉଛି ବିଭିନ୍ନ କ୍ଷେତ୍ରରେ ଡ୍ରୋନ ଭିତିକ ପ୍ରୟୋଗ ବିକାଶକୁ ପ୍ରୋତ୍ସାହିତ କରିବା। ପାରମ୍ପରିକ ପରିବହନ ସମସ୍ୟାର ସମ୍ମୁଖୀନ ହେଉଥିବା ଦୁର୍ଗମ ଏବଂ ପାହାଡ଼ିଆ ଅଂଚଳ ପାଇଁ ଡ୍ରୋନ୍ ବିତରଣ ସମାଧାନ ଉପରେ ଧ୍ୟାନ ଦେଇ ବନଭିଏରୋ ନିଜକୁ ଲୋକପ୍ରିୟ କରିପାରିଛି। ନିକଟରେ କମ୍ପାନି ଉମଲିଙ୍ଗ ଲା ପାସରେ ୧୯,୦୨୪ ଫୁଟ ଉଚ୍ଚତାରେ ୩୦ କେଜି ପେଲୋଡ଼ ବହନ କରିଥିବା ଏକ ହୋଭର ଉଡ଼ାଣ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ଭାରତୀୟ ସେନାକୁ ହେଭି-ଲିଫ୍ଟ ୟୁଏଭି ଯୋଗାଉଥିବା ଏକ ପ୍ରମୁଖ ଯୋଗାଣକାରୀ ଭାବରେ ବନଭିଏରୋ ଡ୍ରୋନ୍ ପ୍ରଯୁକ୍ତିର ସୀମାକୁ ନିର'ର ଭାବେ ଅତିକ୍ରମ କରିବା ଜାରି ରଖିଛି।




ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେମାନେ ଡ୍ରୋନ ଉଦ୍ଭାବନ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଅଗ୍ରଣୀ ହେବାର ଅଭିଳାଷ ଉପରେ ଆଲୋକପାତ କରିଥିଲେ। ସେମାନେ ଡ୍ରୋନ୍ ନିର୍ମାତାମାନଙ୍କୁ ନୂତନ ବ୍ୟବହାର ମାମଲା ଏବଂ ଚିନ୍ତାଧାରାର ପ୍ରମାଣ ପାଇଁ ରାଜ୍ୟକୁ ଏକ ପରୀକ୍ଷଣ ସ୍ଥଳ ଭାବରେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ୫,୫୦୦ ଡ୍ରୋନକୁ ନେଇ ଏକ ଡ୍ରୋନ୍ ଶୋ' ପ୍ରଦର୍ଶିତ କରାଯାଇଥିଲା ଯାହା ଡ୍ରୋନ୍ ଶିଳ୍ପରେ ସହଯୋଗ ଏବଂ ଅଭିନବତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ମିଳନୀର ମହତ୍ୱ ଉପରେ ଆଲୋକପାତ କରିଥିଲା। ହ୍ୟାକାଥନରେ ବନଭିଏରୋର ସଫଳତା ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ଲଜିଷ୍ଟିକ୍ ସମାଧାନକୁ ଆଗକୁ ବଢ଼ାଇବା ପାଇଁ ଏହାର ସମର୍ପଣକୁ ପ୍ରତିଫଳିତ କରୁଛି ଯାହା ଆନ୍ଧ୍ରପ୍ରଦେଶର ଡ୍ରୋନ୍ ଆଧାରିତ ଉଦ୍ଭାବନର କେନ୍ଦ୍ର ହେବାର ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି।

## କେଦାରେଶ୍ୱର ହାଇସ୍କୁଲରେ ବାତା ଆଶ୍ରୟସ୍ଥଳ

ଫୁଲନଖରା, (ସବୁ) : ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ଫୁଲନଖରା ଓ ଏହାର ଆଖପାଖ ଅଞ୍ଚଳରେ ଦିନ ତମାମ କୋହଲା ପାଗ ସହିତ ମଧମ ଧରଣର ବର୍ଷା ଲାଗି ରହିଛି। ଏହି କାରଣରୁ ଦୋକାନ ବଜାର ବନ୍ଦ ରହିଥିଲାବେଳେ ପେଟ୍ରୋଲ ପମ୍ପ ଓ ଅନାନ ଅତାବଶକ ସେବା ସଂସ୍ଥାରେ ଗ୍ରାହକମାନଙ୍କୁ ଦେଖିବାକୁ ମିଳିନଥିଲା। ବିଦୁତ ସରବରାହ ଗୁରୁତରଭାବେ ପ୍ରଭାବିତ ହୋଇଥିଲା। ଝଡ଼ ଆଶଙ୍କାରେ ଲୋକମାନେ ବାହରକୁ ବାହାରିବାକୁ ଭୟ କରୁଥିଲାବେଳେ ଚାଷୀମାନେ ଫସଲ ହାନୀ ନେଇ ଚିନ୍ତାରେ ରହିଛନ୍ତି। ତେବେ ଏହି ବାତ୍ୟା ଗୁରୁବାର ମଧ୍ୟ ରାତ୍ରୀରୁ ଅଧିକ ସକ୍ରିୟ ହେବାର ପୂର୍ବାନୁମାନ କରାଯାଉଥିବାରୁ ଅସଲ ରୂପରେଖ ଆସନ୍ତା କାଲି ଶୁକ୍ରବାର ଅନୁଭୂତ ହେବବୋଲି କୁହାଯାଉଛି। କୁରାଙ୍ଗଶାସନ ପଞ୍ଚାୟତ ଉମାପୁରଠାରେ ଥିବା କେଦାରେଶ୍ୱର ହାଇସ୍କୁଲକୁ ବାତା ଆଶ୍ରୟସ୍ଥଳଭାବେ ବ୍ୟବହାର କରାଯାଇଛି। ସେଠାରେ ଶତାଧିକ ଲୋକଙ୍କୁ ରଖାଯାଇ ରନ୍ଧା ଖାଦ ଯୋଗାଇଦେବାର ବବସ୍ଥା ହୋଇଛି। ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ ସତବ୍ରତ ଜେନା, ପୁଲିସ ଏଏସଆଇ ରଂଜନ ଭୋଳ ଆଶ୍ରୟ ନେଇଥିବା ଲୋକଙ୍କ ଅବସ୍ଥିତି ସମ୍ପର୍କରେ ତଦାରଖ କରୁଛନ୍ତି। ତେବେ ଅପରାହ୍ଣରୁ ପବନର ବେଗ ବୃଦ୍ଧି ପାଉଥିବାରୁ ଲୋକମାନେ ନାନା ପ୍ରକାର ଆଶଙ୍କା ମଧରେ ରହିଛନ୍ତି।

# ମହନ୍ତ ପଦ ବଜାୟ ରଖିଲେ ଦୟାନିଧି ସ୍ୱାଇଁ

କଟକ, (ସ୍ୱପ୍ର): ନୂଆପଡା ଗ୍ରାମ କମିଟିର ସାଧାରଣ ସଭା ଶ୍ରୀ ଶ୍ରୀ କୁଞ୍ଜବିହାରୀ ମନ୍ଦିର ପରିସରରେ ଗ୍ରାମର ଅଧିକାରୀ ଅମରେନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ଗ୍ରାମର ମୁରବୀ, ଯୁବକ ଓ ସଂକୀର୍ତନ ମଣ୍ଡଳୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାଧାରଣ ସଭାରେ ନୂଆପଡା ଗ୍ରାମର ମହନ୍ତ ଦୟାନିଧି ସ୍ୱାଇଁଙ୍କ ଉପରେ ପ୍ରଦତ୍ତ ଦରଖାସ୍ତ (ଅଭିଯୋଗ) ବିଷୟରେ ଆଲୋଚନା କରାଯାଇ, ଗ୍ରାମକମିଟି ଓ ଗ୍ରାମବାସୀବୃନ୍ଦ ଏହି ଅଭିଯୋଗର କୌଣସି ସତ୍ୟତା ନଥିବା ଅନୁଭବ କରିଥିଲେ। ଏଥିସହିତ କରିଥିବା ଅଭିଯୋଗକୁ ଭିତିହୀନ ବୋଲି ବର୍ଣ୍ଣନା କଲେ । ଏଣୁ ସଭାରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ତାଙ୍କୁ ପୂର୍ବପରି ଯେପରି ମହନ୍ତ ପଦ ମର୍ଯ୍ୟାଦାକୁ ବଜାୟ ରଖି ଠାକୁରଙ୍କର ସେବା କରୁଥିଲେ, ସେହିପରି ମହନ୍ତ ପଦରେ ରହି ସେବା କରିବା ପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ଗ୍ରାମର ମୂରବୀ ରୁଦ୍ର ନାରାୟଣ ପଶାୟତ, ମହେନ୍ଦ୍ର ମହାପାତ୍ର, ସନାତନ ବିଶ୍ୱାଳ, ଅଚ୍ୟୁତାନନ୍ଦ ପଶାୟତ, ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର ନାୟକ, ସମ୍ପାଦକ ତପନ କୁମାର ପଶାୟତ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଶାୟତ, ଉପସଭାପତି ରାଜେଶ କୁମାର ପଶାୟତ, ପୂଜାକମିଟିର ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀଧର ପଶାୟତ, ବିନୋଦ ଚନ୍ଦ୍ର ସାହୁ ଓ ଅନ୍ୟାନ୍ୟ ଉପଦେଷ୍ଟା ମଣ୍ଡଳୀଙ୍କ ସହ ଜୟ ମହାବୀର ରାମଲୀଳା ପ୍ରଚାର ସମିତିର ସମସ୍ତ କର୍ମକର୍ତ୍ତା, ସଂକୀର୍ତନ ମଣ୍ଡଳୀ ଓ ଗ୍ରାମର ମୂରବୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

### ପୂର୍ବତନ ବିଧାୟକଙ୍କ ଉଦ୍ୟମରେ

# ବାତ୍ୟା ସହାୟତା ପାଇଁ ଖୋଲିଲା ମଣ୍ଡପ, ଜାରି ହେଲା ନମ୍ବର



କଟକ, (ସ୍ୱପ୍ର): ବାତ୍ୟା ସମୟ ଯେତିକି ପାଖେଇ ଆସୁଛି, ମନ ଭିତରେ ଛନକା ବଢ଼ିବଢ଼ି ଚାଲିଛି । ବାତ୍ୟା 'ଦାନା'ର ମୁକାବିଲା କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲେ ମଧ ଗରିବ, ଅସହାୟ ଲୋକମାନେ କିଭଳି ବାତ୍ୟା ଦାଉରୁ ନିଜକୁ ରକ୍ଷା କରିପାରିବେ ସେ ଦିଗରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳ ଗୁରୁବାର ମହାନଦୀବିହାର ସ୍ଥିତ ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ବାତ୍ୟାର ମୁକାବିଲା ନିମନ୍ତେ ପୂର୍ବପ୍ରସ୍ତୁତି ନେଇ ଏକ ସଭାର ଅୟୋଜନ କରିଥିଲେ। ଦଳର ପ୍ରତ୍ୟେକ କର୍ମୀଙ୍କୁ ବୀର ସୈନିକ ଭଳି ଉଜାଗର ରହି ବାତ୍ୟାରେ ଅସହାୟ ଲୋକଙ୍କୁ ସହାୟତା ଯୋଗାଇଦେବା ନିମନ୍ତେ ପ୍ରେରଣା ଦେଇଥିଲେ । ଅସହାୟ ଲୋକଙ୍କ ପାଇଁ ସମସ୍ତ ପ୍ରକାରର ସହାୟତା ବ୍ୟବସ୍ଥା କରାଇବା ସହିତ ବାତ୍ୟା ଜନିତ ସହାୟତା ନମ୍ବର ମଧ ପ୍ରଦାନ କରିଥିଲେ । ଯେକୌଣସି ଲୋକ ୯୪୩୭୨୨୫୪୨୩, ୯୪୩୭୧୦୬୬୬୬, ୯୪୩୭୪୪୦୪୩୫ ଏବଂ ୯୮୫୩୦୮୬୧୦୧ ନମ୍ବରରେ ଯୋଗାଯୋଗ କରି ସହାୟତା ନେଇପାରିବେ ବୋଲି ପୂର୍ବତନ ବିଧାୟକ ଡଃ ବିଶ୍ୱାଳ କହିଥିଲେ । ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆର୍ଦଶରେ ଅନୁପ୍ରାଣୀତ ହୋଇ ସମାଜସେବୀ ସଞ୍ଜୟ ଜେନା ବାତ୍ୟା ଦାଉରୁ ଅସହାୟ ଲୋକମାନଙ୍କୁ ଆଶ୍ରୟ ଦେବା ନିମନ୍ତେ ରିଦ୍ଧି ସିଦ୍ଧି ମଣ୍ଡପକୁ ଖୋଲା ରଖିଛନ୍ତି । ଏଠାରେ ରହିବା ବ୍ୟତୀତ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବା । ଏଥିସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ-ବାତ୍ୟାଜନିତ ଟିକିନିଖି ଖବର ପ୍ରସାରଣ ନିମନ୍ତେ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ସହ ଇଣ୍ଟରନେଟ୍ ଓ ୱାଇ-ଫାଇର ବ୍ୟବସ୍ଥା କରାଯାଇଛି ବୋଲି ସମାଜସେବୀ ଶ୍ରୀ ଜେନା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ରାଜେନ୍ଦ୍ର ରଣା, କର୍ପୋରେଟର ଇଂ ସୁବ୍ରତ ଘଡାଇ, ତାପସ ମହାନ୍ତି, ସତ୍ୟ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ଇଂ ଆଶିଷ ସ୍ୱାଇଁ, ଏସସିବିର ପୂର୍ବତନ ଉପଦେଷ୍ଟା ଦିଲ୍ଲିପ ସାହୁ, ପବିତ୍ର ଭୂୟାଁ, ବିଭୁତି ସ୍ୱାଇଁ, ଅକ୍ଷୟ ପଣ୍ଡା, ହିମାଂଶୁ ଷଡ଼ଙ୍ଗୀ, କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନା, ରାଜ୍ୟ ଛାତ୍ର ଉପସଭାପତି ଭବାନୀ ଶଙ୍କର ଦାସ, ଜିଲ୍ଲା ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ, ଉପସଭାପତି ଅରୁଣ କୁମାର ରାଓ, ଚୌଦ୍ୱାର ଯୁବ ସଭାପତି ଅଶୋକ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଦ୍‌ଗୁରୁଙ୍କୁ ମିଳିଲା ସମ୍ମାନଜନକ ସିଆଇଏଫ୍ ଗ୍ଲୋବାଲ୍ ଇଣ୍ଡିଆନ୍ ଆୱାର୍ଡ

ଭୁବନେଶ୍ୱର (ସବ୍ୟୁ): କାନାଡା ଇଣ୍ଡିଆ ଫାଉଣ୍ଡେସନ (ସିଆଇଏଫ୍) ୨୦୨୪ ବର୍ଷ ପାଇଁ ସମ୍ମାନଜନକ ଗ୍ଲୋବାଲ୍ ଇଣ୍ଡିଆନ୍ ଆୱାର୍ଡ ଘୋଷଣା କରିଛି । ଏଥର ଇଶା ଫାଉଣ୍ଡେସନର ପ୍ରତିଷ୍ଠାତା ସଦ୍‌ଗୁରୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସଦ୍‌ଗୁରୁ ୫୦ ହଜାର କାନାଡା ଡଲାର ପୁରସ୍କାର ରାଶି 'କାବେରୀ କଲିଂ ଅର୍ଗାନାଇଜେସନ୍'କୁ ଦାନ କରିବେ । ଏହି ସଂଗଠନ ଭାରତରେ ନଦୀଗୁଡ଼ିକର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରେ । କାନାଡା ଇଣ୍ଡିଆ ଫାଉଣ୍ଡେସନ ତରଫରୁ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ଯେଉଁମାନେ ବିଶ୍ୱସ୍ତରରେ ଗଭୀର ପ୍ରଭାବ ପକାଇଛନ୍ତି । ସଦ୍‌ଗୁରୁ ସମଗ୍ର ବିଶ୍ୱକୁ ପରିବେଶ ଆହ୍ୱାନର ମୁକାବିଲା କରିବା ସହିତ ମାନବ ଚେତନାକୁ ଆଗକୁ ବଢ଼ାଇବା ପାଇଁ ସଚେତନ କରୁଛନ୍ତି । କାନାଡା ଇଣ୍ଡିଆ ଫାଉଣ୍ଡେସନର ସଭାପତି ରିତେଶ ମଲ୍ଲିକ କହିଛନ୍ତି ଯେ, ଆମେ ନିଜକୁ ଭାଗ୍ୟବାନ ମନେ କରୁଛୁ ଯେ ସଦ୍‌ଗୁରୁ କେବଳ ଏହି ସମ୍ମାନ ଗ୍ରହଣ କରିନାହାଁନ୍ତି ବରଂ ଟୋରଣ୍ଟୋରେ ପୁରସ୍କାର ସମାରୋହରେ ଉପସ୍ଥିତ ରହିବାକୁ ମଧ ରାଜି ହୋଇଛନ୍ତି ।



ସଦ୍‌ଗୁରୁଙ୍କ ଚିନ୍ତାଧାରା ସମଗ୍ର ମାନବ ଜାତି ପାଇଁ ପ୍ରେରଣାଦାୟୀ ବୋଲି ସେ କହିଛନ୍ତି । ପ୍ରାଚୀନ ଗୁପ୍ତ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନକୁ ସେ ଅତି ସରଳ ଓ ସ୍ପଷ୍ଟ ଢଙ୍ଗରେ ସାଧାରଣ ଲୋକଙ୍କୁ ବୁଝାଇଥାନ୍ତି । ସେ କହିଥିଲେ ଯେ ସଦଗୁରୁ ବ୍ୟକ୍ତିଗତ ବ୍ୟକ୍ତିଗତ ବିକାଶ ପାଇଁ ବ୍ୟବହାରିକ ସମାଧାନ ପ୍ରଦାନ କରିବା ସହିତ ମୃତ୍ତିକା କ୍ଷୟ, ଜଳବାୟୁ ପରିବର୍ତ୍ତନ ଏବଂ ଖାଦ୍ୟର ଗୁଣବତ୍ତା ଭଳି ବିଶ୍ୱବ୍ୟାପୀ ଆହ୍ୱାନର ଦୀର୍ଘମିଆଦୀ ସମାଧାନ ପ୍ରଦାନ କରନ୍ତି । ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ସଦ୍ ଗୁରୁ ସିଆଇଏଫ୍ କୁ କୃତଜ୍ଞତା ଜଣାଇଛନ୍ତି । ସଦ୍ ଗୁରୁ ଏହି ୫୦ ହଜାର କାନାଡା ଡଲାର ପୁରସ୍କାର ରାଶିକୁ କାବେରୀ କଲିଂକୁ ଉତ୍ସର୍ଗ କରିଥିଲେ। ଭାରତର ଲାଇଫଲାଇନ କୁହାଯାଉଥିବା ନଦୀଗୁଡ଼ିକର ପୁନରୁଦ୍ଧାର ପାଇଁ ଏହି ସଂଗଠନ ଏକ ବିରାଟ ପ୍ରୟାସ କରୁଛି । ଏହା କାବେରୀ ନଦୀକୁ ପୁନରୁଦ୍ଧାର କରିବା ଏବଂ ଘରୋଇ ଚାଷ ଜମିରେ ୨୪୨ କୋଟି ବୃକ୍ଷ ରୋପଣ କରିବାକୁ ସକ୍ଷମ କରି କୃଷକମାନଙ୍କ ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ ଅଧୀନରେ ଆଜି ୧ ନିୟୁତ ବୃକ୍ଷରୋପଣରେ ସଫଳତା ମିଳିଛି ।

# ବାତ୍ୟା ଦାନାରେ ସହାୟତା ପାଇଁ ଏଶ୍ରୀ ଇଣ୍ଡିଆ ପକ୍ଷରୁ ମନିଟରିଂ ଆପ୍ଲିକେସନ୍ ବିକଶିତ

ଭୁବନେଶ୍ୱର, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଦାନା ୨୦୨୪ ଅକ୍ଟୋବର ୨୪ ସୁଦ୍ଧା ଲଘୁଚାପରେ ପରିଣତ ହୋଇଛି । ଏହି ଘୂର୍ଣ୍ଣିବଳୟ ଓଡ଼ିଶା, ଦକ୍ଷିଣ ପଶ୍ଚିମବଙ୍ଗ ଏବଂ ନିକଟବର୍ତୀ ଉପକୂଳବର୍ତୀ ଅଂଚଳରେ ପ୍ରବଳ ବର୍ଷା କରିବ ଏବଂ ଅକ୍ଟୋବର ୨୪ରୁ ୨୬ ମଧ୍ୟରେ ସ୍ଥଳଭାଗ ଛୁଇଁବ । ବାତ୍ୟାର ଗତିବିଧି ସମ୍ପର୍କରେ କର୍ତ୍ତୃପକ୍ଷ ଏବଂ ଜନସାଧାରଣଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ପାଇଁ ଏଶ୍ରୀ ଇଣ୍ଡିଆ ପକ୍ଷରୁ ଆଜି ଡାନା ସାଇକ୍ଲୋନ ମନିଟରିଂ ଆପ୍ଲିକେସନର ଶୁଭାରମ୍ଭ କରାଯାଇଛି । ଏହି ଆପ୍ଲିକେସନ୍ ଆଇଏମଡି ପାଣିପାଗ ବୁଲେଟିନ୍, ୱିଣ୍ଡିର ଗତିଶୀଳ ଡାଟା ଏବଂ ଇଣ୍ଡୋ ଆକର୍‌ଜିଆଇଏସ୍ ଲିଭିଂ ଆଟଲାସ୍ରୁ ଆସୁଥିବା ଡାଟାକୁ ସମନ୍ୱିତ କରେ ଏବଂ ଏହାକୁ ଏଶ୍ରୀର ଲାଇଭ୍ ଡାଇନାମିକ୍ ଡ୍ୟାସବୋର୍ଡ ଆକାରରେ ଉପଲବ୍ଧ କରେ । ବାତ୍ୟାର ଅଗ୍ରଗତିକୁ ଏଶ୍ରୀର କନଫିଗରେବଲ ଡ୍ୟାସବୋର୍ଡ ବ୍ୟବହାର କରି ଟ୍ରାକ୍ କରାଯାଇପାରିବ ଯାହା ବିପର୍ଯ୍ୟୟ ପରିଚାଳନା ପ୍ରୟାସରେ ନିୟୋଜିତ କର୍ତ୍ତୃପକ୍ଷଙ୍କୁ ଗୋଟିଏ ସ୍କ୍ରିନରେ ଡାଟା ଦୃଶ୍ୟମାନ କରିବା, ସୂଚନା ଯୋଗାଯୋଗ କରିବା ଏବଂ ରିୟଲ ଟାଇମ୍ ଡାଟା ବିଶ୍ଳେଷଣ କରିବାରେ ସକ୍ଷମ କରିଥାଏ । ଏଶ୍ରୀଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଗେନ୍ଦ୍ର କୁମାର କହିଛନ୍ତି ଯେ, ବିପର୍ଯ୍ୟୟ ପ୍ରସ୍ତୁତି ଜୀବନ, ସମ୍ପର୍ତ ଏବଂ ଜୀବିକାର ସୁରକ୍ଷା କରିବା ସହିତ ଦ୍ରୁତ ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ଦୀର୍ଘମିଆଦୀ ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରେ । ବାତ୍ୟା ଦାନା ଭଳି ବିପର୍ଯ୍ୟୟ ସମୟରେ ଲାଇଭ୍ ଡାଟା କର୍ତ୍ତୃପକ୍ଷଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ସକ୍ଷମ କରିଥାଏ, ଯେପରିକି କେଉଁଠାରେ ସ୍ଥାନାନ୍ତର ଆଦେଶ ଜାରି କରାଯିବ, ସମ୍ବଳ ସଂଗ୍ରହ କିପରି କରାଯିବ ଏବଂ ଆହୁରି ଅନେକ। ଏହା ଅଧିକ ପ୍ରଭାବଶାଳୀ ତଦାରଖ ଏବଂ ବିପର୍ଯ୍ୟୟ ମୁକାବିଲା ସୁନିଶ୍ଚିତ କରେ, ଶେଷରେ ଜୀବନ ଏବଂ ସମ୍ବଳ ବୁଚାଇଥାଏ । ଦାନା ସାଇକ୍ଲୋନ ମନିଟରିଂ ଆପ୍ଲିକେସନ ସହିତ ଆମେ ଏହି ଉଦ୍ଦେଶ୍ୟଗୁଡିକୁ ସମର୍ଥନ କରିବାକୁ ଆଗ୍ରହୀ । ଏହି ଆପ୍ କୁ ଜନସାଧାରଣ ମଧ ବ୍ୟବହାର କରିପାରିବେ, ଯାହାଦ୍ୱାରା ସେମାନେ ଭଲ ଭାବେ ପ୍ରସ୍ତୁତ ହୋଇପାରିବେ।

### ନେକ୍ସସ ସିଲେକ୍ଟ ଟ୍ରଷ୍ଟ ୧୦୦୦ କୋଟି ଟଙ୍କା ସଂଗ୍ରହ କରିଛି

# ସମ୍ପ୍ରସାରଣ ପାଇଁ ଅଣ-ରୂପାନ୍ତରୀୟ ଡିବେଂଚର (ଏନସିଡି)

ଭୁବନେଶ୍ୱର (ସବ୍ୟୁ): ଭାରତରେ ପ୍ରଥମ ଶୁଦ୍ଧ-ପ୍ଲେ ରିଟେଲ ରିଅଲ୍ ଇଷ୍ଟେଟ୍ ଇନଭେଷ୍ଟମେଟ୍ ଟ୍ରଷ୍ଟ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ପକ୍ଷରୁ ୧୦୦୦ କୋଟି ଟଙ୍କାର ନନ୍- କନଭର୍ଟିବଲ୍ ଡିବେଂଚର (ଏନସିଡି) ସଫଳତାର ସହ ୭.୭୦% ବୃଦ୍ଧି କରାଯାଇଛି। ଏହି ଏନସିଡିଗୁଡ଼ିକ ୬୦୦ କୋଟି ଏବଂ ୪୦୦ କୋଟି ଟଙ୍କାର ଦୁଇଟି ପର୍ଯ୍ୟାୟରେ ସଂଗ୍ରହ କରାଯାଇଥିଲା ଏବଂ ପରିପକ୍ୱତା ପରେ ବୁଲେଟ୍ ପରିଶୋଧରେ ଏହା ସମ୍ଭବ ନୁହେଁ। ଏହି ପ୍ରସଙ୍ଗରେ ଉଭୟ ନୂତନ ଏବଂ ପୁରୁଣା ନିବେଶକଙ୍କ ତୀବ୍ର ଆଗ୍ରହ ଦେଖିବାକୁ ମିଳିଥିଲା ଏବଂ ଋଣ ପୁଞ୍ଜି ମାଧ୍ୟମରେ ଅଜୈବିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଆରଇଆଇଟିର ଦକ୍ଷତା ଉପରେ ନିବେଶକଙ୍କ ଦୃଢ଼ ବିଶ୍ୱାସ ସୃଷ୍ଟି ହୋଇଥିଲା । ବ୍ଲାକଷ୍ଟୋନ ସମର୍ଥିତ ଆରଇଆଇଟିର ବର୍ତମାନର ଋଣ ଟୁ ଭାଲ୍ୟୁ ରେସିଓ (ଏଲଟିଭି) ମାତ୍ର । ୧୪% ଯାହା ସେମାନଙ୍କୁ ଋଣ ପୁଞ୍ଜି ବ୍ୟବହାର କରି ଅଭିବୃଦ୍ଧି ପାଇଁ ଏକ ବଡ଼ ମାର୍ଗ ପ୍ରଦାନ କରେ , ନେକ୍ସସ ସେଲେକ୍ଟ ଟ୍ରଷ୍ଟ ନୂତନ ମଲ୍ ଅଧିଗ୍ରହଣ ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟରେ ଋଣ ପୁଞ୍ଜିବ୍ୟବହାର କରିବାକୁ ଚାହୁଁଛି । ଏନସିଡିଗୁଡିକ ବର୍ତମାନ ବିଏସଇ ଲିମିଟେଡର ହୋଲସେଲ ଋଣ ବଜାରରେ ତାଲିକାଭୁକ୍ତ ହୋଇଛି ।

# ବୁଦ୍ଧିଷ୍ଟ ଟ୍ରେଲ୍-ଇନ୍ ଓଡିଶାପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପୂର୍ବତନ ପ୍ରବନ୍ଧକ ବିଷ୍ଣୁ ମୋହନ ପଣ୍ଡାଙ୍କ ଦ୍ୱାରା ରଚିତ ପୁସ୍ତକ ବୁଦ୍ଧିଷ୍ଟ ଟ୍ରେଲ୍ ଇନ୍ ଓଡିଶା ପୁସ୍ତକଟି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରେ ପ୍ରଦାନ କରାଯାଇଛି। ପ୍ରାଚୀନ କାଳରୁ ବୌଦ୍ଧ ଧର୍ମର ପ୍ରତିଷ୍ଠା ଓ ପ୍ରତିପତ୍ତି ଓଡିଶାରେ ବହୁତ ଥିଲା। ଏହାର ସଙ୍କେତ ଓ ନିର୍ଦ୍ଦର୍ଶନ ଓଡିଶାର ବିଭିନ୍ନ ସ୍ଥାନରେ ରହିଛି। ଗବେଶକଙ୍କ ମତରେ ବିକଶିତ ହେଲେ ଓଡିଶାରେ ବୌଦ୍ଧ ଧର୍ମ ସମ୍ବନ୍ଧୀତ ସ୍ଥାନ ୩ ଟି ନାଳନ୍ଦାଠାରୁ ଅଧିକ ହେବ। ଏହି ପୁସ୍ତକରେ ଓଡିଶାରେ ଥିବା ବୌଦ୍ଧ ଧର୍ମ ସମ୍ପନ୍ଧୀତ ବିଭିନ୍ନ ସ୍ଥାନ ଓ ଓଡିଶାର ସଂସ୍କୃତିରେ ବୌଦ୍ଧ ଧର୍ମର ପ୍ରଭାବ ବିଷୟରେ ଆଲୋଚନା କରାଯାଇଛି।



### ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡିରେ 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନକୁ ପ୍ରୋତ୍ସାହନ

# ୧୦ଟି ବିଦ୍ୟାଳୟର ୩୭୦୦ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଲା

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦା' ଆଲୁମିନିୟମ୍ ଆୟୁଷ ମନ୍ତ୍ରଣାଳୟ ସହଭାଗିଦାରୀରେ 'ସ୍ୱର୍ଣ୍ଣ ପ୍ରାଶନ' ଟିକାକରଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଛି । ଏହା କଳାହାଣ୍ଡିର ୧୦ଟି ବିଦ୍ୟାଳୟର ଏବଂ ୩୭୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି । ବ୍ରଜବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଦବାକ ଓ ଡାକ୍ତର କ୍ଷେତେରା କାଣ୍ଡ ଓ ବ୍ରଜବିହାର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ କୁମାର ମୁଣ୍ଡନ ପ୍ରମୁଖ ଉପସ୍ଥିତ ଥିଲେ ।'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀ ଘୋଷଣା କରିବା ପରଠାରୁ ବେଦାନ୍ତ ଆଲୁମିନିୟମ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି । ଓଡ଼ିଶା ସରକାର, ଆୟୁଷ ମନ୍ତ୍ରଣାଳୟର ସଚିବ ଓ ଅନ୍ୟ ସରକାରୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରୁଛି ଏବଂ ଆଉ ଦୁଇଟି ଜିଲ୍ଲା ଯଥା ରାୟଗଡ଼ା ଓ କୋରାପୁଟକୁ ସହାୟତା ପ୍ରଦାନ କରିବାକୁ ଯୋଜନା କରିଛି ।

ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ସହଯୋଗ ମାଧ୍ୟମରେ ଆମେ ପୁରୁଣା, ପାରମ୍ପରିକ ଅଭ୍ୟାସ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ । 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି ଏବଂ ଆମେ ଭବିଷ୍ୟତ ପିଢ଼ିକୁ ସୁସ୍ଥ ଆକାର ପ୍ରଦାନ କରୁଛୁ । ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ସେପ୍ଟେମ୍ବରରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରିଥିଲୁ ଏବଂ ଏହାକୁ ଆହୁରି ବ୍ୟାପକ କରିଛୁ । ଏହି ଅବସରରେ ଜିଲ୍ଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଦବାକ କହିଥିଲେ, ସ୍ୱର୍ଣ୍ଣ ପ୍ରାଶନ ପିଲାମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ଜ୍ଞାନ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଏ କ୍ଷେତ୍ରରେ ବେଦାନ୍ତ ଆଲୁମିନିୟମର ସହଯୋଗ ପ୍ରଶଂସନୀୟ । ସରସ୍ୱତୀ ଶିଶୁ ମନ୍ଦିରର ଅଧକ୍ଷ ମନୋଜ କୁମାର ମୁଣ୍ଡନ ବେଦାନ୍ତର ଅତୁଟ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦା' ଆଲୁମିନିୟମ ପ୍ରତିଶ୍ରୁତିବଦ୍ଧ । ବେଦା' ଲିମିଟେଡର ବ୍ୟବସାୟ ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ଯାହା ୨୦୨୪ ଆର୍ଥିକ ବର୍ଷରେ ଭାରତର ଆଲୁମିନିୟମର ଅଧାରୁ ଅଧିକ ଅର୍ଥା୍ ୨.୩୭ ନିୟୁତ ଟନ୍ ଉତ୍ପାଦନ କରିଛି । ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ବିଶୋଧନାଗାର ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଭବିଷ୍ୟତ ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ପୂରଣ କରିଛି ।



# ପାଓ୍ୱାରଙ୍କ ପୁତୁରା ନେଇଗଲେ 'ଘଡ଼ି' ଚିହ୍ନ



ମୁମ୍ବାଇ: ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ଶରଦ ପାଓ୍ୱାର ଏବଂ ତାଙ୍କ ଦଳକୁ ଏକ ବଡ଼ ଝଟକା ଲାଗିଛି । ମହାରାଷ୍ଟ୍ର ନିର୍ବାଚନରେ 'ଘଡ଼ି' ଚିହ୍ନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଏନସିପି (ଶରଦ ଚନ୍ଦ୍ର ପାଓ୍ୱାର) ଦଳ ପକ୍ଷରୁ ଅକ୍ଟୋବର ୨ରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା । ହେଲେ ଏହି ଦାବିକୁ ସୁପ୍ରିମକୋର୍ଟ ବର୍ତ୍ତମାନ ପ୍ରତ୍ୟାଖ୍ୟାନ କରିଛନ୍ତି । ଅର୍ଥାତ ମହାରାଷ୍ଟ୍ର ନିର୍ବାଚନରେ ଅଜିତ ପାଓ୍ୱାର ଗୋଷ୍ଠୀ 'ଘଡ଼ି' ଚିହ୍ନରେ ନିର୍ବାଚନ ଲଢ଼ିବାକୁ ସକ୍ଷମ ହେବେ ।

ସୁପ୍ରିମକୋର୍ଟ କହିଛନ୍ତି ଯେ ମହାରାଷ୍ଟ୍ର ନିର୍ବାଚନରେ ଅଜିତ ପାଓ୍ୱାରଙ୍କ ଦଳ 'ଘଡ଼ି' ଚିହ୍ନ ବ୍ୟବହାର କରିପାରିବେ । କିନ୍ତୁ ସେମାନଙ୍କୁ ମଧ ଏକ ସର୍ତ୍ତ ମାନିବାକୁ ପଡିବ । ଅଦାଲତ କହିଛନ୍ତି ଯେ ଅଜିତ ପାଓ୍ୱାରଙ୍କ ଦଳ 'ଘଡ଼ି' ଚିହ୍ନ ବ୍ୟବହାର ସହିତ ଅଦାଲତରେ ବିଚାରାଧୀନ ଥିବା ଆଦେଶକୁ ଅନୁସରଣ କରିବା ସମ୍ବନ୍ଧରେ ଏକ ଆଫିଡେଭିଟ୍ ପ୍ରଦାନ କରିବେ ।

ଏହାପୂର୍ବରୁ, 'ଘଡ଼ି ନିର୍ବାଚନ ଚିହ୍ନ ମାମଲା କୋର୍ଟରେ ବିଚାରାଧୀନ ଅଛି' ବୋଲି ଏକ ସର୍ବସାଧାରଣ ନୋଟିସ ଜାରି କରିବାକୁ ମାର୍ଚ୍ଚ ୧୯, ୨୦୨୪ ତାରିଖରେ ସୁପ୍ରିମକୋର୍ଟ ଅଜିତ ପାଓ୍ୱାରଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ଦେଇଥିଲେ । ସେ ଏହାକୁ ଅଧିକ ବ୍ୟବହାର କରିବାକୁ ସକ୍ଷମ ହେବେ କି ନାହିଁ ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିର ହେବ ବୋଲି ନୋଟିସରେ ଉଲ୍ଲେଖ କରିବାକୁ ଅଜିତଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ମିଳିଥିଲା । କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରାଯାଇଛି କି ନାହିଁ, ସେନେଇ ଉତ୍ତର ରଖିବାକୁ ଅଜିତଙ୍କ ଗୋଷ୍ଠୀକୁ ଏକ ନୋଟିସ ଯୋଗେ କୋର୍ଟ ପଚାରିଛନ୍ତି । ଅଜିତ ପାଓ୍ୱାର କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରୁଛନ୍ତି ବୋଲି ଏକ ସତ୍ୟପାଠ ଦାଖଲ କରିବା ପାଇଁ ମଧ ସୁପ୍ରିମକୋର୍ଟ ଅଜିତଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ଦେଇଛନ୍ତି ।

ଉଭୟ ଶରଦ ଓ ଅଜିତଙ୍କ ଗୋଷ୍ଠୀକୁ ଚେତାବନୀ ପୂର୍ବକ ସୁପ୍ରିମକୋର୍ଟ କହିଛନ୍ତି, 'ଆମେ ଆଶା କରୁଛୁ ଉଭୟ ପକ୍ଷ ଆମର ନିର୍ଦ୍ଦେଶ ପାଳନ କରିବେ । ନିଜ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ । ଯଦି ଆମର ଅନୁଭବ ହେବ ଯେ ଆମର ଆଦେଶକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରାଯାଉଛି, ତେବେ ଆମେ ନିଜଆଡୁ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବୁ ।' ଆସନ୍ତା ନଭେମ୍ବର ୬ରେ ଏହି ପ୍ରସଙ୍ଗରେ ଅଧିକ ଶୁଣାଣି ହେବ ।

ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦ରେ ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ଫଳାଫଳ ପ୍ରକାଶ ପାଇବ ।

# କାନାଡା ପ୍ରଧାନମନ୍ତ୍ରୀଙ୍କ ଅଡୁଆ ବଢିଲା



ନୂଆଦିଲ୍ଲୀ: କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଅଡୁଆ ବଢିଛି । ନିଜ ଦଳର ସାଂସଦମାନେ ଟ୍ରୁଡୋଙ୍କ ଇସ୍ତଫା ଦାବି କରିଛନ୍ତି । ଅକ୍ଟୋବର ୨୮ ସୁଦ୍ଧା ଇସ୍ତଫା ଦେବାକୁ ଡେଡଲାଇନ୍ ଦେଇଛନ୍ତି ବିଦ୍ରୋହୀ ସାଂସଦ ।

ଭାରତ ସହ ବିବାଦ ମଧ୍ୟରେ ଟ୍ରୁଡୋଙ୍କୁ ଏପରି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି । ଦଳର ଅସନ୍ତୁଷ୍ଟ ସାଂସଦମାନେ ଅକ୍ଟୋବର ୨୮ ସୁଦ୍ଧା ଇସ୍ତଫା ନଦେଲେ ବିଦ୍ରୋହର ସାମ୍ନା କରିବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି ।

ସୂଚନା ଅନୁସାରେ, ଗତକାଲି ଟ୍ରୁଡୋ ଏବଂ ତାଙ୍କ ଲିବେରାଲ ପାର୍ଟିର ସାଂସଦମାନଙ୍କ ସହ ଏକ ରୁଦ୍ଧ ଦ୍ୱାର ବୈଠକ ବସିଥିଲା । ଏଥିରେ କ୍ୟାବିନେଟର ସଦସ୍ୟ ନଥିବା ୨୦ ଜଣ ସାଂସଦ ତାଙ୍କୁ ଇସ୍ତଫା ଦେବାକୁ କହିଥିଲେ । ଆସନ୍ତା ନିର୍ବାଚନରେ ଦଳର ପରାଜୟ ଆଶଙ୍କା କରି ସେମାନେ ଟ୍ରୁଡୋଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ।

ଏହି ବୈଠକ ତିନି ଘଣ୍ଟା ଧରି ଚାଲିଥିଲା । ଟ୍ରୁଡୋ ଏଥିରେ ତାଙ୍କ ନିଷ୍ପତ୍ତି ଶୁଣାଇନଥିଲେ ମଧ ହସୁଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି । ବୈଠକ ପରେ ସେ କହିଛନ୍ତି ଯେ, ଲିବେରାଲମାନେ ଏକତ୍ରିତ ଏବଂ ଶକ୍ତିଶାଳୀ ।

ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଲିବେରାଲ ପାର୍ଟିର ୧୫୩ ଜଣ ସାଂସଦଙ୍କ ମଧ୍ୟରୁ ୨୪ ଜଣ ଏକ ଚିଠିରେ ଦସ୍ତଖତ କରି ଟ୍ରୁଡୋଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଆହ୍ୱାନ କରିବା ସହ ଆସନ୍ତା ନିର୍ବାଚନ ନ ଲଢିବାକୁ କହିଛନ୍ତି । ଟ୍ରୁଡୋ ଗତ ୧୦ ବର୍ଷ ଧରି କାନାଡାର ପ୍ରଧାନମନ୍ତ୍ରୀ ରହି ଆସିଛନ୍ତି । ଗତ ବର୍ଷଠାରୁ ଭାରତ ସହ ତିକ୍ତତା ମଧ୍ୟରେ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି ।

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାକୁ ନେଇ ସେ ବାରମ୍ବାର ଭାରତକୁ ଦାୟୀ କରି ଆସିଥିଲେ । କିନ୍ତୁ ନିକଟରେ ସେ ଏହି ଅଭିଯୋଗ କୌଣସି ଠୋସ୍ ପ୍ରମାଣରେ ନୁହେଁ, ବରଂ ସାମାନ୍ୟ ଗୁଇନ୍ଦା ସୂତ୍ର ଆଧାରରେ କରିଥିବା କହିଥିଲେ । ଏହାର କିଛି ଦିନ ପରେ ତାଙ୍କ ବିରୁଦ୍ଧରେ ଦଳୀୟ ସାଂସଦମାନେ ବିଦ୍ରୋହ ଆରମ୍ଭ କରି ଦେଇଛନ୍ତି ।

# ପ୍ରମାଣ କକ୍ଷରେ ଗ୍ରେନେଡ ବିସ୍ଫୋରଣ

ନୂଆଦିଲ୍ଲୀ : ଟାର୍ଗେଟ କିଲିଂ ଘଟଣା ମଧ୍ୟରେ ଜମ୍ମୁ-କାଶ୍ମୀରର ବାରାମୂଳାର ଏକ କୋର୍ଟରେ ବିସ୍ଫୋରଣ ଖବର ଆସିଛି । ଏହି ବିସ୍ଫୋରଣର କୋର୍ଟର ଏଭିଡେନ୍ସ ରୁମରେ ହୋଇଛି । ସୂଚନା ଅନୁଯାୟୀ, କୋର୍ଟରେ ପ୍ରମାଣ ଭାବରେ ଉପସ୍ଥାପନ କରିବାକୁ ଅଣାଯାଇଥିବା ଗ୍ରେନେଡ ଫାଟିଯିବା କାରଣରୁ ଏହି ବିସ୍ଫୋରଣ ଘଟିଥିଲା । ଆଉ ଏଥିରେ ଜଣେ ପୋଲିସକର୍ମୀ ଆହତ ହୋଇଛନ୍ତି ।

ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରମାଣ କକ୍ଷ ଭିତରେ ଗୁରୁବାର ଦିନ ପ୍ରାୟ ୧ଟା ବେଳେ ବିସ୍ଫୋରଣ ଘଟିଛି । ଏଥିରେ ଜଣେ ପୋଲିସକର୍ମୀ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି, ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି ।

ସେପଟେ ଘଟଣା ପରେ ପୋଲିସ ସତର୍କତାମୂଳକ ପଦକ୍ଷେପ ନେଇଛି । ପୋଲିସ ଲୋକଙ୍କୁ କୌଣସି ଗୁଜବ ଉପରେ ବିଶ୍ୱାସ ନକରିବା ଏବଂ ସତର୍କତା ଅବଲମ୍ବନ କରିବାକୁ ଅପିଲ କରିବା ସହ, ସ୍ଥିତି ନିୟନ୍ତ୍ରଣରେ ଥିବା ନେଇ ଆଶ୍ୱସ୍ତ କରିଛି ।

ତେବେ ଏହି ଘଟଣା ଜମ୍ମୁ-କାଶ୍ମୀରର ମୁଖ୍ୟ ବିଚାରପତିଙ୍କ ଗସ୍ତର ଠିକ୍ ପୂର୍ବରୁ ହୋଇଛି, ଯାହାକୁ ନେଇ ଅଦାଲତ ପରିସରରେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଅବଶ୍ୟ ସତର୍କତାମୂଳକ ପଦକ୍ଷେପ ନିଆଯିବା ସହ ସୁରକ୍ଷାବଳ ଅଞ୍ଚଳରେ ଖୋଜ୍ କରୁଛନ୍ତି । ହଠାତ ଏହି ବିସ୍ଫୋରଣ ପରେ ଅଧିକାରୀମାନେ ସତର୍କ ହୋଇଛନ୍ତି । କୌଣସିବି ବିପଦ ଯେପରି ନଘଟେ ସେଥିପାଇଁ ଯାଞ୍ଚ କରୁଛନ୍ତି ।

ଏହାରି ମଧ୍ୟରେ କାଶ୍ମୀରରେ ଟାର୍ଗେଟ କିଲିଂର ଘଟଣା ଲଗାତାର ବଢ଼ିବାରେ ଲାଗିଛି । ଗୁରୁବାର ସପ୍ତାହରେ ତୃତୀୟ ଥର ଅଣ କାଶ୍ମୀରୀ ଶ୍ରମିକଙ୍କୁ ଟାର୍ଗେଟ କରିଛନ୍ତି । ଗୁରୁବାର ଆତଙ୍କୀ ପୁଲଓ୍ୱାମାରେ ଅଣ କାଶ୍ମୀରୀଙ୍କୁ ଟାର୍ଗେଟ କରି ଉତ୍ତର ପ୍ରଦେଶର ଜଣେ ଶ୍ରମିକଙ୍କୁ ଗୁଳି ମାରିଛନ୍ତି । ଆକ୍ରମଣରେ ଗୁରୁତର ଆହତ ଶ୍ରମିକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହା ପୂର୍ବରୁ ରବିବାର ଗାନ୍ଦରବଲରେ ଏକ କନଷ୍ଟ୍ରକସନ ସାଇଟରେ ହୋଇଥିବା ଆକ୍ରମଣରେ ୬ ପ୍ରବାସୀ ଶ୍ରମିକ ଏବଂ ଜଣେ ସ୍ଥାନୀୟ ଡାକ୍ତରଙ୍କ ମୃତ୍ୟୁ ହୋଇଥିଲା । ସେହିଭଳି ଅକ୍ଟୋବର ୧୮ରେ ଆତଙ୍କବାଦୀ ବିହାରର ଜଣେ ଶ୍ରମିକଙ୍କୁ ସୋପିୟାଁ ଜିଲ୍ଲାରେ ଗୁଳିମାରି ହତ୍ୟା କରିଥିଲେ ।

# ଉତ୍ତରପ୍ରଦେଶ ହାପୁରରେ ନାଗିନର ପ୍ରତିଶୋଧ!



ନୂଆଦିଲ୍ଲୀ: ପ୍ରତିଶୋଧ ନେଉଛି ନାଗିନ୍ । ଗାଁରେ ଲୋକଙ୍କୁ ଖୋଜି ଖୋଜି ମାରୁଛି ଚୋଟ । ଏ କୌଣସି ଫିଲ୍ମ ଟିଭିର କାହାଣୀ ନୁହେଁ ଏହା ସମ୍ପୂର୍ଣ୍ଣ ସତ ଘଟଣା । ଯାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଉଛି । ଫିଲ୍ମ ଏବଂ ଟିଭି ଷ୍ଟାଇଲରେ ଦେଖୁଥିବା ଦୃଶ୍ୟ ଏବେ ଘଟୁଛି ବାସ୍ତବରେ । ଏହି ନାଗିନ୍ ଜଣେ କି ଦୁଇ ଜଣଙ୍କୁ ନୁହେଁ ଗୋଟେ ଗୋଟେ କରି ୫ ଜଣଙ୍କୁ ଦଂଶନ କରିସାରିଲାଣି । ଉତ୍ତରପ୍ରଦେଶ ହାପୁର ଜିଲ୍ଲାରେ ଅବସ୍ଥିତ ସଦରପୁର ଗାଁର ନାଗିନର ପ୍ରତିଶୋଧ ଖବର ଏବେ ସାମ୍ନାକୁ ଆସିଛି । ଯେଉଁଥିପାଇଁ ଏବେ ଗ୍ରାମବାସୀ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି କାରଣ ଏହି ଗାଁରେ ଏକ ବିଷାକ୍ତ ନାଗିନ୍ ର ଉପସ୍ଥିତି ରହିଛି ବୋଲି କୁହାଯାଏ ।

କୁହାଯାଉଛି ଯେ ସନ୍ଧ୍ୟା ହେବା ମାତ୍ରେ ସର୍ପ ନିଜ ଗାତରୁ ବାହାରି ଗ୍ରାମବାସୀଙ୍କୁ ଶିକାର କରିଥାଏ । ଗତ କିଛି ଦିନ ତଳେ ଏହି ସାପ ୫ ଜଣଙ୍କୁ କାମୁଡ଼ି ଦେଇଛି, ସେଥିମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଛି । ଯେଉଁଠାରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସଦରପୁର ଗାଁର ଲୋକଙ୍କ କହିବାନୁସାରେ, ସେହି ଅଞ୍ଚଳରେ ଏକ ନାଗିନ ନିଜର ପ୍ରତିଶୋଧ ନେଉଛି । ନିକଟରେ ଏହି ସାପ ଗୋଟିଏ ଘରେ ସୋଇଥିବା ମାଆ, ପୁଅ ଏବଂ ଝିଅକୁ କାମୁଡ଼ି ଦେଇଥିଲା, ଯେଉଁଥିପାଇଁ ସେହି ସମୟରେ ହିଁ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ ଏହି ୩ ଜଣଙ୍କ ମୃତ୍ୟୁକୁ ଭୁଲି ପାରି ନଥିଲେ କିନ୍ତୁ ଠିକ ଏହାର କିଛି ଦିନ ପରେ ଏହି ସାପ ଆଉ ଜଣେ ଯୁବକ ଏବଂ ଗାଁର ଜଣେ ମହିଳାଙ୍କୁ କାମୁଡ଼ିଥିଲା । ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଏହି ଉଭୟଙ୍କ ଜୀବନ ରକ୍ଷା କରାଯାଇଥିଲା । ସେହିଭଳି ଆଉ ଜଣେ ଯୁବକ ଏବେ ନିଜ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ନାଗିନର ପ୍ରତିଶୋଧର ଭୟ ଏବେ ହାପୁରର ସଦରପୁର ଗାଁ ଲୋକଙ୍କର ନିଦ ହଜାଇଦେଇଛି । ବର୍ତ୍ତମାନ ସାପକୁ ଧରିବା ପାଇଁ ବନ ବିଭାଗର ଟିମ୍ ନିୟୋଜିତ ହୋଇଛନ୍ତି ।

ଏହି ସମୟରେ ବନ ବିଭାଗ ଟିମ୍ ସାପକୁ ଧରିନେଇଥିବାର ଦାବି କରାଯାଉଛି । ତେବେ ଏହି ସାପ କେଉଁ ପ୍ରଜାତିର, ଏହା କେତେ ବିଷାକ୍ତ ଏବଂ କେତେ ବର୍ଷ ପୁରୁଣା ତାହା ଅନୁସନ୍ଧାନ ଚାଲିଛି । ଏବେ ପର୍ଯ୍ୟନ୍ତ ବନ ବିଭାଗ ଏହାକୁ ନାଗିନ ବୋଲି ନିଶ୍ଚିତ କରିନାହିଁ କିନ୍ତୁ ଗ୍ରାମବାସୀମାନେ ଏହି ସାପକୁ ନାଗିନ ବୋଲି କହୁଛନ୍ତି । ଅନ୍ୟପକ୍ଷରେ ବନ ବିଭାଗର ଅଧିକାରୀ କହିଛନ୍ତି ଯେ ସାପକୁ ଧରିବା ପାଇଁ ବନ ବିଭାଗର ପାଞ୍ଚଟି ଟିମ୍ ଗାଁରେ ଉପସ୍ଥିତ ଅଛନ୍ତି । କିନ୍ତୁ ଏସବୁ ମଧ୍ୟରେ ବୁଧବାର ଦିନ ଗାଁରେ ଅନ୍ୟ ଜଣେ ମହିଳାଙ୍କୁ ସାପ କାମୁଡ଼ିବା ଖବର ଗ୍ରାମବାସୀଙ୍କୁ ଚକିତ କରିଛି ।

ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେଣୁ ଗ୍ରାମବାସୀଙ୍କ ମଧ୍ୟରେ ସାପର ଭୟ ଏବେ ବି ଜାରି ରହିଛି । ଲୋକମାନେ ଭୟରେ କହୁଛନ୍ତି ଏକ ନିର୍ଦ୍ଦିଷ୍ଟ ନାଗିନ୍ ସେମାନଙ୍କ ଗାଁକୁ ଟାର୍ଗେଟ କରି ଏପରି କରୁଛି । ତେବେ ଏହି ଘଟଣା ଜାଣିବା ପରେ ଲାଗୁଛି ଯଦି ଆମକୁ ଫିଲ୍ମ ଏବଂ ଟିଭିରେ ଏହି ଦୃଶ୍ୟ ଦେଖି ଏତେ ଭୟ ଲାଗୁଛି ତାହେଲେ ବାସ୍ତବ ଜୀବନରେ ଏହା କେତେ ଭୟଙ୍କର ହୋଇଥିବ ।

# ବାରହେତରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ଗାଣ୍ଡେୟରୁ ନାମାଙ୍କନ ଭରିଲେ ପତ୍ନୀ କଳ୍ପନା

ରାଞ୍ଚି: ପ୍ରତ୍ୟକ୍ଷ ନିର୍ବାଚନକୁ ପୁଣିଥରେ ଓହ୍ଲାଇଛନ୍ତି ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ । ସେ ତାଙ୍କ ସ୍ୱାମୀଙ୍କ ଦଳ ଜେଏମଏମରୁ ପ୍ରାର୍ଥୀ ହୋଇଛନ୍ତି । ଦଳ ତାଙ୍କୁ ପ୍ରାର୍ଥୀ କରିବା ପରେ ସେ ଗାଣ୍ଡେୟ ଆସନରୁ ନାମାଙ୍କନ ଭରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ ବାରହେତ ଆସନରୁ ନାମାଙ୍କନ ଦାଖଲ କରିଛନ୍ତି । ଏହାର ଅର୍ଥ ଉଭୟ ସ୍ୱାମୀ-ସ୍ତ୍ରୀ ଗୋଟିଏ ଦିନରେ ସମାନ ଦଳରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

ପ୍ରଥମେ ମଧ୍ୟାହ୍ନ ସମୟରେ କଳ୍ପନା ସୋରେନ ଦଳୀୟ ସମର୍ଥକଙ୍କ ସହ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ସମୟରେ ତାଙ୍କ ସହ ରାଜ୍ୟସଭା ସାଂସଦ ସର୍ଫରାଜ ଅହମଦ ଉପସ୍ଥିତ ରହିଥିଲେ । ଗାଣ୍ଡେୟ ଆସନରୁ ପ୍ରକୃତରେ ସର୍ଫରାଜ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ କିଛି ମାସ ତଳେ ଇସ୍ତଫା ଦେବାରୁ ଏହା ଖାଲି ପଡ଼ିଥିଲା । ସର୍ଫରାଜ ଏବେ ରାଜ୍ୟସଭାର ସାଂସଦ ରହିଛନ୍ତି । ତାଙ୍କ ସ୍ଥାନରେ ଗାଣ୍ଡେୟରୁ କଳ୍ପନା ସୋରେନ ଉପ ନିର୍ବାଚନ ଲଢ଼ିଥିଲେ । ମେ' ମାସରେ ହୋଇଥିବା ଉପ ନିର୍ବାଚନରେ ସେ ବିଜେପିର ଦିଲୀପ କୁମାର ବର୍ମାଙ୍କୁ ହରାଇଥିଲେ । ଏବେ ସେ ପୁଣି ଉକ୍ତ ଆସନରେ ପୁଣି ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ତାଙ୍କର ଲଢ଼େଇ ବିଜେପି ମୁନିଆ ଦେବୀଙ୍କ ସହ ହେବ ।

# ଫେବୃଆରୀ ୧୫ରୁ ସିବିଏସଇ ୧୦ମ, ଦ୍ୱାଦଶ ଥିଓରୀ ପରୀକ୍ଷା




ନୂଆଦିଲ୍ଲୀ: ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସଇ) ୧୦ମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ତାରିଖ ଘୋଷଣା କରିଛି । ସିବିଏସଇ ଏକ ସର୍କୁଲାର ଜାରି କରି କହିଛି ଯେ ୨୦୨୫ ଜାନୁୟାରୀ ୧ରୁ ୧୦ମ ଏବଂ ଦ୍ୱାଦଶର ପ୍ରାକ୍ଟିକାଲ ପରୀକ୍ଷା ଓ ଇଣ୍ଟରନାଲ ଆସେସମେଣ୍ଟ (ଆଇଏ) ଆରମ୍ଭ ହେବ । ଏହାପରେ ଥିଓରୀ ପରୀକ୍ଷା ଫେବୃୟାରୀ ୧୫ରୁ ହେବ ।

ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ସିବିଏସଇ ସର୍କୁଲାର ଜାରି କରି ବୋର୍ଡ ପରୀକ୍ଷା ପେପର୍ ପାଇଁ ନମ୍ବରଗୁଡ଼ିକର ସବଜେକ୍ଟଓ୍ୱାଇଜ୍ ବିବରଣୀ ସେୟାର କରିଛି । ପ୍ରାକ୍ଟିକାଲ ଜାନୁୟାରୀ ୧ରୁ ଆରମ୍ଭ ହୋଇ ବୋର୍ଡ ପରୀକ୍ଷାର ପୂରା ପ୍ରକ୍ରିୟାରେ ସାମିଲ ହେବ । ସ୍କୁଲ ସ୍ତରରେ ଏହି ପରୀକ୍ଷା ଆୟୋଜନ କରାଯିବ । ଏଥିପାଇଁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ଯେଉଁ ସ୍କୁଲରେ ଶୀତକାଳୀନ ଅଧିବେଶନ ଚାଲିଛି, ସେମାନଙ୍କ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ନଭେମ୍ବର ୫ରୁ ଡିସେମ୍ବର ୫ ମଧ୍ୟରେ ଆୟୋଜନ କରାଯିବ । ସିବିଏସଇ ସର୍କୁଲାରରେ ଏହା ମଧ ସ୍ପଷ୍ଟ କରିଛି ଯେ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛି । କାରଣ, ଜାନୁୟାରୀ ମାସରେ ଏମାନଙ୍କ ଛୁଟି ହୋଇଥାଏ ।

ବର୍ତ୍ତମାନ ବୋର୍ଡ ପରୀକ୍ଷାର ଡେଟସିଟକୁ ଅପେକ୍ଷା କରାଯାଇଛି । ଗତ ଧାରାକୁ ଦେଖିଲେ, ଥିଓରି ପେପର ପାଇଁ ସିବିଏସଇ ଟାଇମଟେବୁଲ ଡିସେମ୍ବରରେ ଜାରି ହେବାର ସମ୍ଭାବନା ରହିଛି । ସୂଚନା ମୁତାବକ, ୨୦୨୫ରେ ଦେଶର ୮୦୦୦ ସ୍କୁଲରେ ପାଖାପାଖି ୪୪ ଲକ୍ଷ ଛାତ୍ରଛାତ୍ରୀ ୧୦ମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବେ ।

# ୬ ଅଲ୍ ଜଜିରା ସାମ୍ବାଦିକଙ୍କୁ ଆତଙ୍କବାଦୀ ଘୋଷଣା କଲା ଇସ୍ରାଏଲ୍

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟର ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଅଲ୍ ଜଜିରା ବିରୋଧରେ ଇସ୍ରାଏଲ ଗମ୍ଭୀର ଅଭିଯୋଗ ଆଣିଛି । ଇସ୍ରାଏଲ ସେନା ଦାବି କରିଛି ଯେ ଗାଜାରେ ଉପସ୍ଥିତ ଥିବା ୬ ଜଣ ଅଲ୍ ଜାଜିରା ସାମ୍ବାଦିକ ପାଲେଷ୍ଟାଇନ ଆତଙ୍କବାଦୀ ଏବଂ କେତେକ ଆତଙ୍କବାଦୀ ଗୋଷ୍ଠୀ ସହିତ ସମ୍ପର୍କ ରଖିଛନ୍ତି । ତେବେ ଇସ୍ରାଏଲ ସେନାର ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ଖଣ୍ଡନ କରିଛି ଅଲ୍ ଜଜିରା ।

ଅଲ୍ ଜଜିରାର ମୁଖ୍ୟାଳୟ କତାରର ରାଜଧାନୀ ଦୋହାରେ ରହିଛି । ଏହା ଉପସାଗରୀୟ ଅଞ୍ଚଳର ଅଗ୍ରଣୀ ଗଣମାଧ୍ୟମ ଗୋଷ୍ଠୀ ହିସାବରେ ଜଣାଶୁଣା । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) କହିଛି ଯେ ଗାଜାରୁ ମିଳିଥିବା ଗୁଇନ୍ଦା ଏବଂ ବିଭିନ୍ନ ଦସ୍ତାବିଜ ଆତଙ୍କବାଦୀ ସଂଗଠନ ସହ ୬ ଜଣ ଅଲ୍ ଜଜିରାର ସାମ୍ବାଦିକଙ୍କ ସଂପର୍କକୁ ନିଶ୍ଚିତ କରୁଛି ।

ଏହି ସାମ୍ବାଦିକମାନେ ହମାସ ଏବଂ ଇସଲାମିକ ଜିହାଦ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଅଛନ୍ତି । ସେମାନଙ୍କ ନିକଟରୁ ମିଳିଥିବା କାଗଜପତ୍ରରେ ଆତଙ୍କବାଦୀଙ୍କ ପ୍ରଶିକ୍ଷଣ ପାଠ୍ୟକ୍ରମ, ଫୋନ୍ ଡିରେକ୍ଟୋରି ଏବଂ ଆତଙ୍କବାଦୀଙ୍କ ଦରମା ବିବରଣୀ ରହିଛି । ଆଇଡିଏଫ ବୁଧବାର ଏକ ଟ୍ୱିଟ୍ କରି କହିଛି ଯେ ଅଲ ଜଜିରାରେ ଯେ ହମାସର ଅନୁପ୍ରବେଶ ରହିଛି ତାହା ଏସବୁ କାଗଜପତ୍ର ନିଶ୍ଚିତ କରୁଛି ।

# ଫିଲିପାଇନ୍ସରେ ଘୂର୍ଣ୍ଣିଝଡ ଟ୍ରାମି ତାଣ୍ଡବ : ବନ୍ୟା ଓ ଭୂସ୍ଖଳନ , ୨୬ ମୃତ



ନୂଆଦିଲ୍ଲୀ: ଫିଲିପାଇନ୍ସରେ ତାଣ୍ଡବ ରଚିଛି ଘୂର୍ଣ୍ଣିଝଡ ଟ୍ରାମି । ଝଡତୋଫାନ ଯୋଗୁଁ ଭୂସ୍ଖଳନ ଏବଂ ବନ୍ୟା ସ୍ଥିତି ଉପୁଜିଛି । ଫଳରେ ୨୬ ଜଣଙ୍କର ଜୀବନ ଚାଲିଯାଇଛି । ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି । ଟ୍ରାମି ଯୋଗୁଁ ପ୍ରବଳ ବର୍ଷା ହେବା ସହିତ ବଡ ବଡ ଗଛ ଉପୁଡିଛି । କିଛି ସ୍ଥାନରେ ଭୂସ୍ଖଳନ ହୋଇଛି । ବନ୍ୟା କାରଣରୁ ରାସ୍ତାଘାଟ ଧୋଇଯାଇଛି । ସରକାର ସ୍କୁଲ ଓ କଲେଜ ବନ୍ଦ କରିଛନ୍ତି ।

ଘୂର୍ଣ୍ଣିଝଡ ଟ୍ରାମି ପୂର୍ବ-ଉତ୍ତରରେ ମାଡ ହୋଇଥିଲା । ଲକ୍ଷ ଲକ୍ଷ ଲୋକଙ୍କୁ ବଞ୍ଚାଇବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଘରର ଛାତରେ ଫଶିଥିବା ଲୋକଙ୍କୁ ଉଦ୍ଧାର ପାଇଁ ମୋଟରବୋଟ୍ ସହାୟତା ନିଆଯାଉଛି । ଘୂର୍ଣ୍ଣିଝଡ ଯୋଗୁଁ ଘଣ୍ଟା ପ୍ରତି ୯୫ କିମି ପବନ ବୋହୁଛି । ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଅନେକ ଅଞ୍ଚଳ ପ୍ରଭାବିତ ହେଉଛି । ଅଧିକାଂଶ ଲୋକଙ୍କ ମୃତ୍ୟୁ ବନ୍ୟା ପାଣିରେ ବୁଡିଥିବା ଯୋଗୁଁ ହୋଇଛି ।

ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟରେ ୧୫୦୦ ପୋଲିସ କର୍ମୀ ନିୟୋଜିତ ରହିଛନ୍ତି । ପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ସମସ୍ତ ପ୍ରକାରର ଚେଷ୍ଟା ଚାଲିଛି । ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବା ପାଇଁ ଚେଷ୍ଟା ଚାଲିଛି ।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ଆସିଥିବା ୟାଗୀ ଯୋଗୁଁ ଫିଲିପାଇନ୍ସ ଛାରଖାର ହୋଇଥିଲା । ଉତ୍ତର ଫିଲିପାଇନ୍ସରେ ମଙ୍ଗଳବାର ଏକ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ଯୋଗୁ ବନ୍ୟା ଓ ଭୂସ୍ଖଳନ ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା । ପବନର ଘଣ୍ଟା ପ୍ରତି ବେଗ ଥିଲା ୧୨୫ କିଲୋମିଟର । ଘୂର୍ଣ୍ଣିଝଡ଼ 'ୟାଗି' ଇଲୋକୋସ୍ ନର୍ଟେ ପ୍ରଦେଶର ପାଓୟ ସହର ଦେଇ ଘଣ୍ଟା ପ୍ରତି ୭୫ କିଲୋମିଟର ବେଗରେ ଦକ୍ଷିଣ ଚୀନ୍ ସାଗରକୁ ଛୁଇଁଥିଲା । ପ୍ରତିବର୍ଷକୁ ୨୦ରୁ ଅଧିକ ଘୂର୍ଣ୍ଣିଝଡ ଫିଲିପାଇନ୍ସରେ ଆସିଥାଏ । ୨୦୧୩ରେ ଟାଇଫୁନ ହେୟାନ ଯୋଗୁଁ ୭,୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ଅନେକ ଜୀବନ ଚାଲିଯାଇଥିଲା ।

# ଥମୁନି ବିମାନରେ ବୋମା ଧମକ
## ଏକାଥରକେ ୮୫ ବିମାନକୁ ମିଳିଲା ଧମକ




ନୂଆଦିଲ୍ଲୀ: ବିମାନରେ ପୁଣି ବୋମା ଧମକ । ଏଥର ଏକାଥରକେ ୮୫ ବିମାନକୁ ବୋମା ଧମକ । ୨୦ ଏୟାର ଇଣ୍ଡିଆ, ୨୦ଇଣ୍ଡିଗୋ, ୨୦ ଭିସ୍ତାରା ଏବଂ ୨୫ ଆକାଶା ବିମାନକୁ ବୋମା ଧମକ ମିଳିଛି ।

ଏହା ପୂର୍ବରୁ ଦିଲ୍ଲୀ ପୋଲିସ ଗତ ୮ ଦିନରେ ୧୭୦ରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ବିମାନରେ ବୋମା ଧମକ ମିଳିଛି । ଏଥିପାଇଁ ୮ଟି ସ୍ଥାନରେ ଅଲଗା ଅଲଗା ଏଫଆଇଆର ଦାୟର ହୋଇଛି । ଯେଉଁ ଉଡାଣକୁ ଧମକ ମିଳିଛି, ସେଥିରେ ଏୟାର ଇଣ୍ଡିଆ, ଇଣ୍ଡିଗୋ, ଭିସ୍ତାରା ଏବଂ ଆକାଶା ଏୟାରଲାଇନ୍ସ ରହିଛି । ତେବେ ଧମକ ମିଳିବା ପରେ ପୋଲିସ ମାମଲାର ଯାଞ୍ଚ କରୁଛି । ଦିଲ୍ଲୀ ପୋଲିସର ସାଇବର ସେଲର ବିଭିନ୍ନ ଟିମ ଉଡାଣ ଉପରେ ନଜର ରଖିଛି । ସୋସିଆଲ ମିଡିଆ ସହିତ ଅନ୍ୟ ଗତିବିଧି ଉପରେ ନଜରରଖିଛି । ଗତ ସପ୍ତାହରେ ଅତିକମରେ ୧୭୦ରୁ ଅଧିକ ଉଡାଣ ବୋମାକୁ ଧମକ ମିଳିଛି ।

ବିମାନରେ ବୋମା ଥିବା ମିଛ ପ୍ରଚାର ପାଇଁ ୬୦ରୁ ୮୦ କୋଟି ଟଙ୍କା ବିମାନ କମ୍ପାନୀ କ୍ଷତି ସହୁଛି । ତେବେ ବିମାନରେ ବୋମା ରହିଥିବାର ସୂଚନା ମିଳିବା ପରେ ବିମାନଟି ପାଖରେ ଥିବା ଏୟାରପୋର୍ଟରେ ଅବତରଣ କରିବାକୁ ପଡିଥାଏ । ଏହା କେବଳ ଅଧିକ ଇନ୍ଧନ ଖର୍ଚ୍ଚ କରେ ନାହିଁ । ବିମାନଟିକୁ ଯାଞ୍ଚ କରିବା ଯାତ୍ରୀମାନଙ୍କ ପାଇଁ ହୋଟେଲର ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପର୍ଯ୍ୟନ୍ତ ବ୍ୟବସ୍ଥା କରିବାକୁ ପଡିଥାଏ । ଏହି ସମସ୍ତ ବ୍ୟବସ୍ଥା କରିବା ପାଇଁ ପ୍ରାୟ ତିନି କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ । ସୋମବାରରୁ ଏପର୍ଯ୍ୟନ୍ତ ୧୭୦ରୁ ଅଧିକ ଫ୍ଲାଇଟ୍ସକୁ ବୋମାରେ ଉଡାଇଦେବା ଧମକ ମିଳିଛି । ଗତକାଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଥିଲେ ଯେ ଏୟାରଲାଇନ୍ କମ୍ପାନୀକୁ ହକ୍ସ ବା ମିଥ୍ୟା କଲ୍ କଲେ ଏବେ ଏହା ଅପରାଧ ଭାବରେ ବିବେଚିତ ହେବ ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ: କିଟ୍ ଚାମ୍ପିଅନ




ଭୁବନେଶ୍ୱର, ୨୪।୧୦ (ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ (ମହିଳା) ଟୁର୍ଣ୍ଣାମେଣ୍ଟରେ କିଟ୍ ଚାମ୍ପିଅନ ହୋଇଛି । ଶ୍ରେଷ୍ଠ ୪ଟି ଦଳ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ କିଟ୍ ୨-୦ ଗେମ୍‌ରେ କୋଲକାତାକୁ, ୨-୦ରେ ଭିଭିଏସ୍ ପୂର୍ବାଞ୍ଚଳକୁ ଏବଂ ଫାଇନାଲରେ କୋଲକାତାର ଆଦମସ ବିଶ୍ୱବିଦ୍ୟାଳୟକୁ ପରାଜିତ କରି ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ୍‌ରେ କିଟ୍‌ର ହର୍ଷିତା ରାଉତ ୨୧-୧୬, ୧୪-୨୧, ୨୧-୧୭ ଗେମ୍‌ରେ ଗୌରୀ କ୍ରିଷ୍ଣାଙ୍କୁ ହରାଇଥିଲେ । ଡବଲ୍ସରେ ହର୍ଷିତା ରାଉତ ଓ ସ୍ମୃତି ସ୍ୱାଇଁ ୨୪-୨୨, ୫-୨ ଗେମ୍‌ରେ ବିଜୟଲାଭ କରିଥିଲେ । ଏହି ପ୍ରତିଯୋଗିତାରେ କିଟ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଆଦମସ ଦ୍ୱିତୀୟ, ୟୁନିଭର୍ସିଟି ଅଫ୍ କୋଲକାତା ତୃତୀୟ ଏବଂ ଭିଭିଏସ୍ ପୂର୍ବାଞ୍ଚଳ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଫଳ ପ୍ରତିଯୋଗୀ ସ୍ମୃତି ସ୍ୱାଇଁ, ହର୍ଷିତା ରାଉତ ଓ ସିମ୍ରନ ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୱାଶିଂଟନଙ୍କୁ ୭ ୱିକେଟ, ନ୍ୟୁଜିଲାଣ୍ଡ ୨୫୯




ପୁନେ, ୨୪।୧୦ (ଏଜେନ୍ସି) : ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୁନେରେ ଆରମ୍ଭ ହୋଇଛି । ପ୍ରଥମ ଦିନ ଦମ୍ ଦେଖାଇଛନ୍ତି ଭାରତୀୟ ସ୍ପିନର ୱାଶିଂଟନ ସୁନ୍ଦର ଓ ରବିଚନ୍ଦ୍ରନ ଅଶ୍ୱିନ । ସୁନ୍ଦର ୭ ୱିକେଟ ଦଖଲ କରିଥିବାବେଳେ ଅଭିଜ୍ଞ ଅଶ୍ୱିନଙ୍କୁ ମିଳିଛି ୩ ୱିକେଟ । ପୁନେରେ ଦମ୍ ଦେଖାଇଛନ୍ତି ଯୁବ ତାରକା ୱାଶିଂଟନ । ନିଜ ସ୍ପିନ୍ ଜାଲରେ ସେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ଫସାଇଛନ୍ତି । ତାଙ୍କ ଘାତକ ବୋଲିଂ ଯୋଗୁ ନ୍ୟୁଜିଲାଣ୍ଡର ବିଶାଳ ସ୍କୋର ଆଶା ୨୫୯ ରନରେ ସୀମିତ ରହିଛି । ୨୦୨୧ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା ୱାଶିଂଟନ ଭ୍ରମଣକାରୀ ଟିମ୍ ପାଇଁ ପ୍ରତିବନ୍ଧକ ସାଜିଥିଲେ । ନ୍ୟୁଜିଲାଣ୍ଡର ଦେବନ କନ୍‌ୱେ ୭୬ ରନ କରିଥିବାବେଳେ ପ୍ରଥମ ଟେଷ୍ଟର ହୀରୋ ରଚିନ ରବୀନ୍ଦ୍ର ୬୫ ରନର ଇନିଂସ ଖେଳିଥିଲେ ।

ନ୍ୟୁଜିଲାଣ୍ଡ ଅଲଆଉଟ ହେବାପରେ ଭାରତ ୧୧ ଓଭର ବ୍ୟାଟିଂ କରିଛି । ଅଧିନାୟକ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବାବେଳେ ଷ୍ଟମ୍ପ ବେଳକୁ ଦଳୀୟ ସ୍କୋର ୧୬ ରନ ହୋଇଥିଲା । ଶୁଭମନ ଗିଲ ୧୦ ରନ ଓ ଯଶସ୍ୱୀ ଜୟସ୍ୱାଲ ଅପରାଜିତ ଅଛନ୍ତି ।

ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା । ୩୨ ରନରେ ଦଳକୁ ପ୍ରଥମ ଝଟକା ଲାଗିଥିଲା । ଅଧିନାୟକ ଟମ୍ ଲାଥମ ୧୫ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଥିଲେ । ୱିଲି ୟଙ୍ଗ ୧୮ ରନ କରି ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ୭୬ ରନରେ ଦ୍ୱିତୀୟ ୱିକେଟ ହରାଇଥିବା ନ୍ୟୁଜିଲାଣ୍ଡକୁ ଦେବନ କନ୍‌ୱେ ଓ ରଚିନା ରବୀନ୍ଦ୍ର ସମ୍ଭାଳି ନେଇଥିଲେ । ମଧ୍ୟାହ୍ନଭୋଜନ ବିରତି ଯାଏ ଦୁହେଁ ଆଉ ୱିକେଟ ଝଡ଼ିବାକୁ ଦେଇ ନଥିଲେ । କନ୍‌ୱେ ଅର୍ଦ୍ଧଶତକ ହାସଲ କରିଥିଲେ । ୭୬ ରନର ସ୍କୋରରେ କନୱେଙ୍କୁ ଆଉଟ କରି ତୃତୀୟ ଝଟ୍‌କା ଦେଇଥିଲେ ଅଶ୍ୱିନ । ତଥାପି ରଚିନ ରବୀନ୍ଦ୍ର ୧୦୫ ବଲରୁ ୬୫ ରନ ସଂଗ୍ରହ କରି ସ୍ଥିତି ଦୃଢ଼ କରିଥିଲେ । ଅଶ୍ୱିନଙ୍କ ତିନି ୱିକେଟ ପରେ ପରବର୍ତ୍ତୀ ୭ଟି ଯାକ ୱିକେଟ ୱାଶିଂଟନ ସୁନ୍ଦରଙ୍କ ଖାତାକୁ ଯାଇଥିଲା । ରବୀନ୍ଦ୍ରଙ୍କୁ ପ୍ରଥମ ଶିକାର ବନାଇଥିଲେ ୱାଶିଂଟନ । ଦ୍ୱିତୀୟ ଅଧିବେଶନର ଶେଷ ବଲରେ ଟମ୍ ବ୍ଲୁଣ୍ଡେଲ (୩)ଙ୍କୁ ଆଉଟ କରିଥିଲେ । ଟା'-ପାନ ବିରତି ସୁଦ୍ଧା ନ୍ୟୁଜିଲାଣ୍ଡ ୫ ୱିକେଟ ହରାଇ ୨୦୧ ରନ କରିଥିଲା । ତୃତୀୟ ଅଧିବେଶନରେ ଅବଶିଷ୍ଟ ୫ ୱିକେଟ ଦଖଲ କରିଥିଲେ ୱାଶିଂଟନ । ଡାର୍ଲି ମିଚେଲ ୧୮ ରନ, ଟମ୍ ବ୍ଲୁଣ୍ଡେନ ୩, ଗ୍ଲେନ ଫିଲିପ୍ସ ୯, ମିଚେଲ ସାଣ୍ଟନର ୩୩, ଟିମ୍ ସାଉଦୀ (୫) ଓ ଏଜାଜ ପଟେଲ (୪)ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡ ଇନିଂସର ଯବନିକା ଟାଣିଥିଲେ ୱାଶିଂଟନ । ତେଣୁ ୭୯.୧ ଓଭରରେ ୨୫୯ ରନ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା । ଶେଷ ଅଧିବେଶନରେ ଭାରତ ୧୧ ଓଭର ଖେଳିଥିଲା । ଅଧିନାୟକ ରୋହିତ ଶର୍ମା ୯ଟି ବଲର ସମ୍ମୁଖୀନ ହୋଇ ଖାତା ଖୋଲିବା ପୂର୍ବରୁ ସାଉଦୀଙ୍କ ବଲରେ କ୍ଲିନ୍‌ବୋଲ୍ଡ ହୋଇଥିଲେ । କିନ୍ତୁ ଦୁଇ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ୬ ଓ ଶୁଭମନ ଗିଲ ୧୦ ରନ କରି ଅପରାଜିତ ଥିଲେ । ପୁନେରେ ୱାଶିଂଟନ ସୁନ୍ଦର ପ୍ରଥମ ଭାରତୀୟ ବୋଲର ଭାବେ ୫ କିମ୍ବା ତା'ଠୁ ଅଧିକ ୱିକେଟ ନେବାର ରେକର୍ଡ଼ କରିଛନ୍ତି ।

# ୧୧ବର୍ଷ ପରେ ଏସିଆରେ ଟେଷ୍ଟ ଜିତିଲା ଦ.ଆଫ୍ରିକା




ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଦ.ଆଫ୍ରିକା ଦଳ ଏସିଆ ମହାଦେଶରେ ଟେଷ୍ଟ ମ୍ୟାଚ୍ ଜିତିବାର ଗୌରବ ଅର୍ଜନ କରିଛି । ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟକୁ ଭ୍ରମଣକାରୀ ଦଳ ୭ ୱିକେଟରେ ଜିତି ନେଇଛି । ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ସ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନକୁ ଉଠିଛି । ଦ.ଆଫ୍ରିକା ୧୧ ବର୍ଷ ପରେ ଏସିଆରେ କୌଣସି ଟେଷ୍ଟ ଜିତିଥିବାବେଳେ ବାଂଲାଦେଶ ବିପକ୍ଷରେ ଶତପ୍ରତିଶତ ବିଜୟ ରେକର୍ଡ଼ ବଜାୟ ରଖିଛି । ୨୦୧୪ ଜୁଲାଇରେ ଶେଷଥର ପାଇଁ ଦ.ଆଫ୍ରିକା ଏସିଆ ମହାଦେଶରେ ଟେଷ୍ଟ ମ୍ୟାଚ୍ ଜିତିଥିଲା । ଏହି ମ୍ୟାଚ୍‌ରେ ଦ.ଆଫ୍ରିକା ପ୍ରତିପକ୍ଷ ଶ୍ରୀଲଙ୍କାକୁ ଧରାଶାୟୀ କରିଥିଲା ।

ବାଂଲାଦେଶକୁ ହରାଇବା ପରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଦ.ଆଫ୍ରିକାର ବିଜୟ ପ୍ରତିଶତ ୪୭.୬୨କୁ ବଢ଼ିଛି । ଦଳ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ପଛରେ ପକାଇଛି । ସେହିପରି ଦ.ଆଫ୍ରିକାଠାରୁ ହାରିବା ପରେ ବାଂଲାଦେଶର ବିଜୟ ପ୍ରତିଶତ ୩୦.୫୬କୁ ଖସିଛି । ଦଳ ଏବେ ୭ମ ସ୍ଥାନରେ ରହିଛି । ଭାରତ ପୂର୍ବ ଭଳି ୧ନମ୍ବର ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି । ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ବାଂଲାଦେଶ ୧୦୬ ରନ କରିଥିଲା । ଏହାର ଜବାବରେ କାଏଲ ଭେରଏନଙ୍କ ୧୧୪ ରନ ବଳରେ ଦ.ଆଫ୍ରିକା ୩୦୮ ରନ କରିଥିଲା । ତେଣୁ ଦଳ ୨୦୨ ରନର ଅଗ୍ରଣୀ ରହିଥିଲା ।

ଦ୍ୱିତୀୟ ଇନିଂସରେ ମେହଦୀ ହାସନ ମିର୍ଜା ୯୭ ରନ କରିଥିଲେ ହେଁ ବାଂଲାଦେଶ ୩୦୭ ରନରେ ଅଲଆଉଟ ହୋଇଥିଲା । ଦ.ଆଫ୍ରିକାକୁ ଜିତିବା ପାଇଁ ୧୦୬ ରନର ଟାର୍ଗେଟ ମିଳିଥିଲା । ଏହାକୁ ଅତି ସହଜରେ ଦ.ଆଫ୍ରିକା ୩ ୱିକେଟ ହରାଇ ହାସଲ କରିନେଇଥିଲା ।

# ରାଣୀ ରାମପାଲଙ୍କ ଅବସର

ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି) : ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି । ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ତାଙ୍କ ନେତୃତ୍ୱରେ ଖେଳିଥିଲା । ଏଥିସହ ଭାରତୀୟ ଦଳ ପ୍ରଥମ ଥର ପାଇଁ ସେମିଫାଇନାଲ ଯୋଗ୍ୟତା ଅର୍ଜନ କରିଥିଲା । ଟୋକିଓ ଅଲିମ୍ପିକ୍ସ ପରେ ୨୯ ବର୍ଷିୟା ରାଣୀ ଆହତ ସମସ୍ୟା ନେଇ ଗତି କରିଥିଲେ । ସେ ନିଜ ପ୍ରିୟ ଖେଳ ହକିକୁ ବିଦାୟ ଦେଇଛନ୍ତି । ଦୀର୍ଘ ୧୬ ବର୍ଷ ହେଲା ସେ ଜାତୀୟ ଦଳ ପାଇଁ ଖେଳିଆସୁଥିଲେ । ଭାରତ ପାଇଁ ୨୫୦ରୁ ଅଧିକ ମ୍ୟାଚ୍ ଖେଳିଥିବା ରାଣୀଙ୍କ ଷ୍ଟିକ୍‌ରୁ ୧୦୦ରୁ ଅଧିକ ଗୋଲ୍ ଦେଖିବାକୁ ମିଳିଥିଲା । ଅବସର ସମ୍ପର୍କରେ ଘୋଷଣା କରି ରାଣୀ କହିଛନ୍ତି ଏହା ଅତ୍ୟନ୍ତ ଅଭୂତପୂର୍ବ ଯାତ୍ରା ଥିଲା । ଭାରତ ପାଇଁ ଏତେଦିନ ଖେଳିବି ବୋଲି ଭାବି ନଥିଲି । ସବୁବେଳେ କିଛି କରିବା ପାଇଁ ଓ ମୋ ଦେଶକୁ ପ୍ରତିନିଧିତ୍ୱ କରିବାକୁ ଚାହୁଁଥିଲି । ଦେଶ ପାଇଁ ଖେଳିବାଠାରୁ ଖୁସି ଆଉ କିଛି ନାହିଁ ବୋଲି ରାଣୀ କହିଛନ୍ତି ।




ନିକଟରେ ଜାତୀୟ ସବ୍‌ଜୁନିଅର ଦଳର କୋଚ୍ ଭାବେ ରାଣୀଙ୍କୁ ନିଯୁକ୍ତି ମିଳିଥିଲା । ଏହାର କିଛିଦିନ ପରେ ସେ ହକିକୁ ଅଲବିଦା କରିଛନ୍ତି । ମାତ୍ର ୧୪ ବର୍ଷ ବୟସରେ ସେ ଭାରତ ପାଇଁ ଡେବ୍ୟୁ କରିଥିଲେ । ୨୦୦୮ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ସେ ନଜର ଆସିଥିଲେ । ସେ ସର୍ବକନିଷ୍ଠ ହକି ଖେଳାଳି ଭାବେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ । ୧୫ ବର୍ଷ ବେଳକୁ ସେ ଭାରତୀୟ ଦଳରେ ସାମିଲ ହୋଇ ୨୦୧୦ ବିଶ୍ୱକପରେ ଭାଗ ନେଇଥିଲେ । ବିଶ୍ୱକପରେ ସେ ୭ଟି ଗୋଲ୍ କରିଥିଲେ । ୧୯୭୮ ପରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା ଓ ଭାରତ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ପହଞ୍ଚି ଥିଲା । ରାଣୀ ରାମପାଲ ଉଭୟ ଫରୱାର୍ଡ ଓ ମିଡ୍ ଫିଲ୍ଡର ଖେଳାଳି ଭାବେ ଜଣାଶୁଣା । ଭାରତୀୟ ଦଳର ଅନେକ ବିଜୟରେ ରାଣୀଙ୍କ ଭୂମିକା ଅତୁଳନୀୟ । ୨୦୧୭ ଏସିଆ କପରେ ଭାରତ ରୌପ୍ୟ ପଦକ, ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରେ ରାମପାଲ ସାମିଲ ଥିଲେ । ଏସିଆନ ଗେମ୍ସର ଉଦ୍‌ଯାପନୀ ଉତ୍ସବରେ ରାଣୀ ଭାରତର ଧ୍ୱଜା ବାହକ ସାଜିଥିଲେ । ଭାରତୀୟ ହକି ପ୍ରତି ତାଙ୍କର ଅବଦାନ ପାଇଁ ୨୦୧୬ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା । ୨୦୨୦ରେ ସେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ଓ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୧୦ ମହିଳା ହକି ବିଶ୍ୱକପରେ ରାଣୀ ପ୍ରତିଯୋଗିତାର ଶ୍ରେଷ୍ଠ ଯୁବା ଖେଳାଳି ଓ ୨୦୧୩ରେ ଜୁନିଅର ବିଶ୍ୱକପରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ । ଭାରତ ମଧ୍ୟ ଜୁନିଅର ବିଶ୍ୱକପରେ ବ୍ରୋଞ୍ଜ ପଦକ ହାସଲ କରିଥିଲା ।

# ରୋହିତଙ୍କୁ ଅଟୋଗ୍ରାଫ୍ ମାଗିଲେ ମହିଳା ଫ୍ୟାନ

ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି): ରୋହିତ ଶର୍ମା କେବେ ବି ନିଜ ପ୍ରଶଂସକଙ୍କୁ ନିରାଶ କରନ୍ତି ନାହିଁ । ସବୁବେଳେ ରୋହିତ ଚେଷ୍ଟା କରନ୍ତି ପ୍ରଶଂସକଙ୍କ ସହିତ ଫଟୋ ଉଠାଇବା କିମ୍ବା ଅଟୋଗ୍ରାଫ ଦେବା । ଏପରିସ୍ଥଳେ ପୁନେରେ ଏମିତି କିଛି ଦେଖିବାକୁ ମିଳିଛି । ଜଣେ ମହିଳା ପ୍ରଶଂସକ ରୋହିତ ଶର୍ମାଙ୍କ ଅଟୋଗ୍ରାଫ ନେବାକୁ ଚାହିଁଥିଲେ । ରୋହିତ ଶର୍ମାଙ୍କ ଏହି ପ୍ରଶଂସକ କହିଥିଲେ, ରୋହିତ ଭାଇ ପ୍ଲିଜ୍ ଅଟୋଗ୍ରାଫ ଦିଅ । ରୋହିତ ତୁରନ୍ତ ଅଟୋଗ୍ରାଫ ଦେଇଥିଲେ । ପରେ ମହିଳା ଜଣଙ୍କ ଧନ୍ୟବାଦ ଜଣାଇବା ସହିତ ବିରାଟ ଭାଇଙ୍କ ବଡ଼ ଫ୍ୟାନ ବୋଲି କହିଦେବାକୁ କହିଥିଲେ । ଏହା ଶୁଣି ରୋହିତ ଶର୍ମା ହସିଲେ ଏବଂ କହିଲେ ହଁ କହିଦେବି । ରୋହିତ ଶର୍ମା ପୁନେ ମଇଦାନରୁ ଫେରିବା ବେଳେ ମହିଳା ପ୍ରଶଂସକ ଜଣଙ୍କ ଏଭଳି କହିଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଗତ ମଙ୍ଗଳବାର ରୋହିତ ଶର୍ମା ପୁନେରେ ଅଭ୍ୟାସ କରିଥିଲେ । ପୁନେ ପିଚ୍ ତଦାରଖ କରିଥିଲେ । ନେଟ୍ସରେ ଅଭ୍ୟାସ କରିଥିଲେ । ଏହାପରେ ମଇଦାନକୁ ଫେରିବା ବେଳେ ପ୍ରଶଂସକ ଜଣଙ୍କ ସାକ୍ଷାତ କରିଥିଲେ ।



# ମ୍ୟାଚ୍ ଜିତିଲା, କିନ୍ତୁ ଶୃଙ୍ଖଳା ହାରିଲା ଭାରତ



ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି): ବିଶ୍ୱ ବିଜେତା ତଥା ଅଲିମ୍ପିକ୍ସରେ ରୌପ୍ୟ ଜିତିଥିବା ଜର୍ମାନୀ ବିପକ୍ଷରେ ଭାରତ ଦମଦାର ପ୍ରଦର୍ଶନ କରିଥିଲେ ହେଁ ହକି ଟେଷ୍ଟ ଶୃଙ୍ଖଳା ହାରିଯାଇଛି । ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଛି । ଏହି ଟେଷ୍ଟ ଶୃଙ୍ଖଳାକୁ ଘରୋଇ ଟିମ୍ ସୁଟ୍‌ଆଉଟରେ ଜର୍ମାନୀଠାରୁ ହାରିଯାଇଛି । ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ହକି ଶୃଙ୍ଖଳା ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌କୁ ଜର୍ମାନୀ ୨-୦ରେ ଜିତିଥିବାବେଳେ ଗୁରୁବାର ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା । ବୁଧବାର ପରାଜୟକୁ ଭୁଲି ଭାରତ ୫-୩ରେ ଜର୍ମାନୀକୁ ଧରାଶାୟୀ କରିଥିଲା । ଶୃଙ୍ଖଳା ୧-୧ରେ ବରାବର ହେବାରୁ ଟ୍ରଫି ପାଇଁ ସୁଟ୍‌ଆଉଟ ହୋଇଥିଲା । ଏହି ପର୍ଯ୍ୟାୟରେ ଅଧିନାୟକ ହରମନପ୍ରୀତ ସିଂହ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ଭାରତ ୧-୩ରେ ପରାଜିତ ହୋଇଥିଲା । ଦିଲ୍ଲୀ ଟ୍ରଫି ଜିତି ଜର୍ମାନୀ ଫେରିଯାଇଛି ।

ଏହି ମ୍ୟାଚ୍‌ରେ ଜର୍ମାନୀ ପ୍ରଥମ ଗୋଲ କରିଥିଲା । ଲିଅନ ମାଜକୌ ଗୋଲ୍‌ସ୍କୋର କରି ଜର୍ମାନୀକୁ ୧-୦ରେ ଆଗୁଆ କରିଥିଲେ । ଏହାପରେ ପ୍ରଥମ ହାଫ୍‌ରେ ଆଉ ଗୋଲ ହୋଇ ନଥିଲା । ଦ୍ୱିତୀୟ ହାଫ୍‌ରେ ଭାରତ ଆଟାକିଂ ଖେଳିଥିଲା । ଦଳ ପାଇଁ ସୁଖଜିତ୍ ସିଂହ ୩୪ତମ ମିନିଟରେ ଗୋଲ୍ କରିଥିଲେ । ୪୨ ଓ ୪୩ତମ ମିନିଟରେ ହରମନପ୍ରୀତ ସିଂହ ଗୋଲ୍‌ସ୍କୋର କରି ଦଳକୁ ୩-୧ରେ ଅଗ୍ରଣୀ କରିଥିଲେ । ଏହାର ୨ ମିନିଟ ପରେ ଅଭିଶେକ (୪୫) ଓ (୪୮)ତମ ମିନିଟରେ ସୁଖଜିତ ଗୋଲ୍ କରିବାରୁ ମ୍ୟାଚ୍ ୫-୧ ସ୍ଥିତିକୁ ଚାଲିଆସିଥିଲା । ଭାରତ ବିଜୟ ଆଡ଼କୁ ଯାଉଥିବା ବେଳେ ଜର୍ମାନୀ ପକ୍ଷରୁ ୫୭ତମ ମିନିଟରେ ଲିଆନ ଆଉ ଏକ ଗୋଲ ଦେଇଥିଲେ । ଶେଷ ମିନିଟରେ ହେନ୍‌ରିକ ମୋର୍ଟେଗେଲ୍ସ ଗୋଲ କରିବାରୁ ମ୍ୟାଚ୍ ୩-୫ ସ୍ଥିତିକୁ ଚାଲିଆସିଥିଲା । ଏହାସତ୍ତ୍ୱେ ଭାରତ ଦ୍ୱିତୀୟ ମ୍ୟାଚ୍‌କୁ ୫-୩ ଗୋଲ୍‌ରେ ଜିତିଥିଲା । ଏହି ମ୍ୟାଚ୍ ଡ୍ର' ହେବା କାରଣରୁ କେଉଁ ଦଳ ଶୃଙ୍ଖଳା ଜିତିଲା ତାହା ସ୍ଥିର ହୋଇପାରି ନଥିଲା । ଏଦୃଷ୍ଟିରୁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ପ୍ରଥମ ପ୍ରୟାସରେ ଜର୍ମାନୀ ଗୋଲ୍ କରିଥିବାବେଳେ ଭାରତ ପକ୍ଷରୁ ହରମନପ୍ରୀତ୍ ସିଂହ ଟାର୍ଗେଟ ମିସ୍ କରିଥିଲେ । ଦ୍ୱିତୀୟ ସଟ୍‌କୁ ଭାରତର ଗୋଲ୍‌କିପର କ୍ରିଷ୍ଣା ବାହାଦୁର ପାଠକ ଅଟକାଇ ଦେଇଥିଲେ । ଭାରତ ପାଇଁ ଅଭିଶେକ ଗୋଲ କରି ସ୍ଥିତି ୧-୧ କରିଥିଲେ । ତୃତୀୟ ପ୍ରୟାସକୁ ଉଭୟ ଦଳ ମିସ୍ କରିଥିଲେ । ୪ର୍ଥ ଓ ୫ମ ସଟ୍‌ରେ ଜର୍ମାନୀ ଗୋଲ୍ କରିଥିଲେ ହେଁ ଭାରତ ବିଫଳ ହୋଇଥିଲା । ତେଣୁ ଜର୍ମାନୀ ୩-୧ ସୁଟ୍‌ଆଉଟ୍ ଗୋଲରେ ଶୃଙ୍ଖଳା କବ୍‌ଜା କରିଛି ।



ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541